# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 3/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 249 | ମୂଲ୍ୟ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
No Tobacco, No Nicotine
•Not recommended for minors
•Chewing of pan masala is injurious to health



**ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା**

ଭାରତୀୟ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉ ନ ଥିବା କହି ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି।

୦୯

୧୪

**ଜୟସ୍ୱାଲଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ।





ଶନିବାର ସକାଳେ ଲଗାତର ଦ୍ୱିତୀୟ ଦିନ ପାଇଁ ଇଣ୍ଡୋନେସିଆର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ମାଉଣ୍ଟ ଲେଓ୍ୱଟୋବି ଲାକି-ଲାକିରେ ଉଦ୍‌ଗିରଣ ହୋଇଛି। ୧୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ଆକାଶରେ ନିଆଁ ସହ ପାଉଁଶ ଉଡୁଥିବା ଦେଖିବାକୁ ମିଳିଥିଲା।

# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

**ଜୁଲାଇ ୧୯ରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେବାରୁ ଗୁରୁତର ଆହତ ହୋଇ ନୂଆଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର(ନୂଆ ଗୋପାଳପୁର) ଗ୍ରାମର ୧୫ ବର୍ଷୀୟା ନାବାଳିକା ସମିଦା ଖାତୁନଙ୍କ ଶନିବାର ମୃତ୍ୟୁ ଘଟିଛି। ସମିଦାଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଘଟଣାଦିନ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିବା ସମିଦାଙ୍କୁ ସରକାର ଉଚ୍ଚତର ଚିକିତ୍ସା ପାଇଁ ଜୁଲାଇ ୨୦ରେ ନୂଆଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରିଥିଲେ। ୧୫ ଦିନ ଧରି ଜୀବନ ପାଇଁ ସଂଗ୍ରାମ ଚଳାଇଥିବା ପୀଡ଼ିତା ଶେଷରେ ଆଖିବୁଜିଛନ୍ତି। ଅନ୍ୟପକ୍ଷରେ ତାଙ୍କ ହତ୍ୟାକାରୀମାନଙ୍କୁ ଧରିବାରେ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଏଯାଏ ସଫଳ ହୋଇନାହିଁ। ଘଟଣା ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ।**



ସମିଦା ଖାତୁନ

ବଳଙ୍ଗା,୨।୮(କେଦାରେଶ୍ୱର ନନ୍ଦ)

**ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନାହିଁ: ପୋଲିସ**

ସେହିଦିନ ଥିଲା ଜୁଲାଇ ୧୯ ଶନିବାର। ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ବାୟାବର ଗ୍ରାମର ହିମତ ଅଲ୍ଲୀଙ୍କ ଝିଅ ସମିଦା ଖାତୁନ ସକାଳ ୮ଟାରେ ବହି ଦେବାକୁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ସମିଦାଙ୍କୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ପୋଡ଼ି ମାରିଦେବା ପାଇଁ ତିନିଜଣ ଦୁର୍ବୃତ୍ତ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସମିଦା ଦୁର୍ବୃତ୍ତଙ୍କ କବଳରୁ ଖସି ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍‌କ୍ଷଣାତ ତାଙ୍କୁ ଉଦ୍ଧାର କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ☞ପୃଷ୍ଠା-୨

# ଆପୋସ ସମାଧାନ ମୁହାଁ ମହାନଦୀ ଜଳ ବିବାଦ

ନୂଆଦିଲ୍ଲୀ,୨।୮(ରାମ ଚନ୍ଦ୍ର ନାଥ)

## ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି



ମହାନଦୀ ଜଳ ବିବାଦର ସମାଧାନ ନେଇ ଓଡ଼ିଶା ଓ ଛତିଶଗଡ଼ ଆପୋସ ଆଲୋଚନା ମାଧ୍ୟମରେ ନେଉଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଶନିବାର ଦୁଇ ରାଜ୍ୟର ପ୍ରତିନିଧି ଟ୍ରିବ୍ୟୁନାଲକୁ ଜଣାଇଛନ୍ତି। ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ବିଚାରପତି ରବି ରଞ୍ଜନ ଏବଂ ବିଚାରପତି ଇନ୍ଦ୍ରମିତ କୌର କୋଚରଙ୍କୁ ନେଇ ଗଠିତ ପୀଠରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏବଂ ଅନ୍ୟ ୧୩ ଜଣ ଓକିଲଙ୍କୁ ନେଇ ଏକ ଟିମ୍ ଉପସ୍ଥିତ ରହିଥିଲେ। ଟ୍ରିବ୍ୟୁନାଲରେ ଏଜି ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାସ ୨୫ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ କରି ମହାନଦୀ ଜଳ ବିବାଦର ଆପୋସ ସମାଧାନ ନିମନ୍ତେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରସ୍ତାବ ପଠାଇଥିଲେ। ଓଡ଼ିଶାର ଏହି ପ୍ରସ୍ତାବକୁ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଜଳ ବିବାଦର ଆପୋସ ସମାଧାନ ଉପରେ ଚିନ୍ତା କରାଯାଉଛି ବୋଲି ଅଗଷ୍ଟ ୧ ତାରିଖରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ସାଇ ଜଣାଇଛନ୍ତି। ଏଥିସହିତ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ରାଜନୈତିକସ୍ତରରେ ଆଲୋଚନା କରି ଆପୋସ ବୁଝାମଣା ଦିଗରେ କଥା ଆଗକୁ ବଢ଼ିଥିବାରୁ ସମାଧାନ ପାଇଁ ଉଭୟ ପକ୍ଷ ରାଜିଥିବା ଶୁଣାଣି ସମୟରେ ଏଜି ଆଚାର୍ଯ୍ୟ କହିଥିଲେ। ଓଡ଼ିଶା ଏଜିଙ୍କ ଏହି ତଥ୍ୟକୁ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ସିନିୟର ଆଡଭୋକେଟ ଏ.କେ. ଗାଙ୍ଗୁଲି ମଧ୍ୟ ସହମତ ହୋଇଥିଲେ। ଟ୍ରିବ୍ୟୁନାଲ କହିଥିଲେ ଯେ, ଯେହେତୁ ଉଭୟ ପକ୍ଷ ଆପୋସ ସମାଧାନ କରିବାକୁ ଅଗ୍ରସର ହେଉଛନ୍ତି, ତେଣୁ ସେପ୍ଟେମ୍ବର ୬ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ସେହି ଦିନ ଉଭୟ ରାଜ୍ୟର ମୁଖ୍ୟଶାସନ ସଚିବ ଉପସ୍ଥିତ ରହିବାକୁ ଟ୍ରିବ୍ୟୁନାଲ୍ କହିଛନ୍ତି। ଟ୍ରିବ୍ୟୁନାଲ ବାହାରେ ଆଡଭୋକେଟ ଜେନେରାଲ ଆଚାର୍ଯ୍ୟ ଖବରଦାତାଙ୍କୁ କହିଥିଲେ, ପୂର୍ବ ବିଜେଡି ସରକାର ମହାନଦୀ ପ୍ରସଙ୍ଗକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବାକୁ ଯାଇ ପ୍ରାୟ ୩୦ କୋଟି ଟଙ୍କା ରାଜ୍ୟ ରାଜସ୍ୱରୁ ଅଯଥା ବ୍ୟୟ କରିସାରିଛନ୍ତି। ଏପର୍ଯ୍ୟନ୍ତ କୋର୍ଟ ମାଧ୍ୟମରେ କୌଣସି ଜଳ ବିବାଦର ତ୍ୱରିତ ସମାଧାନ ହେବା ଦେଖାଯାଇ ନାହିଁ। ଅଦାଲତ ବାହାନାରେ ରାଜ୍ୟର ଅର୍ଥକୁ ଅଯଥା ଅପବ୍ୟୟ କରିବାକୁ ଆମେ ଚାହୁଁ ନାହୁଁ। ଏହି ବିବାଦ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଦ୍ୱାରା ସମାଧାନ ହୋଇଯିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଆତ୍ମାହୁତି: ମହିଳା ମୃତ, ପୁରୁଷବନ୍ଧୁ ଗୁରୁତର

## ପରକୀୟା ପ୍ରୀତିରୁ ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ

ବାରିପଦା,୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭିନ୍ନ ଭିନ୍ନ କାରଣକୁ ନେଇ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଆତ୍ମାହୁତି ଘଟଣା ଘଟିଚାଲିଥିବା ବେଳେ ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳରେ ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ପରକୀୟା ପ୍ରୀତିରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ମହିଳା ଜଣକ ୯୦% ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁରୁଷବନ୍ଧୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ ଥାନାଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପେଟ୍ରୋଲ ଅଣାଯାଇଥିବା ଏକ ପାଣି ବୋତଲ ଜବତ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ☞ପୃଷ୍ଠା-୨

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲ ବିକିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

**ସବୁ ଜିଲାପାଳଙ୍କୁ ଯୋଗାଣ ସଚିବଙ୍କ ଚିଠି**

ପ୍ଲାଷ୍ଟିକ୍ ବୋତଲ ତଥା ନିଷିଦ୍ଧ ହୋଇଥିବା କଣ୍ଟେନରରେ ପେଟ୍ରୋଲିୟମ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟର ସବୁ ଜିଲାପାଳଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଲାଗି ସେ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସରକାରଙ୍କ ଦୃଷ୍ଟିକୁ ଆସିଛି ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲିୟମ ଉତ୍ପାଦ ବିଶେଷକରି ପେଟ୍ରୋଲ ଏବଂ ଡିଜେଲ – ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ☞ପୃଷ୍ଠା-୨

# ବଳାତ୍କାର ମାମଲାରେ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ ଜେଲ



ବେଙ୍ଗାଲୁରୁ,୨।୮(ପି.ଟି.)

ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ପୂର୍ବତନ ଏମ୍‌ପି ତଥା ଜେଡିଏସ୍‌ର ନିଲମ୍ବିତ ନେତା ପ୍ରଜ୍ୱଳ ରେଭନ୍ନାଙ୍କୁ ସ୍ୱତନ୍ତ୍ର ଅଦାଲତ ଶନିବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ତାଙ୍କ ଉପରେ ମୋଟ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୩୪ ବର୍ଷୀୟ ପ୍ରଜ୍ୱଳଙ୍କ ନାମରେ ୪ଟି ଯୌନ ନିର୍ଯାତନା ଓ ବଳାତ୍କାର ମାମଲା ରହିଥିବାବେଳେ ସେଥିରୁ ଗୋଟିଏ ମାମଲାରେ ଶୁକ୍ରବାର ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ପ୍ରଜ୍ୱଳଙ୍କ ପରିବାରର ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିବା ୪୮ ବର୍ଷୀୟ ସହାୟିକାଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ☞ପୃଷ୍ଠା-୨

# ସ୍କୁଲରେ ପାଠ ପଢ଼ାଇବେ ୬୩୮୭ ଅବସରପ୍ରାପ୍ତ ଶିକ୍ଷକ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

**ଅତିଥି ଶିକ୍ଷକ ଭାବେ ମିଳିବ ନିଯୁକ୍ତି**

ରାଜ୍ୟରେ ଲାଗି ରହିଥିବା ଶିକ୍ଷକ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ୬୩୮୭ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବେ। ଏମାନେ ଅତିଥି ଶିକ୍ଷକ ଭାବେ ଅନୁଦାନପ୍ରାପ୍ତ, ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲ୍ ସ୍କୁଲ୍‌ରେ ପାଠ ପଢ଼ାଇବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ନୂଆ ଟିଜିଟି ନିଯୁକ୍ତ ହେବା ଯାଏ ଏମାନେ ଶିକ୍ଷକତା କରିବେ। ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବୀ ବିଷୟରେ ଜିଲା ଶିକ୍ଷାଧିକାରୀ (ଡିଇଓ) ଅବଗତ କରାଇବେ। ଖାଲିପଦ ଅନୁଯାୟୀ ଅତିଥି ଶିକ୍ଷକଙ୍କ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ। ଖାଲିପଦର ସ୍ଥିତି ଏବଂ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଜିଲାପାଳଙ୍କ ଅନୁମୋଦନ ପରେ କରାଯିବ। ଅତିଥି ଶିକ୍ଷକଙ୍କ କାର୍ଯ୍ୟକାଳ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ କିମ୍ବା ଖାଲି ପଦବୀରେ ଟିଜିଟି ନିଯୁକ୍ତ ହେଲେ ଅତିଥି ଶିକ୍ଷକ ଅପସାରିତ ହେବେ। ତେବେ ସେମାନଙ୍କୁ ଅନ୍ୟ ସ୍କୁଲରେ ଖାଲିପଦ ଥିବା ସ୍ଥଳେ ପୁନଃ ନିଯୁକ୍ତ କରାଯାଇପାରିବ, ଯାହା ଡିଇଓଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ଖାଲିପଦ ମଧ୍ୟରେ ସୀମିତ ରହିବ। ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ଅବସରପ୍ରାପ୍ତ ଆଇଏସିଟି ଏବଂ ମାଟ୍ରିକ-ସିଟି ସଂସ୍କୃତ ଟୋଲ ଶିକ୍ଷକମାନଙ୍କୁ ବିଚାରକୁ ନିଆଯାଇପାରିବ। ଅତିଥି ଶିକ୍ଷକଙ୍କ ନିଯୁକ୍ତି ସମ୍ବନ୍ଧୀୟ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।


**ଆଜିର ସମ୍ପାଦକୀୟ**

ଆମେ ପାଇଛୁ କ'ଣ


# ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନ ଥିବା ପିଲାଙ୍କୁ ମିଳିବ ଫଳ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଏଣିକି ଫଳ ମିଳିବ। ପିଏମ୍ ପୋଷଣ ଯୋଜନାରେ ଆମିଷ ଖାଉ ନ ଥିବା ଛାତ୍ରୀଛାତ୍ରଙ୍କୁ ଅଣ୍ଡା ବଦଳରେ ଫଳ ଦିଆଯିବ। ଭୋଜନରେ ଋତୁକାଳୀନ ଫଳ ଯୋଗାଇ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ପିଏମ୍ ପୋଷଣ ନୋଡାଲ ଅଫିସର ଚିଠି ଲେଖିଛନ୍ତି। ତେଣୁ ଅଣ୍ଡା ଖାଉ ନ ଥିବା ପିଲାଙ୍କ ଖାଦ୍ୟରେ କଦଳୀ, ସେଓ ଆଦି ସାମିଲ କରାଯିବ। ଶିଶୁବାଟିକାରୁ ଦଶମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ପୋଷକ ଓ ସ୍ୱାସ୍ଥ୍ୟକର ଖାଦ୍ୟ ନିଶ୍ଚିତ କରିବ। ଏହି ପରିବର୍ତ୍ତନ ଛାତ୍ରୀଛାତ୍ର ଏବଂ ମାତାପିତାଙ୍କ ମଧ୍ୟରେ ସ୍କୁଲରେ ଉପସ୍ଥାନ ବଢାଇବାରେ ସହାୟକ ହେବ। ଫଳରେ ☞ପୃଷ୍ଠା-୨






# ୩୦ ବର୍ଷର ପୁରୁଣା ଭ୍ରୂଣରୁ ଜନ୍ମନେଲା ସବୁଠୁ ବୟସ୍କ ଶିଶୁ

ଓ୍ୱାଶିଂଟନ,୨।୮



ଆମେରିକାର ଓହିଓଠାରେ ବିଶ୍ୱର ସବୁଠାରୁ ବୟସ୍କ ଶିଶୁ ୩୦ ବର୍ଷ ପରେ ଜନ୍ମ ନେଇଛି। ଏହି ଶିଶୁର ନାମ ଥାଡିୟସ ଡାନିଏଲ ପିୟର୍ସ ରଖାଯାଇଛି। ୧୯୯୪ରେ ଏକ ଭ୍ରୂଣକୁ ବିକଶିତ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ବ୍ୟବହାର ପାଇଁ ସେତେବେଳେ ଏହାକୁ ଫ୍ରିଜରରେ ସଂରକ୍ଷିତ କରି ରଖାଯାଇଥିଲା। ଦୀର୍ଘ ୩୦ ବର୍ଷ ଧରି ସଂରକ୍ଷିତ ହୋଇ ରହିବା ପରେ ଉକ୍ତ ଭ୍ରୂଣରୁ ଥାଡିୟସ୍ ଜନ୍ମ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଓହିଓ ନିବାସୀ ଲିଣ୍ଡସେ (୩୪) ଏବଂ ଟିମ୍ ପିୟର୍ସ (୩୫) ହେଉଛନ୍ତି ଥାଡିୟସଙ୍କ ମାତାପିତା। ଗତ ଜୁଲାଇ ୨୬ରେ ଜନ୍ମ ହୋଇଥିବା ଥାଡିୟସ୍‌ଙ୍କ ଭ୍ରୂଣକୁ ୩୦ ବର୍ଷ ତଳେ ଏକ ସ୍ଥାନୀୟ ଭିଟ୍ରୋ ଫର୍ଟିଲାଇଜେଶନ (ଆଇଭିଏଫ୍) କେନ୍ଦ୍ରରେ ବିକଶିତ କରାଯାଇଥିଲା। ସେବେଠାରୁ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଉକ୍ତ ଭ୍ରୂଣ ଫ୍ରିଜରରେ ସଂରକ୍ଷିତ ହୋଇ ରହିଥିଲା। ଜନ୍ମ ହେବା ପରେ ଥାଡିୟସ୍ ସବୁଠାରୁ ବୟସ୍କ ଶିଶୁର ରେକର୍ଡ ଭାଙ୍ଗିଛନ୍ତି। ତାଙ୍କ ମା' ଲିଣ୍ଡସେ କହିଛନ୍ତି, ଯେତେବେଳେ ଭ୍ରୂଣର ବୟସ ସମ୍ପର୍କରେ ତାଙ୍କୁ କୁହାଯାଇଥିଲା, ସେତେବେଳେ ଏହା ତାଙ୍କୁ ଅଜବ ଲାଗିଥିଲା। ସେ ଏବଂ ତାଙ୍କ ସ୍ୱାମୀ ଟିମ୍ କେବଳ ଏକ ଶିଶୁ ଚାହୁଁଥିଲେ। କୌଣସି ରେକର୍ଡ କରିବା ତାଙ୍କର ଲକ୍ଷ୍ୟ ନ ଥିଲା। ୭ ବର୍ଷ ଧରି ଗର୍ଭଧାରଣ ପାଇଁ ସଂଘର୍ଷ କରିବା ପରେ ଉଭୟଙ୍କୁ ଥାଡିୟସ୍‌ଙ୍କ ଭ୍ରୂଣ ମିଳିଥିଲା। ଯେତେବେଳେ ଥାଡିୟସ୍‌ଙ୍କ ଭ୍ରୂଣ ବିକଶିତ ହୋଇଥିଲା, ସେତେବେଳେ ସେ ମାତ୍ର ୩ରୁ ୪ ବର୍ଷର ହୋଇଥିବା ଲିଣ୍ଡସେ କହିଛନ୍ତି। ୧୯୯୪ରେ ଲିଣ୍ଡା ଆର୍ଚାର୍ଡ ନାମ୍ନୀ ଜଣେ ମହିଳା ଏବଂ ତାଙ୍କ ☞ପୃଷ୍ଠା-୨


No.T-61

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.04.08.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0178/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମ୍ଭାବନା ପକ୍ଷରୁ ବେନହୁର୍ ବିଶେଷ କାର୍ଯ୍ୟକ୍ରମ, ସ୍ଥାନ:ଗୀତଗୋବିନ୍ଦ ସଦନ, ସମୟ: ସଂଧ୍ୟା ୬ଟା ୩୦ ।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ସ୍ଥାନ: ଭୁବନେଶ୍ୱରୀ ମନ୍ଦିର, ଡି.ଏଲ୍.କଲୋନୀ, ଭି.ଏସ୍.ଏସ୍.ନଗର, ସମୟ:ଅପରାହ୍ନ ୪ଟା ୩୦ ।
- ତୃତୀୟ ଏନ୍‌ଭିଏସ୍ ଭୋପାଲ୍ ରେଜିଅନ୍ ଆଲୁମ୍ନି ମିଟ୍ ଏବଂ ଅଷ୍ଟମ ଏନ୍‌ଏଏଓ ଆନୁଆଲ୍ ମିଟ୍, ସ୍ଥାନ: ରେଲ୍ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରୁ୍ୟମାଟୋଲୋଜି ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ଏକ ଦିନିକିଆ ଜାତୀୟ ସମ୍ମିଳନୀ, ସ୍ଥାନ : ହୋଟେଲ୍ ମେଫେଆର୍, ସମୟ: ସକାଳ ୯ଟା ୩୦ ।
- ଏମ୍ ଡି କ୍ରିଏଶନ୍ ଏବଂ ଗ୍ରୁପ୍ ପକ୍ଷରୁ ଏକ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରବିନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ମୃତି ସଭା, ସ୍ଥାନ: ଲିଙ୍ଗରାଜ ମନ୍ଦିର ସମୟ:ସକାଳ ୮ଟା ।

## କଟକ

- ଆୟକର ବିଭାଗ ପକ୍ଷରୁ ଆୟକର ଦିବସ-୨୦୨୫ ପାଳନ, ସ୍ଥାନ: ଆୟକର ଭବନ, ସେଲଟର ଛକ, ସମୟ: ସକାଳ ୬ଟା ୩୦ ।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠର ତୃତୀୟ ଦିବସ, ସ୍ଥାନ: ଧବଳେଶ୍ୱର ପୀଠ ପଞ୍ଚମୁଖୀ ହନୁମାନ ପ୍ରାଙ୍ଗଣ, ସମୟ: ସକାଳ ୭ଟା ।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଚୌଦ୍ୱାର ଗୋଡିପାଟଣାସ୍ଥିତ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀୟୁ ସେବା ସମିତିର ବୋଲବମ୍ ଭକ୍ତ ସେବା, ସ୍ଥାନ: ଚଷାପଡ଼ା ଘାଟ ଛକ, ସମୟ: ଅପରାହ୍ନ ୩ଟା ।

- ଦରଜୀ ମହାସଂଘ (ଚାନ୍ଦୁଆ ଶିଳ୍ପୀ) ପକ୍ଷରୁ କାଉଡ଼ିଆମାନଙ୍କୁ ପାନୀୟ ଜଳ, ଚା, ଜଳଖିଆ ସେବା, ସ୍ଥାନ: ବାଲିଯାତ୍ରା ତଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ।

## ପୁରୀ

- ପୂର୍ବତନ ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ ପାଇଁ ସମୂହ ଦୀପଦାନ ଏବଂ ସ୍ମୃତି ସଭା, ସ୍ଥାନ: ପୁରୀ ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬ଟା ।

## ବାଲେଶ୍ୱର

- ଓଡ଼ିଶା ରାଜସ୍ୱ ଅମଲା ସଂଘର ସାଧାରଣ ସଭା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ସାଙ୍ଗଠନିକ ବୈଠକ, ସ୍ଥାନ: ଖଇରା ସତସଙ୍ଗ କେନ୍ଦ୍ର, ସମୟ: ଅପରାହ୍ନ ୨ଟା ୩୦ମିନିଟ୍ ।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ।

## ଭଦ୍ରକ

- ସ୍ମୃତିସଭା, ସ୍ଥାନ: ସରିଫପୁର, ବାରିକପୁର, ସମୟ: ପୂର୍ବାହ୍ନ ୧୧ଟା ।
- ରମାକାନ୍ତ ଫାଉଣ୍ଡେଶନ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଇଟୁଆ, ନାଲଗୁଣ୍ଡା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦୁଝର

- ସାହାଣୀ କପ୍ ଫାଇନାଲ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ଏକଲ ଶ୍ରୀ ହରି ମନ୍ଦିର ରଥ ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ମାଇନିଂ ରୋଡ୍, ସମୟ: ଅପରାହ୍ନ ୩ଟା ।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ସ୍ଥାନ: ସାଇ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ବର୍ଷାକାଳୀନ ବାଣିଜ୍ୟ ମେଳା ଉଦ୍‌ଘାଟନୀ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ସମୟ: ସନ୍ଧ୍ୟା ୬ଟା ୩୦ ।

## ଗଞ୍ଜାମ

- ସବିତା ଆରୋଗ୍ୟ କୁଟିର ଉଦ୍‌ଘାଟନ, ସ୍ଥାନ: ଶ୍ରୀ ଭେଙ୍କେଟ ମହାଲକ୍ଷ୍ମୀ କୋଠଘର, ସମୟ: ଅପରାହ୍ନ ୫ ଟା ।

## ଜଗତ୍‌ସିଂହପୁର

- ଦାରୁବ୍ରହ୍ମ କ୍ଲବ ପକ୍ଷରୁ ସମୂହ କାଉଡ଼ିଆ ଯାତ୍ରା ଆରମ୍ଭ, ସ୍ଥାନ: ଶିବ ମନ୍ଦିର, ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ସକାଳ ୬ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ସମୂହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ସକାଳ ୭ଟା ।
- ବ୍ୟାସ ଫାଉଣ୍ଡେଶନ ତରଫରୁ ପରିବେଶ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ ପରିସର, ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ।
- ନିଶାରୁ ମୁକ୍ତି ପାଇଁ ସଚେତନତା, ସ୍ଥାନ: ମଣ୍ଡାସାହି, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା ।

## କେନ୍ଦ୍ରାପଡ଼ା

- ଜୁଏଲ ଇଲେଭେନ କ୍ଲବ ପକ୍ଷରୁ ଇଶାଣେଶ୍ୱର ପର୍ଯ୍ୟନ୍ତ ବୋଲବମ ପଦଯାତ୍ରା, ସ୍ଥାନ:ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା ।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା ।

## ନୟାଗଡ଼

- ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଲୋଚନା ଚକ୍ର, ସ୍ଥାନ:ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ର ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ମୁନିଗୁଡ଼ା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା
- ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ, ସ୍ଥାନ: ରାୟଗଡ଼ା ଆଜାଦ୍ ହିନ୍ଦ ୟୁଥ୍ ଆସୋସିଏଶନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମାଲକାନଗିରି

- ଓଡ଼ିଶା ରାଜସ୍ୱ ଅମଲା ସଂଘ ମାଲକାନଗିରି ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ:ସମୟ:ମଧ୍ୟାହ୍ନ ୧୨ଟା ୩୦ ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- ସାଓଲିନ କୁମ୍ଫୁ ଉସୁ ଏସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ୪୫ ।
- ଦଲେଇପଡା ଗଣେଷ ପୂଜା କମିଟି ଓ ଅନନ୍ତରାମ କ୍ଲବ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ରଂରୋଡ ସ୍ଥିତ ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ରୋଟାରୀ ଲିଡରଶିପ୍, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ସକାଳ ୯ଟା ୩୦ ।
- ଗାନ୍ଧୀୟାନ ବସ୍ତି ପକ୍ଷରୁ କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ଅଲ ଇଣ୍ଡିଆ ଅଭିଭାବକ ଆସୋସିଏଶନ ବୈଠକ, ସ୍ଥାନ: ଉଦିତନଗର ଆଇଟିଡିଏ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଏକତ୍ର ପକ୍ଷରୁ ଏକକ ଅଭିନୟ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା ।

## କଳାହାଣ୍ଡି

- ଇନ୍ଦ୍ରପୂଜା ଉପଲକ୍ଷେ ଋଶ୍ୟ ଶୃଙ୍ଗ ଋଷିଙ୍କ ଡଙ୍ଗାରେ ଜଳକ୍ରୀଡା ଓ ଇନ୍ଦ୍ରଙ୍କୁ ଆବାହନ, ପୁରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା ।

## ବୌଦ୍ଧ

- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ରାଙ୍କିଂ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସଂଗଠନ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ମନ୍ଦିର ସୁବର୍ଣ୍ଣମେରୁ ମନ୍ଦିର ପରିସର, ସମୟ: ସକାଳ ୬ଟା ।
- ସମାଜସେବୀ ଶଙ୍ଖନିଧି ରାୟଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ସକାଳ ୯ଟା ।

## ନୂଆପଡ଼ା

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା ।
- ଉପନୟନ ଓ ବେଦାରମ୍ଭ ସଂସ୍କାର ତଥା ୧୬ତମ ଚତୁର୍ବେଦ ଯଜ୍ଞ ଆରମ୍ଭ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ସକାଳ ୮ଟା ।

# ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

ମୋହନା,୨।୮ (ମନ୍ମଥ ମିଶ୍ର)

ପୋଖରୀକୁ ଶୌଚ ହେବାକୁ ଯାଇ ବୁଡିଯାଇ ଦୁଇଜଣ ନାବାଳକ ଶିଶୁଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଅଧୀନ କେନ୍ଦୁଗଣ୍ଡା ଗ୍ରାମରେ ଏପରି ଘଟିଛି। ଉଭୟେ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି। ମୋହନା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି, ଶନିବାର ମଧ୍ୟାହ୍ନରେ ଗ୍ରାମର ଆକାଶ ନାୟକଙ୍କ ପୁଅ ଆଦିତ୍ୟ (୧୨) ଓ ଅଜୟ ନାୟକଙ୍କ ପୁଅ ଆଇଜାୟା (୧୨) ଦୁହେଁମିଶି ଗାଁ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ମାତ୍ର ସେମାନେ ପୋଖରୀର ଗଭୀରତା ଜାଣି ନ ଥିଲେ। ଶୌଚବେଳେ ଗୋଡ ଖସିଯିବାରୁ ଉଭୟେ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଆଦିତ୍ୟ ଓ ଆଇଜାୟା ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀକୁ ଆସି ଖୋଜିଥିଲେ। ଏହି ସମୟରେ ଉଭୟଙ୍କ ପ୍ୟାଣ୍ଟ ଓ ଶାର୍ଟ ସେଠାରେ ଥିବା ଦେଖି ପରିବାର ଲୋକେ ସନ୍ଦେହ କରିଥିଲେ। ପରେ ସେମାନେ ପୋଖରୀରେ ପଶି ଖୋଜାଖୋଜି କରି ଉଭୟଙ୍କୁ ପାଣି ଭିତରୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନିରୁପମା ପାଢ଼ୀ ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଅଡ଼ବା ଥାନାରେ କୌଣସି ସୂଚନା ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ଜଗଜମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଜଗଜମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମୁଖେ ମଧୁ ମଧୁ**
**ପେଟେ ଛୁରି ।**

ମୁହଁରେ ଚାଟୁ ବଚନ, ପ୍ରଶଂସା । କିନ୍ତୁ ଭିତରେ ଶତ୍ରୁତା ଆଚରଣ । କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ ଚିକ୍କଣିଆ କଥା କହି ବିଶ୍ୱାସ ଜନ୍ମାଇଥାନ୍ତି । କିନ୍ତୁ ପଛରେ ଗାତ ଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳାଇଥାନ୍ତି । ମୁହଁରେ ହସ, ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ମାଳି ଠକ ଠକ ଭଜନ ଟାଣ,**
**ଭୋକ କଲେ ଭାତ ପାଖକୁ ଆଣ ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ । ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ତଥା ଲାଳସା ଗ୍ରହଣୀୟ ହୋଇ ନ ଥାଏ । ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଜଗଜମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ପ୍ରଥମ ପୃଷ୍ଠାରୁ...

### ଆଖିବୁଜିଲେ ବଳଙ୍ଗା...

ଦେଇଥିଲେ। ତାଙ୍କଠାରୁ ଘରର ଠିକଣା ବୁଝି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ କେତେଜଣ ଲୋକ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପରେ ସମିଦାଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନା ପରେ ଭୁବନେଶ୍ୱରସ୍ଥିତ ଏମ୍ସକୁ ନିଆଯାଇଥିଲା। ଘଟଣାକୁ ନେଇ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଘେରାଯାଇଥିଲା। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗୋଟେ ପରେ ଗୋଟେ ଘଟଣା ଘଟୁଛି ଏବଂ ଅପରାଧୀମାନେ ନିର୍ଭୟରେ ଅପରାଧ କରିଚାଲିଛନ୍ତି ବୋଲି ବିଜେଡି ଏବଂ କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଘଟଣାକୁ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଶରୀରର ୭୫% ପୋଡ଼ିଯାଇଥିବା ପୀଡ଼ିତାଙ୍କ ଚିକିତ୍ସା ଏବଂ ଅପରାଧୀଙ୍କୁ ଧରିବା ପାଇଁ ତତ୍‌କ୍ଷଣାତ ପଦକ୍ଷେପ ନେଇଥିଲେ। କିନ୍ତୁ ଜୁଲାଇ ୨୦ ତାରିଖରୁ ନୂଆଦିଲ୍ଲୀ ଏମ୍ସର ବର୍ନ ୟୁନିଟ୍‌ରେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କୁ ବଞ୍ଚାଇବାରେ ଡାକ୍ତରୀ ଦଳ ସକ୍ଷମ ହୋଇପାରି ନାହାନ୍ତି।

ପୀଡ଼ିତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି। ସେ 'X'ରେ ଲେଖିଛନ୍ତି, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ମୁଁ ଝିଅଟିର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।' ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଶୋକପ୍ରକାଶ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ସହିତ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, 'ସରକାରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଜୀବନ ବଞ୍ଚାଇ ପାରି ନ ଥିବାରୁ ମୁଁ ଦୁଃଖିତ'। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଗଭୀର ଦୁଃଖପ୍ରକାଶ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଶୋକପ୍ରକାଶ କରିଛନ୍ତି। ବଳଙ୍ଗା ପୀଡ଼ିତାଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାସହ ସେ କହିଛନ୍ତି ଯେ, ୭ ଦିନ ଭିତରେ ଅଭିଯୁକ୍ତ ଧରା ନ ପଡ଼ିଲେ ଡିଜିପି ଅଫିସ ଘେରିବୁ। ଓଡ଼ିଶାରେ ବଡ଼ ଆନ୍ଦୋଳନ କରିବୁ।

ଅନ୍ୟପକ୍ଷରେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଓଡ଼ିଶା ପୋଲିସ ପକ୍ଷରୁ 'X'ରେ ସୂଚନା ଦିଆଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, 'ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ। ଏହି ଘଟଣାରେ


Odisha Police
@odisha_police
Follow
Translate post
ବଳଙ୍ଗା ଘଟଣାରେ ପୀଡିତା ଝିଅଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ । ଏହି ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ,ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ। @CMO_Odisha @DGPOdisha
Last edited 21:29 · 02 Aug 25

ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଯେ, ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ।'

### ଆତ୍ମାହୁତି: ମହିଳା ମୃତ...

ନିମନ୍ତେ କରଞ୍ଜିଆ ଡାକ୍ତରଖାନା ପଠାଇଛି। ମୃତ ମହିଳା ହେଲେ ରରୁଆଁ ଥାନା ଅଧୀନ ଖିଚିଂ ପଣସି ଅଞ୍ଚଳର ଭାରତୀ ପାତ୍ର(୩୪) ଓ ଗୁରୁତର ପୁରୁଷବନ୍ଧୁ ହେଲେ ରାଇରଙ୍ଗପୁର ଥାନା ଛନପାଳ ଗ୍ରାମର ହରିଶଙ୍କର ଆଚାର୍ଯ୍ୟ(୩୮)।

ଖିଚିଂସ୍ଥିତ ପଣସି ଗ୍ରାମରେ ଭାରତୀ ନିଜ ପରିବାର ସହ ରହୁଥିଲେ। ସେହି ଗ୍ରାମରେ ବିବାହ କରିଥିବା ରାଇରଙ୍ଗପୁର ଛନପାଳ ଅଞ୍ଚଳର ହରିଶଙ୍କର ଶ୍ୱଶୁର ଘରକୁ ଯିବାଆସିବା କରିଥାନ୍ତି। ହରିଶଙ୍କରଙ୍କ ସ୍ତ୍ରୀ ଓ ଭାରତୀ ଦୁଇ ସାଙ୍ଗ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ତେବେ ଶନିବାର ସକାଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଉଭୟେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଭାରତୀ ଓ ହରିଶଙ୍କର ପାତାସାହି ନିକଟସ୍ଥ ଏକ ଖୋଲା ପଡ଼ିଆରେ ପହଞ୍ଚି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ଉଭୟେ ଦୌଡ଼ି ଯାଇ ଏକ ବିଲ ମଧ୍ୟରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଶୁକ୍ରୁଲି ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭାରତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହରିଶଙ୍କରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ୮୦% ପୋଡ଼ିଯାଇଥିବା ଜଣାପଡ଼ିଛି। ଉଭୟଙ୍କ ପରିବାର ସଦସ୍ୟ ଡାକ୍ତରଖାନାରେ ପହଞ୍ଚିଥିବାବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

### ପ୍ଲାଷ୍ଟିକ୍ ବୋତଲରେ...

ପରିବହନ କରାଯାଉଛି। ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ ବରଂ ଜନସାଧାରଣଙ୍କ ସୁରକ୍ଷା, ଅଗ୍ନି ବିପଦ ଏବଂ ପରିବେଶଗତ ବିପଦ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ ଆଇନ ୧୯୩୪, ପେଟ୍ରୋଲିୟମ ନିୟମ ୨୦୦୨, ବିସ୍ଫୋରକ ଆଇନ ୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇ-ସ୍ପିଡ୍ ଡିଜେଲ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ, ୨୦୦୫, ପରିବେଶ(ସୁରକ୍ଷା) ଆଇନ, ୧୯୮୬ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାରକରି ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ଲାଷ୍ଟିକ୍ ବୋତଲ କିମ୍ବା ସେଭଳି କିଛି ପାତ୍ରରେ ପେଟ୍ରୋଲିୟମ ଉତ୍ପାଦର ବିକ୍ରୟ, ଯୋଗାଣ ଏବଂ ପରିବହନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଖୁଚୁରା ଦୋକାନ, ଇନ୍ଧନ ଷ୍ଟେଶନ ଏବଂ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍ସପେକ୍ଟର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ପୋଲିସ, ତହସିଲଦାର ଏବଂ ଅନ୍ୟ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନ୍ୟ ଅନୁମୋଦିତ ପ୍ୟାକେଜିଂରେ ପେଟ୍ରୋଲିୟମ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ସମସ୍ତ ଇନ୍ଧନ ଯୋଗାଣ କେନ୍ଦ୍ର ଏବଂ ପେଟ୍ରୋଲିୟମ ଡିଲରମାନଙ୍କୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନଧିକୃତ ପାତ୍ରରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣରୁ କଡ଼ାକଡ଼ି ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ସେମାନଙ୍କ ପରିସରରେ ପ୍ରମୁଖ ସ୍ଥାନରେ ଦୃଶ୍ୟମାନ ବୋର୍ଡ ଲଗାଇ ସତର୍କତା ପ୍ରଦର୍ଶନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯିବ। ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ ଏବଂ ପ୍ରବର୍ତ୍ତନର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ। ଯେଉଁଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଯାଞ୍ଚ ସଂଖ୍ୟା, ଉଲ୍ଲଂଘନ ମିଳିଥିବା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉଲ୍ଲେଖ ରହିବ ବୋଲି ଚିଠିରେ କୁହାଯାଇଛି।

### ବଳାତ୍କାର ମାମଲାରେ...

୨୦୨୧ରେ ପ୍ରଜ୍ୱଳ ତାଙ୍କୁ ହାସନସ୍ଥିତ ଫାର୍ମ ହାଉସ୍ ଏବଂ ବେଙ୍ଗାଲୁରୁ ବାସଭବନରେ ୨ ଥର ବଳାତ୍କାର କରିବା ସହ ଏହି ଦୃଶ୍ୟକୁ ନିଜ ମୋବାଇଲ୍ ଫୋନ୍‌ରେ ରେକର୍ଡ କରିଥିବା ଅଭିଯୋଗ ହୋଇଥିଲା। ଶନିବାର ଅଦାଲତରେ ସରକାରୀ ଓକିଲ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବାକୁ ନିବେଦନ କରିବା ବେଳେ ଦଣ୍ଡ କୋହଳ କରିବାକୁ ପ୍ରଜ୍ୱଳ ଅନୁରୋଧ କରିଥିଲେ। ସେ କୌଣସି ଭୁଲ୍ କରିନାହାନ୍ତି, କେବଳ ତାଙ୍କର ଭୁଲ୍ ହେଲା ରାଜନୀତିରେ ଦ୍ରୁତ ଉତ୍ଥାନ ବୋଲି ଦାବି କରିଥିଲେ। ଦଣ୍ଡ କୋହଳ କରିବାକୁ କହିବା ବେଳେ ପ୍ରଜ୍ୱଳ କାନ୍ଦୁଥିବା ଦେଖାଯାଇଥିଲା।

### ମଧ୍ୟାହ୍ନଭୋଜନରେ...

ଥିବା ଭିଟାମିନ, ଖଣିଜ ଓ ଫାଇବର ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସହାୟକ ହେବ। ସରକାରଙ୍କ ଏହି ପଦକ୍ଷେପ ସ୍କୁଲ ଛାତ୍ରୀଛାତ୍ରଙ୍କ ପୋଷଣସ୍ତର ଉନ୍ନତି କରିବା ସହିତ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଭାତ ସହ ପିଲା କିପରି କେବଳ ଫଳ ଖାଇବେ ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି।

### ୩୦ ବର୍ଷର ପୁରୁଣା...

ପୂର୍ବ ସ୍ୱାମୀଙ୍କ ଆଇଭିଏଫ୍ ଚିକିତ୍ସା ସମୟରେ ଥାଡିୟସ୍‌ଙ୍କ ଭ୍ରୂଣକୁ ଅନ୍ୟ ୩ଟି ଭ୍ରୂଣ ସହ ବିକଶିତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଭ୍ରୂଣକୁ ଲିଣ୍ଡାଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା, ଯାହାର ୯ ମାସ ପରେ ଲିଣ୍ଡା ଏକ ସୁସ୍ଥ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଏବେ ସେହି କନ୍ୟାଜଣଙ୍କୁ ୩୦ ବର୍ଷ ହୋଇଥିବାବେଳେ ତାଙ୍କର ଏକ ୧୦ ବର୍ଷର ଶିଶୁକନ୍ୟା ରହିଛନ୍ତି। ତେବେ ୧୯୯୪ରେ ଶିଶୁକନ୍ୟାକୁ ଜନ୍ମଦେବା ପରେ ଲିଣ୍ଡା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା। ଫଳରେ ସ୍ଥାନୀୟ ଆଇଭିଏଫ୍ କେନ୍ଦ୍ରରେ ଥିବା ଅନ୍ୟ ୩ଟି ଭ୍ରୂଣକୁ ଦାନ କରିବା ପାଇଁ ଲିଣ୍ଡା ନିଷ୍ପତ୍ତି ନେଇଥିଲେ। ୨୦୨୪ ନଭେମ୍ବରରେ ସଂରକ୍ଷିତ ଥିବା ଉକ୍ତ ଭ୍ରୂଣକୁ ଲିଣ୍ଡସେ ଏବଂ ଟିମ୍‌ଙ୍କୁ ଦିଆଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରିଦେଇପାରେ । ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ । ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି ।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ । କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ବନ୍ଧୁଙ୍କ ନିକଟରୁ ପାଇପାରନ୍ତି ।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭ କାମନାରୁ ଖୁସି ରହିବେ । ବ୍ୟବସାୟୀ ପରିଶ୍ରମ ତୁଳନାରେ ଫଳ ଲାଭ କରି ଆନନ୍ଦ ଅନୁଭବ କରିପାରନ୍ତି ।

**କର୍କଟ** କର୍ମଚାରୀଙ୍କ ସହଯୋଗ କ୍ରମେ କାମଟିକୁ ସୁରୁଖୁରୁରେ କରି ପାରିବାରୁ ଟେନ୍‌ସନ୍ କମିଯିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ । ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିପାରେ । ପ୍ରତିକୂଳ ପରିସ୍ଥିତି ଯୋଗୁ ନିର୍ମାଣ କିମ୍ବା ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ ।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ସମସ୍ୟା ସମାଧାନରେ ସାହାଯ୍ୟ କରିବ । ପରିବାରରେ ପାରସ୍ପରିକ ସହଯୋଗ ମାନସିକ ଶାନ୍ତି ଆଣିବାରେ ସହାୟକ ହେବ । ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ବିବାଦରେ ପଡ଼ିପାରନ୍ତି । ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, କଳାକ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ ।

**କନ୍ୟା** ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ । ଏହା ସାଙ୍ଗକୁ ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ଦୁଃଖର ମାତ୍ରାକୁ ଦ୍ୱିଗୁଣିତ କରିବ । ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ । ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** ଆଜି କୌଣସି ବନ୍ଧୁମିଳନ ଅବସରରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ । ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମନକୁ ଉତ୍ସାହିତ କରିବ । ପରିବାରରେ ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ବିରକ୍ତି ଅନୁଭବ କରିପାରନ୍ତି । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ ।

**ବିଛା** ପରିବର୍ତ୍ତିତ ପରିସ୍ଥିତି ଆପଣଙ୍କ କାମକୁ ସଂଯମ ଓ ଶୃଙ୍ଖଳିତ କରିବାର ଆଶା ରହିଛି । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ । ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି ।

**ଧନୁ** କର୍ମକ୍ଷେତ୍ରରେ ଯେଉଁ ବିଷୟକୁ ନେଇ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ । ଭଲରୂପେ ବିଚାର ନ କରି ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି । ପରିଜନଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ । ଆଲୋଚନା ପରିସରରେ ସତ କହିବା କାରଣରୁ ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ ।

**ମକର** ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତା କରି ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ । ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ । ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିନପାରନ୍ତି । ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କାମଟି ବନ୍ଧୁଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ କରିପାରିବେ । ପରିବାରର ଆବଶ୍ୟକତା ଅନୁଭବ କରି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି । କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ପରିସ୍ଥିତିକୁ ବଦଳାଇ ଦେଇପାରେ । ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିବା ଠିକ୍ ହେବ ନାହିଁ ।

**ମୀନ** ଆଜିର କର୍ମକ୍ଷେତ୍ରକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ । ଉପରିସ୍ଥଙ୍କ ପରାମର୍ଶକ୍ରମେ ଆଗାମୀକାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି । ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି ।

ଆଜି ଅଗଷ୍ଟ ୩ ତାରିଖ, ରାଷ୍ଟ୍ରୀୟ ବନ୍ଧୁତା ଦିବସ (ଅଗଷ୍ଟ ପ୍ରଥମ ରବିବାର), ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ। ରାଶିନକ୍ଷତ୍ର- ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୬ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨/୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୨ ଗତେ ଘ.୦୬/୧୮ ମଧ୍ୟେ ରାହୁକାଳ।



ସିଫାଠାରେ ଶନିବାର ଆୟୋଜିତ ପିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିଧାୟକ ଓ ଅଧିକାରୀମାନେ।

# ଏନ୍ଆଇଏ ଏସ୍‌ପି ହେଲେ ସାଗରିକା ନାଥ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

**ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ**



କେନ୍ଦ୍ରୀୟ ଡେପୁଟେଶନରେ ଯିବେ ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସାଗରିକା ନାଥ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସାଗରିକା ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ତେବେ ସାଗରିକାଙ୍କୁ ଏନ୍ଆଇଏ ଏସ୍‌ପି ଭାବେ ନିଯୁକ୍ତି ମିଳିବା ନେଇ କାର୍ମିକ ଏବଂ ତାଲିମ ବିଭାଗ (ଡିଓପିଟି) ଦ୍ୱାରା ଜୁଲାଇ ୩୧ରେ ନିର୍ଦ୍ଦେଶ ଜାରି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେଶନ ପଦବୀରେ ଯୋଗଦେବା ପାଇଁ ତାଙ୍କୁ ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ିଶାର ୩୪ ଲକ୍ଷ କୃଷକଙ୍କୁ ପିଏମ୍ କିଷାନର ୬୯୭ କୋଟି ଟଙ୍କା ସହାୟତା

**■ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୦ ତମ କିସ୍ତିର ଶୁଭାରମ୍ଭ**

**■ପିଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଚାଷୀମାନଙ୍କୁ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀଠାରେ ଉପସ୍ଥିତ ରହି ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଉପକଣ୍ଠସ୍ଥିତ ସିଫାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨,୦୦୦ ଟଙ୍କା ଲେଖାଏ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଲୋକଙ୍କ ସରକାର କାମ କରୁଛି। ସରକାର ମାତ୍ର ବର୍ଷକରେ ସମସ୍ତଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମସ୍ତେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପାଉଛନ୍ତି। ପିଏମ୍ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଉକ୍ତ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ଚାଷୀ– ସେ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ ପିଏମ୍ କିଷାନ ଦିବସ ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। ପିଏମ୍ କିଷାନ ଯୋଜନାରେ ସବୁ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦ୍ୱିଗୁଣିତ ନୁହେଁ, ବରଂ ବହୁଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ। ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛୁ। ଗତବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରବିଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକ ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। କେବଳ ଧାନଚାଷ ନ କରି ବିଭିନ୍ନ ଚାଷକରି ଅର୍ଥ ଉପାର୍ଜନ ସହ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଜୈବିକ ଉପାୟରେ ଚାଷକରିବା ଆବଶ୍ୟକ ବୋଲି ସିଂଦେଓ କହିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।






# ବୋର୍ଡ ସଭାପତି, ଉପସଭାପତିଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

କଟକ,୨।୮(କାର୍ତ୍ତିକ ସାହୁ)

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚଳାଇଛି। ଓଟିଇଟି ପରୀକ୍ଷା ସହ ସମ୍ପୃକ୍ତ ବୋର୍ଡର କର୍ମଚାରୀ, ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରି ଗୁମର ଖୋଲିବାକୁ ଉଦ୍ୟମ କରୁଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଶନିବାର ଦୀର୍ଘ ସମୟ ପଚରାଉଚୁରା କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ହେବାରେ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ମୁଖ୍ୟ କାର୍ପଟଦାର ବୋଲି କ୍ରାଇମବ୍ରାଞ୍ଚ ତଥ୍ୟ ଉନ୍ମୋଚନ କରିଥିବା ବେଳେ ଏସବୁ କିପରି ସମ୍ଭବ ହେଲା ତାକୁ ନେଇ ଖୋଳତାଡ଼ ଚାଲିଛି। ରାଜ୍ୟର ବିଭିନ୍ନ ଜିଲାକୁ ଏହି କାରନାମାର ଚେର ଲମ୍ବିଥିବା ଓ ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବା ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଖୋଜିବାରେ ଲାଗିଛି। ଯଦିଓ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରିଥିବା କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରଦାନ କରିଛି, ଗିରଫଦାରି ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି।

# ଆପୋସ ସମାଧାନ ବିଷୟ ନେଇ ରାଜନୈତିକ ଚର୍ଚ୍ଚା


**ମହାନଦୀ ଜଳ ବିବାଦ**

**■ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ: ମନମୋହନ**

**■ତ୍ରିପଲ ଇଞ୍ଜିନ ଭାଜପା ସରକାରର ଆନ୍ତରିକତା ନାହିଁ: ଦେବୀପ୍ରସାଦ ମିଶ୍ର**

**■କେବଳ ସମୟ ଗଡ଼ାଇବାକୁ ଚାହୁଁଛନ୍ତି ସରକାର: ଜୟଦେବ**

ଭୁବନେଶ୍ୱର, ୨।୮(ସୁନିତ୍ ମିଶ୍ର)



विष्णु देव साय
मुख्यमंत्री
Vishnu Deo Sai
CHIEF MINISTER

Mantralaya, Mahanadi Bhawan,
Nava Raipur Atal Nagar,
Raipur, 492002, Chhattisgarh
Ph.: +91 (771) 2221000, 2221001
E-mail : cmcg@nic.in

Do. No. 77
Date 01.08.25

Dear Shri Mohan Charan Majhi Ji,

I am in the receipt of your D.O. letter No. 405/CM/2025, dated 25th of July 2025 regarding the proposal for an amicable settlement of the Mahanadi water disputes between our states and the same is under consideration.

With regards,

Yours sincerely,
(Vishnu Deo Sai)

Shri Mohan Charan Majhi
Hon'ble Chief Minister of Odisha,
Lok Seva Bhawan,
Sachivalaya Marg,
Bhubaneswar,
Odisha 751001

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠିର ଉତ୍ତର ଦେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଲେଖିଥିବା ପତ୍ର।

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଟ୍ରିବ୍ୟୁନାଲରେ ହେବାକୁ ଥିବା ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ତେବେ ମହାନଦୀ ଜଳବିବାଦ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି କୁହାଯିବା ପରେ ରାଜ୍ୟରେ ରାଜନୈତିକ ଚର୍ଚ୍ଚା ବଢ଼ିଛି। ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ବିବାଦର ସମାଧାନ ଲାଗି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖିଥିଲେ। ଅଗଷ୍ଟ ୧ରେ ବିଷ୍ଣୁଦେଓ ପ୍ରତ୍ୟୁତ୍ତରରେ ମୋହନଙ୍କୁ ପତ୍ର ଲେଖି ସେହି କଥାରେ ଗୋଟିଏ ପ୍ରକାର ସହମତି ଥିବା କୁହାଯାଉଛି।

ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନର ବାଟ ଖୁବ୍‌ଶୀଘ୍ର ବାହାରିବ। ଏନେଇ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି। ଟ୍ରିବ୍ୟୁନାଲ ତାରିଖ ବନ୍ଦ ହେବ, ଆପୋସ ଆଲୋଚନାରେ ସବୁ ସମାଧାନ ହେବ। ଛତିଶଗଡ଼ର ଏହାକୁ ନେଇ ବିଶେଷ କିଛି ସମସ୍ୟା ଥିଲା ପରି ମନେହେଉନାହିଁ। ଛତିଶଗଡ଼ ଓ କେନ୍ଦ୍ର ସହ ଆପୋସ ସମାଧାନ ନେଇ ଆମେ ଆଶାବାଦୀ। ଗତ ସରକାର ସେ ଦିଗରେ ଚିନ୍ତା କଲେ ନାହିଁ, ଯେଉଁଥିଲାଗି ଓଡ଼ିଶା ଆଜି ଏଭଳି ସ୍ଥିତିରେ ବୋଲି ମନମୋହନ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପରମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ କରିବା ପରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା । ହେଲେ ସେହି ସମୟର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନେତୃତ୍ୱାଧୀନ ଭାଜପା ସରକାର କର୍ଣ୍ଣପାତ କରି ନ ଥିଲେ । ପରେ ୨୦୧୬ରେ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନ ମିଳିବାରୁ ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିଲା । ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି । ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ଆପୋସ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ବୋଲି କୁହାଯାଉଛି। କିନ୍ତୁ ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡ଼ା ଓଡ଼ିଶା ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟହେବା ଦରକାର ବୋଲି ଦେବୀ କହିଛନ୍ତି।

କଂଗ୍ରେସ ପକ୍ଷରୁ ଏ ନେଇ ପ୍ରତିକ୍ରିୟା ରଖି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଭାଜପା ସରକାର ଏ ଘଟଣାର ସମାଧାନ କରିବାକୁ ଚାହୁଁ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଆପୋସ ସମାଧାନ କଥା ଲେଖିନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରରେ ସଙ୍ଗେ ସଙ୍ଗେ ମହାନଦୀ ପ୍ରସଙ୍ଗରେ ସମାଧାନ ହେବା କଥା। କେବଳ ଆପୋସ ସମାଧାନ ନାମରେ ସମୟ ଗଡ଼ାଇବାକୁ ରାଜ୍ୟ ସରକାର ଚାହୁଁଛନ୍ତି। ସମାଧାନ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଆନ୍ତରିକତା ନାହିଁ ବୋଲି ଜୟଦେବ କହିଛନ୍ତି।




ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତ୍ତର ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା



# ଆମେ ପାଇଛୁ କ'ଣ



ଆକାର ପଟେଲ

ଆମେରିକାର ଜନସଂଖ୍ୟା ୩୪ କୋଟି। ବିଶ୍ୱ ଜନସଂଖ୍ୟାର ୪% ହେଉଛନ୍ତି ଆମେରିକୀୟ ଏବଂ ତଥାକଥିତ ରୁଲ୍‌ସ ବେସ୍‌ଡ ଅର୍ଡର ବା ନିୟମ ଆଧାରିତ (ବୈଶ୍ୱିକ) ବ୍ୟବସ୍ଥାର ସେମାନେ ସବୁଠୁ ବଡ଼ ହିତାଧିକାରୀ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ବ୍ୟବସ୍ଥା ଆମେରିକା ଓ ଏହାର ୟୁରୋପୀୟ ମିତ୍ରଙ୍କ ଦ୍ୱାରା ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ଚାହେଁ ଜାତିସଂଘ ଓ ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ) ଭଳି ସଂସ୍ଥାଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସହଯୋଗ। କିନ୍ତୁ ବିଡ଼ମ୍ବନାର ବିଷୟ, ଆମେରିକୀୟମାନେ ସେମାନଙ୍କ ରାଷ୍ଟ୍ରପତିଙ୍କୁ ମୁକ୍ତ ବିଶ୍ୱର ନେତା ଭାବେ ଅଭିହିତ କରନ୍ତି। ନିୟମ ଆଧାରିତ ବ୍ୟବସ୍ଥାର ସଂସ୍ଥା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ଅନୁଯାୟୀ, ଆମେରିକାର ବାର୍ଷିକ ମୁଣ୍ଡ ପିଛା ଆୟ ୯୦,୦୦୦ ଡଲାର। ଭାରତର ମୁଣ୍ଡ ପିଛା ଆୟ ଏହାର ୩୦ ଭାଗରୁ ୧ଭାଗ ଅର୍ଥାତ୍ ୩,୦୦୦ ଡଲାରରୁ କମ୍। ଗତ କିଛି ଦଶନ୍ଧି ମଧ୍ୟରେ ଆମେରିକାର ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇଛି, କାରଣ ଏହାର କମ୍ପାନୀଗୁଡ଼ିକ ବିମାନ, ଫୋନ୍ ଓ କମ୍ପ୍ୟୁଟର ଭଳି ଉତ୍ପାଦ ରପ୍ତାନି କରୁଛନ୍ତି। ସାରା ବିଶ୍ୱରେ ଏହାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସେବା ଯୋଗାଇବା ସହ ପ୍ରଭାବ ବିସ୍ତାରକରି ରହିଛନ୍ତି। ଏପରିକି ନିକଟରେ ଚାକିରି ସଂଖ୍ୟା ହ୍ରାସ କରିଥିଲେ ମଧ୍ୟ ଆମେରିକାକୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରଦାନକାରୀ ଦେଶ ବୋଲି କୁହାଯାଉଛି। ସେଠାରେ ବେରୋଜଗାର ପାଖାପାଖି ୪%, ଯାହା ଏକ ଭଲ ସ୍ଥିତି। ଏଥିରୁ ବୁଝାପଡୁଛି, ଆୟ ଓ ନିଯୁକ୍ତି ଦୃଷ୍ଟିକୋଣରୁ ଦାରିଦ୍ର୍ୟ ତଥା ବେରୋଜଗାର ଭଳି ଗମ୍ଭୀର ସମସ୍ୟାରେ ଜଡ଼ିତ ଭାରତ ଭଳି ଦେଶଗୁଡ଼ିକ ତୁଳନାରେ ଆମେରିକା ଅତ୍ୟନ୍ତ ଭଲ ସ୍ଥିତିରେ ଅଛି। ତଥାପି ଆମେରିକା ଅସନ୍ତୁଷ୍ଟ। ଏହା ବିଶ୍ୱସ୍ତରରେ ଠକାମିର ଶିକାର ହେଉଛି ଓ ତାହାକୁ ରୋକିବା ଲାଗି ପଦକ୍ଷେପ ନେଉଛନ୍ତି ବୋଲି ଏହାର ରାଷ୍ଟ୍ରପତି କହୁଛନ୍ତି। ମୁଖ୍ୟତଃ, ଅନ୍ୟ ଦେଶଗୁଡ଼ିକର ଉତ୍ପାଦ ରପ୍ତାନି (ଆମେରିକାକୁ)ରେ ସେ ଅତ୍ୟନ୍ତ କଠିନ ସ୍ଥିତି ଉପୁଜାଉଛନ୍ତି। ଭାରତର ସବୁଠୁ ବଡ଼ ରପ୍ତାନି ବଜାର ହେଉଛି ଆମେରିକା ଏବଂ ଆମ ସାମଗ୍ରୀ ଉପରେ ୨୫% ଟାରିଫ୍ ଆମ ରପ୍ତାନିକୁ କ୍ଷତି ପହଞ୍ଚାଇବ। ଯଦି ଏହି ଟାରିଫ୍ ଜାରି ରହେ ଆମ ସ୍ୱାର୍ଥରେ ଘୋର ବାଧା ଆସିବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନେଉଥିବା ପଦକ୍ଷେପ ରୁଲ୍‌ସ ବେସ୍‌ଡ ଅର୍ଡରକୁ ଏବଂ ତାହାର ମିତ୍ର ଦେଶ ଓ ମେକ୍ସିକୋ ତଥା ଗରିବ ଦେଶଗୁଡ଼ିକର କ୍ଷତି କରିବ ନା ନାହିଁ, ସେ ସମ୍ପର୍କରେ ଆମେରିକାରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିତର୍କ ହେଉନାହିଁ। ଡବ୍ଲ୍ୟୁଟିଓର ନିୟମ ଓ ନିୟାମକ ଅଧୀନରେ ଥିବା ଏବଂ ଉପଯୋଗ ହେଉଥିବା ଟାରିଫ୍ ବ୍ୟବସ୍ଥାକୁ ଆମେରିକା ଭାଙ୍ଗିଦେବା ପାଇଁ ପଦକ୍ଷେପ ନେଇଛି। ଆମେରିକା ତାହାକୁ ଅମାନ୍ୟ ବା ଉପେକ୍ଷା କରିଛି ଏବଂ ଯେଉଁ ବ୍ୟବସ୍ଥାକୁ ଅନେକ ଦଶନ୍ଧି ଧରି ଭଲ ଭାବେ ଚଲାଇ ଆସିଥିଲା ତାହାକୁ ଏବେ ଦୁର୍ବଳ କରିଛି। ଫଳରେ ଆମେରିକା ସାରା ବିଶ୍ୱର କ୍ଷତି କରୁଛି।

ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାକୁ ଅଣଦେଖା କରିବାର ଦ୍ୱିତୀୟ ଉଦାହରଣ ରହିଛି। ଗାଜାରେ ଗଣହତ୍ୟା ପାଇଁ ଇସ୍ରାଏଲକୁ ଆମେରିକା ସାହାଯ୍ୟ ସହଯୋଗ କରିଆସୁଛି। ଆମେରିକା ଅନେକ ହଜାର ପାଲେଷ୍ଟାଇନୀଙ୍କୁ ଭୋକିଲା ରଖିବା ସହ ଗଣହତ୍ୟାରେ ଜଡ଼ିତ ଇସ୍ରାଏଲକୁ ସୁରକ୍ଷା ଦେଇଆସୁଛି। ଏହା ସହ ଇରାନ ଉପରେ ବେଆଇନ ଭାବେ ଆକ୍ରମଣ କରିଛି। ବିଶ୍ୱର ଅଧିକାଂଶ ଦେଶ ଗାଜାରେ ଆତଙ୍କର ଅନ୍ତ ସକାଶେ ଜାତିସଂଘ ସାଧାରଣ ସଭାରେ ଭୋଟ ମାଧ୍ୟମରେ ଜଣାଉଛନ୍ତି। କିନ୍ତୁ ଆମେରିକା ତାହାର ଭିଟୋ ପ୍ରୟୋଗକରି ଏକବିଂଶ ଶତାବ୍ଦୀରେ ଗଣହତ୍ୟା ଜାରି ରଖିବା ପାଇଁ ଅନୁମତି ଦେଉଛି। ସେହିଭଳି ଟାରିଫ୍ ବିଷୟରେ ଆମେରିକା ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଛି ଯେ, ତାହା ମଧ୍ୟ ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାରୁ ଦୂରେଇଯାଇ ଶକ୍ତି ବଳରେ ଧମକଚମକ ଦେଇ ତାହାକୁ ହଟାଇଦେବାକୁ ଚାହୁଁଛି। ଏହିସବୁ ପଦକ୍ଷେପରୁ ଆଉ କିଛି ବିଷୟ ଆମେ ଆକଳନ କରିପାରିବା। ପ୍ରଥମରେ, ଆମେରିକା ଏବେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଆଗକୁ ଆମେରିକା ସହ ଯେଉଁ ଦେଶ କ୍ଷମତାଶାଳୀ ହେବ ତାହା ମଧ୍ୟ ଆମେରିକା ଭଳି ଦୁର୍ବଳ ଦେଶଗୁଡ଼ିକୁ ବ୍ୟବହାର କରିବ। 'ଜୋର ଯାର ମୁଲକ ତାର' ବୈଧ ହୋଇଯିବ। ବିଶ୍ୱର ଧନୀ ଦେଶଗୁଡ଼ିକ ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଉନାହିଁ ଏବଂ ବ୍ରିକ୍ସରେ ଦେଖାଯାଉଥିବା ବିଭେଦ ମଧ୍ୟ ଆମେରିକାର ବଦମାସିକୁ ଖୋରାକ ଯୋଗାଉଛି। ଦ୍ୱିତୀୟରେ, ଆମ ବ୍ୟକ୍ତିକେନ୍ଦ୍ରିକ କୂଟନୀତିର କ'ଣ ଲାଭ ହୋଇଛି ସେ ବିଷୟରେ ବିଚାର କରାଯିବା ଦରକାର। ଇସ୍ରାଏଲ ନେତାଙ୍କୁ କୋଳେଇନେବା ଯୋଗୁ ଆମେ ଦଶନ୍ଧି ବ୍ୟାପୀ ଚାଲିଆସିଥିବା ସଂସ୍ଥାଗତ ସମ୍ମତିକୁ ଅଣଦେଖା କରିଛୁ। ଭାରତରେ ହେଉ କିମ୍ବା ଆମେରିକାରେ, ସବୁ ସମ୍ମାନ ଆମେ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଅଜାଡ଼ି ଦେଉଛୁ ଏବଂ ତାଙ୍କୁ ଭୋଟଦେବା ପାଇଁ ଭାରତୀୟ–ଆମେରିକୀୟଙ୍କୁ ଉତ୍ସାହିତ କରିଥିଲୁ। ହେଲେ ତା'ବଦଳରେ ଆମେ କୌଣସି ଲାଭ କିମ୍ବା ଅନୁକମ୍ପା ପାଇନାହୁଁ।

ଶେଷକଥା ହେଉଛି, ଏଭଳି ସ୍ଥିତିରେ ଏହି ସମୟରେ ଆମେରିକାକୁ ଏହା କରିବା ପାଇଁ କେଉଁସବୁ ବିଷୟ ଉତ୍ସୁକାଉଛି, ସେ ସମ୍ପର୍କରେ ବିଚାରକରିବା ଉଚିତ। ଆମେରିକାର କ୍ଷମତା, ଧନ ଓ ଭଲ ଆର୍ଥିକ ସ୍ଥିତିକୁ ଦେଖିଲେ ଏହା କାହିଁକି ହେଉଛି? ଆମେରିକା ଏବେ ବାତୁଳାମି ବା ପାଗଳାମି ଦେଇ ଗତିକରୁଛି କି? ଏହାର ଉତ୍ତର ହେଉଛି, ବିକାଶଶୀଳ ଦେଶଗୁଡ଼ିକ ବିଶେଷକରି ଚାଇନାର ଉତ୍ଥାନ। ବିଗତ ୩୦ ବର୍ଷ ମଧ୍ୟରେ ସେମାନଙ୍କର ଯେଉଁ ଉତ୍ଥାନ ହେଉଛି ଓ ତାହା ଯଦି ଜାରି ରହେ, ତେବେ ଗୋଟିଏ କିମ୍ବା ଦୁଇ ଦଶନ୍ଧି ମଧ୍ୟରେ ଆମେରିକା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହୋଇ ରହିବ ନାହିଁ, ଯାହା ପ୍ରଥମ ଥର ପାଇଁ ଘଟିବ। ଏହା ପାଶ୍ଚାତ୍ୟ ପାଇଁ ଗ୍ରହଣୀୟ ହେଉନାହିଁ। ଅନେକ ଶତାବ୍ଦୀ ଧରି ୟୁରୋପ ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା କିମ୍ବା ଏବେ ଯାହା ପାଲେଷ୍ଟାଇନ୍‌ରେ କରୁଛି, ତାହା କରିବାକୁ ଏହା ସକ୍ଷମ ହେବ ନାହିଁ। ପାଶ୍ଚାତ୍ୟ ଭଳି ବିଶ୍ୱର ଅନ୍ୟ ସବୁ ଦେଶର ବିକାଶ ହେଉଥିବାରୁ ପାଶ୍ଚାତ୍ୟର ଏମାନଙ୍କ ଉପରେ ନିୟନ୍ତ୍ରଣ ଓ ପ୍ରାଧାନ୍ୟ ହ୍ରାସ ପାଉଛି। ଏହି କାରଣରୁ ଆମେରିକା ନିୟମ ଆଧାରିତ ବ୍ୟବସ୍ଥାଠାରୁ ଦୂରେଇଯାଉଛି ଓ ତା' ଶକ୍ତିର ସାହାରା ନେଉଛି। ବିଶ୍ୱ ପାଇଁ ବିଶେଷକରି ସ୍ୱାସ୍ଥ୍ୟ ଓ ଦାରିଦ୍ର୍ୟରୁ ମୁକୁଳିବା ସକାଶେ ଆଉ କିଛି ବର୍ଷ ବୈଶ୍ୱିକ ସହଯୋଗ ଚାହୁଁଥିବା ଦେଶଗୁଡ଼ିକ ପାଇଁ ଏହି ସମୟ ସବୁଠୁ ବିପଜ୍ଜନକ।

Email:aakar.patel@gmail.com

# ଭାରତର ଜନସାଂଖ୍ୟିକୀୟ ଲାଭାଂଶ



ବିଦ୍ୟାଧର ମହାରଣା

ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଞ୍ଚିଲାଣି ଏବଂ ଦେଶ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ହାସଲ କରି ଚତୁର୍ଥ ଆଡ଼କୁ ମୁହାଁଇଲାଣି। ଦେଶର କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫–୬୪ ବର୍ଷ) ପ୍ରାୟ ୬୭%। ଏମାନଙ୍କ ହାରାହାରି ବୟସ ୨୮ ହୋଇଥିବାରୁ ଏହି ଶ୍ରେଣୀର ଅଧିକ ହେଉଛନ୍ତି ଯୁବ ଗୋଷ୍ଠୀ। ଏଣୁ ଆମ ଦେଶରେ ଜନସାଂଖ୍ୟିକୀୟ ଲାଭାଂଶ (ଡେମୋଗ୍ରାଫିକ ଡିଭିଡେଣ୍ଡ) ଉଠାଇବାର ଏକ ଅପୂର୍ବ ସୁଯୋଗ ରହିଛି। କାରଣ ଦେଶର କାର୍ଯ୍ୟକ୍ଷମ ଲୋକଙ୍କ ଯେତେବେଳେ କାର୍ଯ୍ୟହୀନ ଲୋକ (ଶିଶୁ ଓ ବୟସ୍କ)ଙ୍କ ତୁଳନାରେ ଅଧିକ ଥାଏ, ସେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭାବନା ଅଧିକ ହୁଏ। ଏହାକୁ ଜନସାଂଖ୍ୟିକୀୟ ଲାଭାଂଶ କୁହାଯାଏ। ଡେଭିଡ୍ ବ୍ଲୁମ ଜନସାଂଖ୍ୟିକୀୟ ଲାଭାଂଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହାର ଉପାଦେୟତା ପ୍ରଥମେ ପ୍ରକାଶ କରିଥିଲେ।

ଜନସାଂଖ୍ୟିକୀୟ ଲାଭାଂଶ ସେତିକିବେଳେ ଦେଖାଯାଏ, ଯେତେବେଳେ ମୋଟ ଜନସଂଖ୍ୟାର ବଡ଼ ଭାଗ କାର୍ଯ୍ୟକ୍ଷମ ହିସାବରେ ସମ୍ଭାବ୍ୟ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ କରିପାରିବେ। ଏହାକୁ ଜନସଂଖ୍ୟାର ଉପହାର ମଧ୍ୟ କୁହଯାଏ। ତେବେ ଏପରି ଯୁବକ ଶକ୍ତି ଅଧିକ ଶିକ୍ଷିତ ଓ ସ୍ୱାସ୍ଥ୍ୟବାନ୍ ହେବା ଆବଶ୍ୟକ। ଏହାର ଏକ କାରଣ ହୋଇପାରେ, ଭାରତର ମୋଟ ପ୍ରଜନନ ହାର ହ୍ରାସ; ଯାହାକି ମହିଳାମାନଙ୍କ ସନ୍ତାନ ଜନ୍ମ ହାରକୁ ବୁଝାଏ। ବିଶ୍ୱରେ ଏହି ହାର ୨.୪ ଥିବାବେଳେ ଭାରତରେ ଏହା ୨.୧। ଯଦିଓ ଏହା ହ୍ରାସ ପାଉଛି, ଏହାର ହାର ବିଭିନ୍ନ ରାଜ୍ୟରେ ଅଲଗା ରହିଛି। ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଏହି ହାର ୨.୫ ଥିବାବେଳେ ଦିଲ୍ଲୀ, ମହାରାଷ୍ଟ୍ର ଓ ତାମିଲନାଡୁରେ ଏହି ହାର ୧.୫। ଏହା ଅଧିକ ପ୍ରଜନନକ୍ଷମ ଗ୍ରାମ୍ୟ ଅର୍ଥନୀତିରୁ ନ୍ୟୂନ ପ୍ରଜନନ ଓ ନିମ୍ନ ମୃତ୍ୟୁହାର ଥିବା ସହରାଞ୍ଚଳ ଶିଳ୍ପ ଅର୍ଥନୀତିକୁ ପରିବର୍ତ୍ତନ ଯୋଗୁ ସମ୍ଭବ ହୋଇଥାଏ। ଏପରି କାର୍ଯ୍ୟକ୍ଷମ ଲୋକଙ୍କ ଯେତେ ଅଧିକ ହେବ, ଦେଶରେ ଦ୍ରୁତଗତି ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି ହେବ। ତେବେ ଏହା ସୁଯୋଗ ସୃଷ୍ଟି କରିବା ସହିତ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ମଧ୍ୟ ହୋଇଥାଏ। ଅଧିକ କାର୍ଯ୍ୟକ୍ଷମ ଲୋକଶକ୍ତି ଦେଶରେ ଉତ୍ପାଦନ, ଉପଭୋଗ ଓ ନିବେଶ କ୍ଷେତ୍ରରେ ବେଶି ଯୋଗଦାନ କରିପାରନ୍ତି। ଅଧିକ ଶ୍ରମବଳ ଅଧିକ ଉତ୍ପାଦକତା ଏବଂ ନବସୃଜନ ବା ନବୋନ୍ମେଷ ସହାୟକ ମଧ୍ୟ ହୋଇପାରନ୍ତି। ଏମାନଙ୍କ ମାନବୀୟ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ ହେଲେ ଜନସାଂଖ୍ୟିକୀୟ ଲାଭାଂଶ ଦେଶର ନିରନ୍ତର ବିକାଶ ଆଡ଼କୁ ରୂପାନ୍ତରିତ ହେବା ନିଶ୍ଚିତ।

ଏପରି ଲାଭାଂଶର ସଦୁପଯୋଗ କରିବାକୁ ହେଲେ ପ୍ରଥମେ ଆମ ଆଗରେ ଥିବା ସମସ୍ୟାଗୁଡ଼ିକ ଅନୁଧ୍ୟାନ କରି ସେଥିରେ ଉଚିତ ପଦକ୍ଷେପ ନେବାକୁ ହେବ। ଆମ ଦେଶରେ ହାରାହାରି ୪୫% କାର୍ଯ୍ୟକ୍ଷମ କୃଷିକ୍ଷେତ୍ରରେ ନିୟୋଜିତ ହେଲେହେଁ ସାମଗ୍ରିକ ଘରୋଇ ଉତ୍ପାଦର ମାତ୍ର ୧୮% କୃଷିରୁ ଆସେ। ପ୍ରାୟ ୧୯% କାର୍ଯ୍ୟକ୍ଷମ ଅସଂଗଠିତ ଓ ଏମାନେ କୃଷି କ୍ଷେତ୍ରରେ କାର୍ଯ୍ୟରତ। ଦେଶରେ ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ବେରୋଜଗାରି, ଶିକ୍ଷା ଓ କୌଶଳର ଅଭାବ ଏବଂ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ଅଭାବ। ଏପରି ଜନସାଂଖ୍ୟିକୀୟ ଲାଭାଂଶ ଆମ ଦେଶରେ ୨୦୪୦ ପର୍ଯ୍ୟନ୍ତ ରହିପାରେ ଏବଂ ଏହା ପରେ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧି ପାଇବ।



ଏପରି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ସରକାର କେତେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ ମସିହାରେ ଆରମ୍ଭ କରାଯାଇଥିବା କୌଶଳ ଭାରତ ମିଶନ। ଯୁବକମାନଙ୍କୁ କୌଶଳ ବିକାଶ ତାଲିମ ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ବିନିର୍ମାଣ ଓ କର୍ମସଂସ୍ଥାନ ଏହାର ଉଦ୍ଦେଶ୍ୟ। ୨୦୨୦ରେ ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇଛି। ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀରେ ସଂସ୍କାର ଆଣି ଉତ୍ତମ ଓ ଆବଶ୍ୟକୀୟ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆୟୁଷ୍ମାନ୍ ଭାରତ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଡିଜିଟାଲ ସାକ୍ଷରତା ବିକାଶ କରାଯାଇ ବିଭିନ୍ନ ସୁଯୋଗ ସହିତ ଯୋଡ଼ି ହେବା ପାଇଁ ପ୍ରୟାସ କରାଯାଉଛି। ସୁତରାଂ ଦେଶର ଜନସାଂଖ୍ୟିକୀୟ ଲାଭାଂଶ ହାସଲ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ବିକାଶ ଓ ଆତ୍ମନିଯୁକ୍ତି ପାଇଁ ବ୍ୟାପକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ଦେଶର ନିରନ୍ତର ବିକାଶ ପାଇଁ ରଣକୌଶଳ ଓ ନୀତି ଅନୁପାଳନ ମାଧ୍ୟମରେ ଏପରି ଲାଭାଂଶକୁ ବିନିଯୋଗ କରାଯାଇ ପାରିବ।

ଆଲୋଚନା କରିବା ଆଗକୁ କ'ଣସବୁ ରାସ୍ତା ରହିଛି। ରାଜ୍ୟଗୁଡ଼ିକ ଅଦରକାରୀ ଖର୍ଚ୍ଚ ହ୍ରାସ କରି ଏକ ପୁଞ୍ଜି ନିବେଶ ବାତାବରଣ ସୃଷ୍ଟି କରିବା ଆବଶ୍ୟକ। ଏହାଦ୍ୱାରା ବହୁଶ୍ରମ ବିଦେଶ ସୃଷ୍ଟି ହୋଇପାରିବ। କୃଷି ସହିତ ଶ୍ରମପ୍ରଧାନ ଶିଳ୍ପ ବିକାଶ ପାଇଁ ପ୍ରୋତ୍ସାହନ ଯୋଗାଇବା ମଧ୍ୟ ଜରୁରୀ। ଔପଚାରିକ ଶିକ୍ଷା ଓ ବ୍ୟବସାୟିକ ପ୍ରଶିକ୍ଷଣ ଦ୍ୱାରା ଶିଳ୍ପ ସଂକ୍ରାନ୍ତ କୌଶଳ ବିକାଶକୁ ଏକୀକରଣ କରିବା ପାଇଁ ସରକାରୀ–ବେସରକାରୀ ଭାଗୀଦାରିକୁ ଉତ୍ସାହିତ କରାଗଲେ ଅଧିକ ସୁଫଳ ମିଳିପାରିବ। କୃତ୍ରିମ ମେଧା ଓ ମେସିନ ଲର୍ଣ୍ଣିଂ (ଏ.ଆଇ/ ଏମ୍.ଏଲ) ମଧ୍ୟରେ ଶ୍ରମିକମାନଙ୍କର କୌଶଳ ବିକାଶ କରାଗଲେ ଅଧିକ ଦକ୍ଷ ଶ୍ରମିକ ବାହାରିବେ। ବିଭିନ୍ନ କମ୍ପାନୀ ସହାୟତାରେ ପ୍ରତିଭାସମ୍ପନ୍ନ ଶ୍ରମିକ ସୃଷ୍ଟି କରିବା ଆବଶ୍ୟକ। ମଧ୍ୟମ ଓ କ୍ଷୁଦ୍ରଶିଳ୍ପ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ଯୋଗାଇଦେଲେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ଏଥିପାଇଁ ସହଜରେ ଅଧିକ ଋଣ ମଧ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ। ଅଣକୁଶଳୀ ଶ୍ରମିକଙ୍କ ପାଇଁ ଖେଳନା, ପୋଷାକ ଓ ପର୍ଯ୍ୟଟନ ପରି କର୍ମନିଯୁକ୍ତି କ୍ଷେତ୍ରର ବିକାଶ କରାଗଲେ ବେକାରି ସମସ୍ୟା ସମାଧାନ ହୋଇପାରିବ। ଶ୍ରମିକମାନଙ୍କ କୌଶଳ ବୃଦ୍ଧି ପରେ ଉତ୍ପାଦଗୁଡ଼ିକର ମୂଲ୍ୟ ଶୃଙ୍ଖଳାରେ ଉନ୍ନତି କରାଗଲେ ଶ୍ରମିକମାନେ ଅଧିକ ପାରିଶ୍ରମିକ ପାଇବେ। ପ୍ରଧାନମନ୍ତ୍ରୀ ଗତିଶକ୍ତି ପରି ଯୋଜନାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ମିଳିତ ସହଯୋଗ ଆବଶ୍ୟକ।

ଜନସାଂଖ୍ୟିକୀୟ ଲାଭାଂଶ ପାଇଁ ଭାରତ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ପ୍ରଥମରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ନିବେଶ କରିପାରିଲେ କାର୍ଯ୍ୟକ୍ଷମ କର୍ମନିଯୁକ୍ତି ପାଇପାରିବେ। ଦ୍ୱିତୀୟରେ ନିର୍ମାଣ ବା ମାନୁଫାକ୍‌ଚରିଂ କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ କଲେ ଅଧିକ ସଂଖ୍ୟକ କର୍ମଯୋଗାଣ ସୃଷ୍ଟି ହେବ। ତୃତୀୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଯୁବଗୋଷ୍ଠୀ ପାଇଁ ଅଧିକ ସମ୍ଭାବନା ସୃଷ୍ଟି କରିପାରିବେ। ରାଜ୍ୟଗୁଡ଼ିକ ମଧ୍ୟ ସହଯୋଗ ଆବଶ୍ୟକ। ଚତୁର୍ଥରେ ମାନବୀୟ ବିକାଶ ପାଇଁ ଭାରତରେ ଅଧିକ ଅର୍ଥ ବିନିଯୋଗ କରାଯିବା ଦରକାର। ଅର୍ଥନୈତିକ ଉତ୍ପାଦକତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଶକ୍ତୀକରଣ ପାଇଁ ଏହି ବିନିଯୋଗ ଆବଶ୍ୟକ। ଶିକ୍ଷା ଉପରେ ଅନ୍ୟୁନ ସାମଗ୍ରିକ ଘରୋଇ ଉତ୍ପାଦର ୬% ବ୍ୟୟ ହେବା ଜରୁରୀ। ପଞ୍ଚମରେ ନିରନ୍ତର ବିକାଶ ଲକ୍ଷ୍ୟରେ ସ୍ଥାପିତ ୧୭ଟି ଲକ୍ଷ୍ୟ ପୂରଣ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆବଶ୍ୟକ। ସର୍ବୋପରି ମାନବୀୟ ବିକାଶ ସୂଚକାଙ୍କରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନକୁ ଉନ୍ନତ କରିବାକୁ ହେବ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି ମାଧ୍ୟମରେ ରୋଜଗାର ବୃଦ୍ଧି ଏବଂ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଆବଶ୍ୟକ।

ଜନସାଂଖ୍ୟିକୀୟ ଲାଭାଂଶର ଫାଇଦା ମଧ୍ୟରେ ପ୍ରଥମ ହେଲା ଅର୍ଥନୈତିକ ଅଭିବୃଦ୍ଧି। ଏପରି ଲାଭାଂଶ ମାଧ୍ୟମରେ ସାମଗ୍ରିକ ଘରୋଇ ଉତ୍ପାଦ କ୍ଷେତ୍ରରେ ବାର୍ଷିକ ୨–୩% ଅଭିବୃଦ୍ଧି ସମ୍ଭବପର। ଦେଶରେ ଅଧିକ ଉପଭୋକ୍ତା ଥିବାରୁ ଅଧିକ ପୁଞ୍ଜି ନିବେଶ ସୁଯୋଗ ମିଳିପାରିବ। ଉପଯୁକ୍ତ ଶିକ୍ଷା ଓ କୌଶଳ ବିକାଶ କରାଗଲେ ଯୁବକମାନେ ନୂତନ ଅଭିନବକରଣରେ ଅଂଶଗ୍ରହଣ କରିପାରିବେ; ଫଳରେ ଏହାଦ୍ୱାରା ଉତ୍ପାଦନ ଅଧିକ ହୋଇପାରିବ। ଆମ ଦେଶରେ ଜନସାଂଖ୍ୟିକୀୟ ଲାଭାଂଶ ୨୦୪୦ ପର୍ଯ୍ୟନ୍ତ ରହୁଥିବାରୁ ଏହାର ଲାଭ ନିମନ୍ତେ ସମସ୍ତ ଯୋଜନା ଆଗାମୀ ୧୫ ବର୍ଷ ମଧ୍ୟରେ ନିଷ୍ଠାର ସହିତ କାର୍ଯ୍ୟାନୁଷ୍ଠାନ କରାଯିବା ଆବଶ୍ୟକ ମନେହୁଏ।

କଳିଙ୍ଗନଗର, ୭/୪୫୨, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

# ସମନ୍ୱିତ ପ୍ରୟାସ ଲୋଡ଼ା



ବରେଣ୍ୟ ଦାସ

ଜଳବାୟୁ ପରିବର୍ତ୍ତନ ସମଗ୍ର ପୃଥିବୀରେ ଗଭୀର ପ୍ରଭାବ ପକାଉଛି। ଏହା ପରିବେଶ, ଅର୍ଥନୀତି, କୃଷି, ସ୍ୱାସ୍ଥ୍ୟ ଓ ଜୀବ ବୈଚିତ୍ର୍ୟ ଉପରେ ମାରାତ୍ମକ ପ୍ରତିକ୍ରିୟା ସୃଷ୍ଟିକରିଛି। ବିଶ୍ୱର ହାରାହାରି ତାପମାତ୍ରା ୨୦୧୧ରୁ ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରାୟ ୧.୧ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧିପାଇଛି, ଯାହା ମୁଖ୍ୟତଃ ମାନବ କାର୍ଯ୍ୟକଳାପ ଯେପରିକି ଜୀବାଶ୍ମ ଇନ୍ଧନ (କୋଇଲା, ତୈଳ ଓ ଗ୍ୟାସ) ଜାଳିବା ଓ ବନନାଶ ଯୋଗୁ ଘଟିଛି। ଏହି ତାପମାତ୍ରା ବୃଦ୍ଧି ଯୋଗୁ ସମୁଦ୍ରସ୍ତର ୧୯୦୧ରୁ ୨୦୧୮ମସିହା ମଧ୍ୟରେ ପ୍ରାୟ୨୦ସେଣ୍ଟିମିଟର (୮ଇଞ୍ଚ) ବୃଦ୍ଧିପାଇଛି। ଗତ ୨ ଦଶନ୍ଧିରେ ଏହାର ହାର ପୂର୍ବଶତାବ୍ଦୀ ତୁଳନାରେ ଦ୍ୱିଗୁଣିତ ହୋଇଛି। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ପୁରୀ, ବାଲେଶ୍ୱର ଓ ଗଞ୍ଜାମରେ ଏହା ବନ୍ୟା ଓ ଜମି କ୍ଷୟର ବିପଦ ବଢ଼ାଇଛି, ଯାହା ସ୍ଥାନୀୟ ଜନଜୀବନ ଓ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଉଛି।

ଜଳବାୟୁ ପରିବର୍ତ୍ତନ ଚରମ ପାଗଘଟଣାକୁ ତୀବ୍ର କରୁଛି। ୨୦୧୮ରେ ଉତ୍ତର ୟୁରୋପରେ ଘଟିଥିବା ଗ୍ରୀଷ୍ମଲହରି ଜଳବାୟୁ ପରିବର୍ତ୍ତନ ଯୋଗୁ ଦ୍ୱିଗୁଣ ବୃଦ୍ଧିପାଇଥିଲା। ଓଡ଼ିଶାରେ ଘୂର୍ଣ୍ଣିଝଡ଼ ଯେପରି କି ଫନୀ ଓ ଅମ୍ଫାନର ତୀବ୍ରତା ମଧ୍ୟ ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ, ଯେଉଁଥିରେ ସମୁଦ୍ର ତାପମାତ୍ରା ବୃଦ୍ଧି ଏହି ଝଡ଼ଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିଛି। ଏହି ସବୁ ଝଡ଼ ଓଡ଼ିଶାର ଅର୍ଥନୈତିକ ଓ ସାମାଜିକ ସ୍ଥିରତାକୁ ପ୍ରଭାବିତ କରିଥିଲା।

ମାନବ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଅନୁଯାୟୀ, ୨୦୩୦ରୁ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅପପୁଷ୍ଟି, ମ୍ୟାଲେରିଆ, ଝାଡ଼ାବାନ୍ତି ଓ ଗ୍ରୀଷ୍ମଲହରି ଯୋଗୁ ପ୍ରତି ବର୍ଷ ଅତିରିକ୍ତ୨,୫୦,୦୦୦ମୃତ୍ୟୁ ହୋଇପାରେ। ଓଡ଼ିଶାରେ ଗ୍ରୀଷ୍ମଲହରି ଯୋଗୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇଛି। ଜଳବାୟୁ ପରିବର୍ତ୍ତନ ସାମାଜିକ ଓ ଅର୍ଥନୈତିକ ଅସମାନତାକୁ ଆହୁରି ବୃଦ୍ଧିକରୁଛି। କାରଣ ଗରିବ ଓ ଅସୁରକ୍ଷିତ ଜନଗୋଷ୍ଠୀ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି।

ଜୈବବିବିଧତା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ଗଭୀର। ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ତଥ୍ୟ(୨୦୨୦) ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଜୈବବିବିଧତା ହ୍ରାସର ମୁଖ୍ୟ କାରଣ। ୧୯୭୦ରୁ୨୦୧୬ମଧ୍ୟରେ ବିଶ୍ୱବ୍ୟାପୀ ମେରୁଦଣ୍ଡପ୍ରାଣୀଙ୍କ ସଂଖ୍ୟାରେ ୬୮% ହ୍ରାସ ଘଟିଛି। ଅନେକ ଅଞ୍ଚଳରେ୨୦୫୦ମସିହା ସୁଦ୍ଧା ବହୁ ପ୍ରଜାତି ଜଳବାୟୁ ପରିବର୍ତ୍ତନ ଯୋଗୁ ବିଲୁପ୍ତିର ବିପଦରେ ରହିଛନ୍ତି। ଓଡ଼ିଶାର ଚିଲିକା ହ୍ରଦ ଓ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଜୈବବିବିଧତା ସମୁଦ୍ରସ୍ତର ବୃଦ୍ଧି ଓ ତାପମାତ୍ରା ପରିବର୍ତ୍ତନ ଯୋଗୁ ବିପଦରେ ଅଛି।



ଏହି ସଙ୍କଟର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ଓ ସ୍ଥାନୀୟସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ୨୦୧୫ରେ ପ୍ୟାରିସ୍ ଚୁକ୍ତି ଜରିଆରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ଡିଗ୍ରୀ ସେଲ୍‌ସିଅସ୍‌ରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ଦେବା ଏକ ମୁଖ୍ୟ ସମାଧାନ। ୨୦୨୨ମସିହାରେ ବିଶ୍ୱବ୍ୟାପୀ ନବୀକରଣୀୟ ଶକ୍ତିରେ ୫୦୦ବିଲିୟନ ଡଲାର ନିବେଶ କରାଯାଇଥିଲା। ଓଡ଼ିଶାରେ ସୌରଶକ୍ତି ପ୍ରକଳ୍ପରେ ୨୦୨୪ ସୁଦ୍ଧା ୫୦୦ ମେଗାୱାଟ ଉତ୍ପାଦନ କ୍ଷମତା ଯୋଗକରାଯାଇଛି, ଯାହା ରାଜ୍ୟର କାର୍ବନଫୁଟ୍ ପ୍ରିଣ୍ଟ ହ୍ରାସକରିଛି।

ଅନୁକୂଳନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶାରେ ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲା ପାଇଁ ଉନ୍ନତ ପୂର୍ବ ଚେତାବନୀ ବ୍ୟବସ୍ଥା ଓ ସ୍ଥିତିସ୍ଥାପକ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଉପକୂଳ ଅଞ୍ଚଳରେ ସମୁଦ୍ରଜଳ ପ୍ରବେଶରୁ ଗ୍ରାମଗୁଡ଼ିକୁ ରକ୍ଷାକରିବା ପାଇଁ ବନ୍ଧ ନିର୍ମାଣ କରାଯାଉଛି, ଯାହା ବନ୍ୟା ଓ ଝଡ଼ବାତ୍ୟାର ମୁକାବିଲାରେ ସହାୟକ। ଏହାସହ ପ୍ରକୃତି ଆଧାରିତ ସମାଧାନ, ଯେପରିକି ଜଳାଶୟ ଓ ସବୁଜ ଛାତ, ବନ୍ୟା ଏବଂ ଗ୍ରୀଷ୍ମଲହରି ମୁକାବିଲା କରିବାରେ ସହାୟକ ଭୂମିକା ପାଳନକରେ। କାର୍ବନଟ୍ୟାକ୍ସ ଓ ନିର୍ଗମନ ବାଣିଜ୍ୟ ପ୍ରଣାଳୀ ଭଳି ବଜାର ଆଧାରିତ ପଦ୍ଧତି ମଧ୍ୟ କାର୍ବନ ନିର୍ଗମନ ହ୍ରାସକରୁଛି। ୨୦୨୪ସୁଦ୍ଧା ୭୫ଟି କାର୍ବନ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀ ବିଶ୍ୱବ୍ୟାପୀ କାର୍ଯ୍ୟକାରୀ ହୋଇସାରିଛି। ଆଇପିସିସି(୨୦୨୨)ର ତଥ୍ୟ ଅନୁଯାୟୀ, ୧୭୦ରୁ ଅଧିକ ଦେଶ ଓ ଅନେକ ସହର ନିଜର ଜଳବାୟୁନୀତି ଓ ଯୋଜନା ପ୍ରକ୍ରିୟାରେ ଅନୁକୂଳନ ଅନ୍ତର୍ଭୁକ୍ତକରିଛନ୍ତି। ଫସଲ ସୁଧାର, ଜଳ ପରିଚାଳନା ଓ ସଂରକ୍ଷଣ, ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ, ଜଳସେଚନ ଉଦ୍ଭାବି ପ୍ରଣାଳୀ ଅନୁକୂଳନ ବିକଳ୍ପ ହିସାବରେ ପ୍ରମାଣିତ ହୋଇଛି।

ଜନସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ସ୍କୁଲ ଓ ଗୋଷ୍ଠୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜୀବନଶୈଳୀ ପରିବର୍ତ୍ତନ ଓ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସରେ ସହାୟକ ହେବ। ବର୍ତ୍ତମାନର ଆବଶ୍ୟକତା ହେଉଛି ଏକ ବ୍ୟାପକ ଓ ସମନ୍ୱିତ ପ୍ରୟାସ, ଯାହା ଅନୁକୂଳନ ଦିଗକୁ ଏକା ସାଙ୍ଗରେ ସମାଧାନ କରିପାରିବ। ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି ସହ ଅନ୍ତର୍ଜାତୀୟ ସହଯୋଗ ଏବଂ ଆର୍ଥିକ ସହାୟତା ବୃଦ୍ଧି ହେଲେ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇପାରିବ। ନବୀକରଣୀୟ ଶକ୍ତିର ଦ୍ରୁତ ଅଗ୍ରଗତି ଓ ମୂଲ୍ୟହ୍ରାସ ସହ ଅନୁକୂଳନ ପ୍ରଯୁକ୍ତିର ବିକାଶ ଏକ ସୁସ୍ଥ ପୃଥିବୀ ପାଇଁ ଆଶା ଜଗାଉଛି। ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମସ୍ତ ଦେଶ, ସମୁଦାୟ ଓ ବ୍ୟକ୍ତିର ସମ୍ମିଳିତ ପ୍ରୟାସ ଆବଶ୍ୟକ, ଯାହାକି ଆଗାମୀ ପିଢ଼ି ପାଇଁ ଏକ ବାସଯୋଗ୍ୟ ପୃଥିବୀ ନିଶ୍ଚିତ କରିପାରିବ।

ଆଇଆଇଏମ୍, କଲିକତା
ମୋ: ୮୩୩୫୯୪୯୪୭୭

## ଏଇ ଭାରତରେ

ଏବେ ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ ବ୍ୟବହାର ବଢ଼ିଚାଲିଛି। ଯିଏ ବାହାରକୁ ଯାଉଛନ୍ତି ଶୋଷ ହେଲେ ପ୍ଲାଷ୍ଟିକ ପାଣି ବୋତଲ କିଣି ପିଉଛନ୍ତି ଓ ପରେ ତାହାକୁ ଫିଙ୍ଗି ଦେଉଛନ୍ତି। ଏହା ଅନେକ ବର୍ଷ ଧରି ପଡ଼ିରହି ମାଟି, ପାଣି ଓ ପବନ ସର୍ବୋପରି ପରିବେଶକୁ କ୍ଷତି କରିଚାଲିଛି। ଏଣୁ ଏଭଳି ସମସ୍ୟା ଦୂର କରିବା ଲାଗି ଆଗକୁ ଆସିଛନ୍ତି କେରଳର ପ୍ରଦୀପ କୋକାଟ ଏବଂ ଅଲି ଅସ୍‌ଗର। ସେମାନେ ଅବିକଳ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ଏକ ପ୍ରକାର ବୋତଲ ତିଆରି କରୁଛନ୍ତି। ମକା ଓ ଆଖୁ ବର୍ଜ୍ୟରୁ ଏକ ପ୍ରକାର ପଲିଲାକଟାଇଡ (ଏକ ପ୍ରକାର ଜୈବିକ ପଦାର୍ଥ) ପ୍ରସ୍ତୁତ କରି ସେଥିରୁ ବାୟୋ ପ୍ଲାଷ୍ଟିକ ତିଆରି କରୁଛନ୍ତି। ସେମାନେ ୧୦୦ ମିଲିଲିଟରରୁ ୧ ଲିଟର ପାଣି ରହୁଥିବା ବୋତଲ ତିଆରି କରୁଛନ୍ତି। ପ୍ରଦୀପ ଓ ଅଲି 'ବାୟୋ ଗ୍ରିନ୍' ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି। ଏହି ବାୟୋ ପ୍ଲାଷ୍ଟିକ ବୋତଲଗୁଡ଼ିକ ୩ ମାସ ମଧ୍ୟରେ ମାଟିରେ ମିଶିଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୭୫

- ମହାରାଷ୍ଟ୍ରର ପୂର୍ବତନ ଉପମନ୍ତ୍ରୀ ଗୁଣ୍ଡେରାଓ ପାଟିଲଙ୍କ ୫୫ ବର୍ଷ ବୟସରେ ପରଲୋକ।
- ପ୍ରେଗଠାରେ ଭାରତ ଓ ଚେକୋସ୍ଲୋଭାକିଆ ମଧ୍ୟରେ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିତ ଶୁଣି
ନିଷ୍ଠୁର ଜନ ଦୟିତ !
ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ ! –(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 6 | | 1 | 2 |
| | | | | | | | | 9 |
| | | 5 | | | | | | 3 |
| | | | 7 | | | | | 6 |
| | 9 | | 2 | | 3 | 5 | | |
| | | | | | | | 8 | |
| | | | | | 1 | | 6 | 8 |
| 5 | 2 | 8 | | 9 | | | | |
| | | 6 | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 6 | 4 | 7 | 2 | 3 | 5 |
| 2 | 7 | 6 | 8 | 3 | 5 | 1 | 4 | 9 |
| 4 | 5 | 3 | 1 | 2 | 9 | 8 | 7 | 6 |
| 3 | 6 | 7 | 5 | 8 | 1 | 4 | 9 | 2 |
| 5 | 8 | 4 | 2 | 9 | 3 | 7 | 6 | 1 |
| 1 | 9 | 2 | 7 | 6 | 4 | 5 | 8 | 3 |
| 6 | 2 | 9 | 4 | 5 | 8 | 3 | 1 | 7 |
| 7 | 4 | 5 | 3 | 1 | 6 | 9 | 2 | 8 |
| 8 | 3 | 1 | 9 | 7 | 2 | 6 | 5 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଳକାରଖାନାର ପୁନରୁଦ୍ଧାର ଜରୁରୀ

ମହାଶୟ,

ଓଡ଼ିଶାକୁ ଭାରତର ବୟନ ଶିଳ୍ପର ରାଜଧାନୀରେ ପରିଣତ କରିବା ଲକ୍ଷ୍ୟ ନେଇ ଓଡ଼ିଶାଟେକ୍ସ–୨୦୨୫ କନ୍‌କ୍ଲେଭ ଆୟୋଜନ କରାଯାଇ ଶିଳ୍ପୋଦ୍ୟୋଗୀଙ୍କ ପୁଞ୍ଜିନିବେଶର ପ୍ରତିଶ୍ରୁତି ମିଳିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଓଡ଼ିଶା ସରକାର ଯଦି ଶିଳ୍ପ ପ୍ରଗତିରେ ନିଷ୍ଠା ଓ ଆନ୍ତରିକତା ରଖନ୍ତି, ତେବେ ରାଜ୍ୟରେ ଆତ୍ମନିଯୁକ୍ତ ବୃଦ୍ଧି ପାଇବା ସହ ବେକାର ସମସ୍ୟା ଦୂର ହେବ। ରାଜନୈତିକ କ୍ଷେତ୍ରରେ ସରକାରଙ୍କ ଇଚ୍ଛାଶକ୍ତି ଓ ଦୂରଦର୍ଶିତା ଅଭାବରୁ ଯେଉଁସବୁ ଛୋଟବଡ଼ ଶିଳ୍ପ କଳକାରଖାନା ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି ସେସବୁକୁ ପୁନରୁଦ୍ଧାର କରିବାରେ ଚେଷ୍ଟା କରିବା ଆବଶ୍ୟକ। ସୂଚନାଯୋଗ୍ୟ, ଓଡ଼ିଶାରେ କଳ କାରଖାନା ଚଳାଇବା ନିମିତ୍ତ ପ୍ରଚୁର ମୂଲ୍ୟବାନ ଖଣିଜସମ୍ପଦ ଗଚ୍ଛିତ ଅଛି, ଯାହାର ଠିକ୍ ବିନିଯୋଗ ହେବା ଦରକାର। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରଥମ ଓଡ଼ିଆ ଶିଳ୍ପପତି ଭାବରେ କଟକର ଚୌଦ୍ୱାରରେ କଳିଙ୍ଗ ଟ୍ୟୁବସ୍, ଓଟିଏମ୍–ଓଡ଼ିଶା ଟେକ୍ସଟାଇଲ ମିଲ ଏବଂ ଏକ କାଗଜକଳ ପ୍ରତିଷ୍ଠା କରିଥିଲେ। ଓଡ଼ିଶା ଏକଦା ଥିଲା ସିମେଣ୍ଟ, ସୂତାକଳ, ଚିନିକଳ, ଫେରୋକ୍ରୋମ, ଆଲବେଷ୍ଟସ, ଚମଡ଼ା ଆଦି ବିଭିନ୍ନ ଶିଳ୍ପ ସମୃଦ୍ଧ ରାଜ୍ୟ। ତେଣୁ ଶିଳ୍ପକୁ ସକ୍ରିୟ କରିବା ପାଇଁ ସରକାରଙ୍କ ଉଦ୍ୟମ ଲୋଡ଼ା।

–ଅଶୋକ କୁମାର ଆଢ଼ୀ, ମରାଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ମଧ୍ୟାହ୍ନଭୋଜନରେ ଝିଟିପିଟି
# ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ବଲାଙ୍ଗୀର/ଟିଟିଲାଗଡ/ ମୁରିବାହାଲ,୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର/ ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ବଡତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ଭୋଜନ ଖାଇ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣା ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ଉପଖଣ୍ଡସ୍ତରୀୟ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଛି। କେତେଜଣ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ପରେ ଛାଡି ଦିଆ ଯାଇଥିବା ବେଳେ ଆଉ କେତେକଙ୍କୁ ଅବ୍‌ଜରଭେଶନ୍‌ରେ ରଖାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ବଡତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ କରୁଥିଲେ। ଏହି


ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଟିଟିଲାଗଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

ସମୟରେ ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଏକ ମଲା ଝିଟିପିଟି ବାହାରିଥିଲା। ଖାଦ୍ୟରେ ଝିଟିପିଟି ଦେଖିବା ପରେ ଛାତ୍ରୀ ଜଣକ ବାନ୍ତି କରିଥିଲେ। ଏହାପରେ ଭୋଜନ କରି ସାରିଥିବା ବହୁ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ଅନେକ ଛାତ୍ରୀଛାତ୍ରଙ୍କ ବାନ୍ତି ହେବା ସହ ମୁଣ୍ଡ ବୁଲାଇବାରୁ ଅସୁସ୍ଥ ହୋଇ ପଡିଥିଲେ। ଘଟଣା ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କିଭଳି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡିଲା ଓ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ବୋଲି ପ୍ରଶ୍ନ କରିଥିଲେ। ସେଠାରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା। ତେବେ ସ୍କୁଲ ଶିକ୍ଷକ ଏବଂ ଅଭିଭାବକଙ୍କ ଠାରୁ ଫୋନ କଲ୍ ପାଇ ଆମ୍ବୁଲାନ୍ସ ଆସିବା ପରେ ଗୁରୁତର ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଟିଟିଲାଗଡ ହସ୍ପିଟାଲକୁ ପଠାଯାଇଥିଲା। ତେବେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିବାରୁ ବହୁ ସଂଖ୍ୟକ ଆମ୍ବୁଲାନ୍ସ ଆବଶ୍ୟକ ପଡିଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ଦେଖି କେତେଜଣ ଅଭିଭାବକ ନିଜ ପିଲାଙ୍କୁ ବାଇକ୍‌ରେ ହସ୍ପିଟାଲ ନେଇଥିବା ଦେଖିବାକୁ ମିଳିଥିଲା। ପରେ ଏକ ଡାକ୍ତରୀ ଟିମ୍ ଗାଁକୁ ଆସି ଛାତ୍ରୀଛାତ୍ରଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କିଭଳି ପରିସ୍ଥିତିରେ ଛାତ୍ରୀଛାତ୍ର ଅସୁସ୍ଥ ହେଲେ ତା'ର ତଦନ୍ତ କରାଯିବ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚରାଯିବାରେ ଖାଦ୍ୟରେ ମଲା ଝିଟିପିଟିର ଏକ ଲାଞ୍ଜ ଦେଖିବା ପରେ ଜଣେ ଛାତ୍ରୀ ବାନ୍ତି କରିଥିଲେ। ଏହାପରେ ଅନ୍ୟ ଛାତ୍ରୀଛାତ୍ର ବାନ୍ତି କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି।

# ଖବରଦାତାଙ୍କୁ ଆକ୍ରମଣ ଘଟଣା, ଥାନାରେ ମାମଲା

■ଏସ୍‌ପିଙ୍କୁ ଭେଟିଲା ସଂଘ, କାର୍ଯ୍ୟାନୁଷ୍ଠାନ ଦାବି
■ଜଏଣ୍ଟ ଇନ୍‌କ୍ୱାରି କରାଯିବ : ଏସ୍‌ପି
■ବିଭିନ୍ନ ମହଲରେ ନିନ୍ଦା, ରାଜରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସର ଧମକ

ଖୋର୍ଦ୍ଧା,୨।୮(ପ୍ରଭାତ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଏବଂ ବାଣପୁର ବ୍ଲକ ଗମ୍ଭାରିମୁଣ୍ଡା ଖଜୁରିଆ ଗ୍ରାମରେ ପୂର୍ବ ଶତ୍ରୁତାରୁ ଗାଁ ଦାଣ୍ଡରେ ୩ ଯୁବକଙ୍କୁ ଆକ୍ରମଣ ଘଟଣାର ଖବର ପରିବେଷଣ କରିବାରୁ ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲୀପ ସ୍ୱାଇଁ ଆକ୍ରୋଶର ଶିକାର ହୋଇଛନ୍ତି। ଶୁକ୍ରବାର ରାତିରେ ଗମ୍ଭାରିମୁଣ୍ଡା ଛକରେ ଉଭୟ ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଏବଂ ସହଯୋଗୀ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଠି ହୋଇ ତାଙ୍କୁ ଗୋଇଠା ମାରିବା ସହ ତଳେ ପକାଇ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଣପୁର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଦିଲୀପ ଏନେଇ ନାରୁଣୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା(ନଂ.୨୨୮/୨୫) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖୋଦ୍ ଆଇନ୍ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାକୁ ବିଭିନ୍ନ ସାମ୍ବାଦିକ ସଂଘ ଯଥା ଉତ୍କଳ ସାମ୍ବାଦିକ ସଂଘ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଓଡ଼ିଶା ଜର୍ନାଲିଷ୍ଟ ୟୁନିୟନ ରାଜ୍ୟ ଶାଖା, ଆଇନଜୀବୀ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ, ବିରୋଧୀ ବିଜେଡି ଏବଂ କଂଗ୍ରେସ ଏହି ଘଟଣାକୁ ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ଓୟୁଡବ୍ଲୁଜେ ଏବଂ ଜିଲାରେ କାର୍ଯ୍ୟରତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପୃଥକ ଭାବେ ଦାବିପତ୍ର ଦେଇଛନ୍ତି।

ଦିଲୀପଙ୍କ ଅଭିଯୋଗ ଅନୁଯାୟୀ, ଗତ ମେ ମାସରେ ନାରୁଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେହି ସମୟରେ ଖଜୁରିଆ ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଟୁଟୁ ଉକ୍ତ ଖବର ପରିବେଷଣ ନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଗମ୍ଭାରିମୁଣ୍ଡା ବଜାରରେ ଥିବା ଦୋକାନ ବନ୍ଦ କରି ଦିଲୀପ ଘରକୁ ଫେରୁଥିବା ବେଳେ ହଠାତ୍ ସୌମ୍ୟ ପହଞ୍ଚି ବେଶି ସାମ୍ବାଦିକ ଦେଖାଇ ହେଉଛି, ଜୀବନରେ ମାରିଦେବି, କିଏ ତୋ ପିଠିରେ ପଡ଼ିବେନି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦିଲୀପ ଏହାର ପ୍ରତିବାଦ କରିବାବେଳେ ପୂର୍ବ ପ୍ରସ୍ତୁତିକ୍ରମେ ସୌମ୍ୟଙ୍କଠାରୁ ଖବରପାଇ ଖଜୁରିଆ ଗ୍ରାମର ଗାଣ୍ଡୁ ପାଇକରାୟ, ବାପି ପାଇକରାୟ, ପପୁନି ଦାଶ, ପଠାଣି ପ୍ରଧାନଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ଘେରିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁହଁ, ଛାତି, ପେଟ, ଶରୀରର ଅନ୍ୟ ସ୍ଥାନକୁ ବିଧା, ଗୋଇଠା, ମୁଥ ମାରିଲେ। ଏପରି କି ଜୀବନରେ ମାରିଦେବାକୁ ଉଦ୍ୟମ କରି ସୌମ୍ୟ ଦୁଇ ହାତରେ ଦିଲୀପଙ୍କ ତଣ୍ଟି ଚିପି ଦେଇଥିଲେ। ସୌମ୍ୟ ତାଙ୍କ ବେକରୁ ୩ଭରି ଓଜନର ସୁନାଚେନ ଛିଡ଼ି ନେଇଥିଲେ ବୋଲି ଦିଲୀପ ଅଭିଯୋଗରେ ଦର୍ଶାଇଛନ୍ତି। ଦିଲୀପଙ୍କ ଉପରେ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖି ଏସପି ସାଗରିକା ନାଥ କହିଛନ୍ତି, ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ପୂର୍ବରୁ ନାରୁଣୀ ଥାନା ପରିସରରେ ଗିରଫ ଅଭିଯୁକ୍ତମାନେ ଦିଲୀପଙ୍କୁ ଧମକ ଦେଇଥିବା ନେଇ ଆଣିଥିବା ଅଭିଯୋଗର ମଧ୍ୟ ଥାନାର ସିସିଟିଭି ଯାଞ୍ଚ କରାଯାଇ ପ୍ରାଇମ ଏଭିଡେନ୍ସ ଭାବେ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଏସପି ନାଥ କହିଛନ୍ତି।

# ବୋଲ୍‌ବମ୍ ଭ୍ୟାନ୍ ସହ ବାଇକ୍ ଧକ୍କା: ଜଳିଗଲେ ବାପପୁଅ

କୋରାପୁଟ,୨।୮ (ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ପଞ୍ଚାୟତ ଅଧୀନ ୩୨୬ ନଂ. ଜାତୀୟ ରାଜପଥସ୍ଥିତ ବାଳିକା ସେବାଶ୍ରମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବୋଲ୍‌ବମ ଭ୍ୟାନ୍ ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ବାପପୁଅ ଜଳିଯାଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ କୋରାପୁଟସ୍ଥିତ ଟିକିରାସାହିର କୈଳାସ ଖରା(୪୫) ଓ ତାଙ୍କ ୫ ବର୍ଷର ପୁଅ। ଗୁରୁତର ହେଲେ ଅମନ ରେଡ୍ଡୀ(୨୦)।

ସୂଚନା ଅନୁଯାୟୀ, କୈଳାସ ପୁଅ ଓ ଅମନଙ୍କ ସହ ବାଇକ୍(ଓଡି-୧୦ଏବି୦୪୩୧) ଯୋଗେ କୋରାପୁଟରୁ ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ପଞ୍ଚାୟତସ୍ଥିତ ଏକ ମନ୍ଦିର ଅଭିମୁଖେ ଯାଉଥିଲେ। ଗୁପ୍ତେଶ୍ୱର ପୀଠକୁ ଯିବା ପାଇଁ ବୋଲ୍‌ବମ୍ ଶ୍ରଦ୍ଧାଳୁଙ୍କୁ ନେଇ ବିପରୀତ ଦିଗରୁ ଆସୁଥିବା ଭ୍ୟାନ୍(ଓଡି୧୦-ୱାଇ-୪୪୮୯) ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ବାଇକ୍‌ରେ ନିଆଁ ଲାଗିଯିବାରୁ ଘଟଣାସ୍ଥଳରେ କୈଳାସ ଓ ତାଙ୍କ ପୁଅ ଜଳିଯାଇଥିଲେ। ଅମନଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କୋରାପୁଟ ସଦର ପୋଲିସ ଭ୍ୟାନ୍‌କୁ ଜବତକରି ଡ୍ରାଇଭରଙ୍କୁ ଅଟକ ରଖିଛି। ଭ୍ୟାନ୍‌ରେ ଥିବା ସମସ୍ତ ବୋଲ୍‌ବମ୍ ଶ୍ରଦ୍ଧାଳୁ ସୁରକ୍ଷିତ ଥିବା ଜଣାପଡ଼ିଛି। ଏ ନେଇ ସଦର ଥାନାରେ କେସ୍ ନଂ. ୧୩୨/୨୫ରେ ମାମଲା ରୁଜୁହୋଇଛି। ସଦର ଥାନା ଏଏସ୍‌ଆଇ ସୁଧାଂଶୁ ନାୟକ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ୨ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି।


ଜଳିଯାଇଥିବା ବାଇକ୍।

**WALK-IN-INTERVIEW**

**BHAIRAB HIGHER SECONDARY SCHOOL, DABUGAON**

Dist - Nabarangpur, 764072

**Date of Interview : 12.08.2025**

**Time : 10.00 A.M. onwards**

Candidates for the post of Lecturer-in-Zoology (Contractual) (Self Financing) having minimum 55% of marks at PG Level may come and attend the Walk-in-Interview along with all relevant original documents, xerox copies, biodata, onepassport photo size photograph.

**Sd./- Sub-Collector, Nabarangpur President (GB) Bhairab H.S. School, Dabugaon Dist - Nabarangpur**

**Sd./- Principal-cum-Secretary Bhairab H.S. School, Dabugaon Dist - Nabarangpur**

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଶନିବାର ଅଦଳବଦଳ କରିଛନ୍ତି। ବରିଷ୍ଠ ଓଏଏସ୍ ଅଫିସର ପ୍ରଫୁଲ୍ଲ କୁମାର ସ୍ୱାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କାର୍ଯ୍ୟରତ ଥିଲେ। ଶନିବାର ତାଙ୍କୁ ସେଠାରୁ ହଟାଇ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ସଚିବ ଥିବା ସୁଚାରୁ କୁମାର ବଳଙ୍କୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଏଡିଏମ୍ ଭାବେ ନିଯୁକ୍ତି ମିଳିଛି। ବିନୋଦ କୁମାର ସେନାପତିଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଛି। ସେହିପରି ଆଉ କେତେଜଣ ଓଏଏସ୍ ଅଫିସରଙ୍କର ମଧ୍ୟ ବଦଳି କରାଯାଇଥିବା ଜଣାପଡ଼ିଛି।

# ଆସହ୍ନ ଏଏଲ୍‌ଙ୍କୁ ମାଲକାନଗିରି ଉପଜିଲାପାଳ ଦାୟିତ୍ୱ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର): ନବରଙ୍ଗପୁର ଉପ ଜିଲାପାଳ ଦାୟିତ୍ୱ ପାଇଥିବା ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର ଆସହ୍ନ ଏ ଏଲ୍‌ଙ୍କ ନିଯୁକ୍ତି ରଦ୍ଦ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସହ୍ନ ତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନିଂ ସରି ଆସିବା ପରେ ମାଲକାନଗିରି ଉପଜିଲାପାଳ ଦାୟିତ୍ୱ ପାଇଛନ୍ତି।

# ରାସ୍ତାକଡ଼ରୁ ମିଳିଲା ନବଜାତ ଶିଶୁପୁତ୍ର ମୃତଦେହ

ଧର୍ମଶାଳା,୨।୮(ବଟକୃଷ୍ଣ ପରିଡ଼ା): ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ପୋଲ ନିକଟ ରାସ୍ତାକଡ଼ରୁ ଶନିବାର ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ମିଳିଛି। ପୋଲିସ ମୃତଦେହ ଜବତ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୨ ଘଣ୍ଟା ପାଇଁ ଅବଜରଭେଶନ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି। କେହି ପରିବାର ଲୋକ ମୃତ ଶିଶୁଟିକୁ ରାସ୍ତାକଡ଼ରେ ପକାଇଦେଇ ଯାଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ନଂ.୨୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

**ADMISSION NOTIFICATION**


**L.R. LAW COLLEGE, SAMBALPUR**

Forms & Prospectus for admission into 3yr. LL.B, 5yr. BBA LL.B(H) & 2yr. MA in Industrial Relation & Personnel Management courses against vacant seats for Academic Session 2025-26 will be available as details below in college office. Visit www.suniv.ac.in for other details.

| Sl. No. | Name of Course | Vacant Seats<br>Vacancy for which Category | Period of sale & Submission |
|---|---|---|---|
| 1. | 3yr. LL.B | ST & PH | 04th to 11th August 2025 |
| 2. | 5yr. BBA LL.B | ST, SEBC, PH & Ex-Servicemen | 04th to 11th August 2025 |
| 3. | 2 Year MA IRPM | All Category | 04th to 18th August 2025 |

**Sd./- (Prof. Bijayananda Behera) Principal**

# ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର, ୭ ଯବାନ ଗୁରୁତର
## ଏସ୍‌ଓଜି ଟ୍ରେନିଂ ପାଇଁ ଝାରସୁଗୁଡ଼ାରୁ ଭୁବନେଶ୍ୱର ଆସୁଥିଲେ ୧୪ ଯବାନ


ଟ୍ରକ୍ ପଛରେ ପିଟି ହୋଇଥିବା ଟ୍ରାଭେଲର।

ଛେଣ୍ଡିପଦା,୨।୮(ଅଜିତ ଧଳ)

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡ଼ା ଥାନା ମୁଣ୍ଡାସାହି ଛକଠାରେ ଶନିବାର ଭୋର୍ ସମୟରେ ଏକ ଟ୍ରକ୍ ପଛରେ ଟ୍ରାଭେଲର ପିଟି ହେବାରୁ ଓଏସ୍‌ଏପି ୨ୟ ବାଟାଲିୟନର ୭ ଜଣ ଯବାନ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋକେଶ ବାହାଦୁର ଖଦରୀ, ଦୟା ପରାଦୁଲି, ବିକ୍ରମ କାର୍ତ୍ତି ମୁଗର, ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଓ ଗଣେଶ ଶ୍ରେଷ୍ଠ। ଆଉ ୭ ଜଣ ଆହତ ହୋଇଛନ୍ତି। ସମସ୍ତ ୧୪ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସାମାନ୍ୟ ଆହତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଗୁରୁତରଙ୍କ ମଧ୍ୟରୁ ୪ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ବିଜୟ ଥାପା ମୁଗୁର, ସନ୍ଦୀପ ଖଦରୀ, ପ୍ରେମ ଅଧିକାରୀ ଅନୁଗୋଳରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗାଡ଼ିରେ ଥିବା ଟ୍ରାଭେଲର ମାଲିକ ବିଶ୍ୱଜିତ ରୟ ଗୁରୁତର ଓ ଚାଳକ ଆହତ ହୋଇଛନ୍ତି। ବିଶ୍ୱଜିତଙ୍କ ଗୋଟିଏ ହାତ ଛିଣ୍ଡିଯାଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଓଏସ୍‌ଏପି ୨ୟ ବାଟାଲିୟନର ୧୪ ଜଣ ଯବାନ ଏସ୍‌ଓଜି ଟ୍ରେନିଂ ପାଇଁ ଶୁକ୍ରବାର ରାତିରେ ଏକ ଟ୍ରାଭେଲର (ନଂ. ଓଡି୧୫ଏଏ-୯୩୭୪)ରେ ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଭୋର୍ ପ୍ରାୟ ୪ଟା ବେଳେ ଉକ୍ତ ଟ୍ରାଭେଲରଟି ଜରପଡ଼ା ଥାନା ମୁଣ୍ଡାସାହି ନିକଟ ରାଜପଥ ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଯାଇଥିଲା। ଫଳରେ ଟ୍ରାଭେଲରରେ ଥିବା ୧୪ ଜଣ ଯବାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଓ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ଜରପଡ଼ା ପୋଲିସ ଯବାନମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜରପଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

# ଚିକିତ୍ସା ତଦାରଖ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଅନୁଗୋଳ ଗସ୍ତରେ ଶନିବାର ଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦୁର୍ଘଟଣା ସମ୍ପର୍କରେ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ଚିକିତ୍ସାଧୀନ ଯବାନମାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ତାହା ଯବାନମାନଙ୍କଠାରୁ ବୁଝିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଯବାନଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି।

**ODISHA POWER GENERATION CORPORATION LIMITED**

**CIN: U40104OR1984SGC001429**

OPGC Power for Progress

**Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India**

**Phone: +91-674-2303765-66, Fax: +91-674-2303755-56, Website: www.opgc.co.in**

**POWER YOUR CAREER WITH OPGC**

**Odisha Power Generation Corporation Ltd. (OPGC)**, a Government of Odisha Company, having its state of the art thermal power plant at Ib Thermal Power Station (ITPS), Banharpalli, Jharsuguda, with a total generation capacity of 1740 MW (2x210 MW in first phase and 2x660MW in second phase), is looking for dynamic and result oriented professionals for the following positions under **Market Based Salary (MBS) structure and performance-based service conditions** on the regular rolls of the Corporation.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Assistant Manager (Operations) | E1 | 06# |
| 2 | Assistant Manager (Mechanical Maint.) | E1 | 08** |
| 3 | Assistant Manager (Electrical) | E1 | 01 |
| 4 | Assistant Manager (WTP) | E1 | 02 |
| 5 | Assistant Manager (Civil) | E1 | 02 |
| 6 | Assistant Manager (Quality) | E1 | 02 |
| 7 | Assistant Manager (HR-CSR) | E1 | 01 |
| 8 | Assistant Manager (HR-R&R) | E1 | 01 |
| 9 | Assistant Manager (Finance) | E1 | 10 |
| 10 | Assistant Manager (IT) | E1 | 01 |
| 11 | Deputy Manager (Civil) | E3 | 01 |

#One (1) post of Special Technical Assistant for which candidates well conversant with Power Station monitoring and MIS preparation will be given preference.
**One (1) post is for Assistant Manager (Mechanical)-CHP

Extended reservation guidelines for SC/ST/SEBC/PwD etc. as notified by Govt. of Odisha will be applicable.

For detailed advertisement, please logon to our website: **www.opgc.co.in/careers**. The last date for online application is **17.08.2025** and to receive the hardcopy of application is **26.08.2025**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.

No. OPGC/CO/HR/01/2025 Dated: 03/08/2025

# ଚାଷୀଙ୍କୁ ବିହନ ବଣ୍ଟନ, ଚାରାରୋପଣ

ମୁନିଗୁଡ଼ା, ୨।୮ (ନନ୍ଦ କିଶୋର ପଟ୍ଟନାୟକ)


ଚାଷୀଙ୍କୁ କିଟ୍ ବଣ୍ଟନ କରାଯାଉଛି ।

ମୁନିଗୁଡା କୃଷି ବିଭାଗ ଦ୍ୱାରା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଶନିବାର ଚାଷୀଙ୍କୁ ବିହନ ବଣ୍ଟନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା କୃଷି ଜିଲା ଅଧିକାରୀ କାଳନ୍ଦୀ ପରିଡ଼ାଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନୀଳ ମାଧବ ହିକ୍କା, ସମ୍ମାନିତ ଅତିଥି ରେଞ୍ଜର ଅନିଲ କୁମାର ବାଲା, ଅଗ୍ନିଶମ ଅଧିକାରୀ ଦେବରାଜ ପ୍ରଧାନ, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧକ୍ଷ ତ୍ରିପତି କିଲାକା, ଶିବପଦର ପଞ୍ଚାୟତ ସରପଞ୍ଚ ପ୍ରକାଶ କରସିକା, ଅନନ୍ତ ନୁଣ୍ଡୁକା ଓ ସମିତି ସଭ୍ୟ ଅନଙ୍ଗ ନାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସରକାରଙ୍କ ଦ୍ୱାରା ଚାଷ ଓ ଚାଷୀଙ୍କ ପାଇଁ ଆସୁଥିବା ସମସ୍ତ ଯୋଜନା ବିଷୟରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ । ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀମାନଙ୍କୁ ଅତିଥିମାନେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନର ବ୍ଳକରେ ମାଣ୍ଡିଆ, ହରଡ, ରାଶି ଓ ବିରି କିଟ୍ ବଣ୍ଟନ କରାଯାଇଥିଲା ।

ମୁନିଗୁଡା ବ୍ଳକରେ ଖାଦ୍ୟ ନିରାପତ୍ତା ମିଶନ ସହ ବିଭିନ୍ନ ଯୋଜନାରେ ୮୦୦ ଚାଷୀଙ୍କୁ ମାଣ୍ଡିଆ କିଟ୍, ୫୦୦ଙ୍କୁ ହରଡ କିଟ୍, ୯୦ ଜଣଙ୍କୁ ରାଶି କିଟ୍, ୩୦୦ ଜଣ ଚାଷୀଙ୍କୁ ବିରି କିଟ୍ ବଣ୍ଟା ଯାଇଥିବା କୃଷି ଜିଲା ଅଧିକାରୀ ପରିଡା ସୂଚନା ଦେଇଥିଲେ । ଏହି ଅବସରରେ ପ୍ରଧାମନ୍ତ୍ରୀଙ୍କର ବାରଣାସୀରୁ ପ୍ରଧାନ ମନ୍ତ୍ରୀ କିଷାନ୍ ଯୋଜନାର ୨୦ତମ କିସ୍ତିର ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଥିଲା । ପରେ ଅତିଥି ଓ ଚାଷୀ ମାନଙ୍କ ମିଳିତରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବିଭିନ୍ନ ଚାରାରୋପଣ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ଅଗ୍ନିଶମ ଅଧିକାରୀଙ୍କ ଦ୍ୱାରା ବଜ୍ରପାତଜନିତ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ନିମନ୍ତେ ଏକ ସଚେତନତା ଶିବିର ଓ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ବ୍ଲକ୍ କଂଗ୍ରେସ ସଭାପତି ନୀଳାମ୍ବର ବିଭାର ଅଗ୍ରଣୀ ଚାଷୀ ରୁଦ୍ର ପ୍ରସାଦ ମୁଗୁଲି, ସହଦେବ କୁଶୁଲିଆ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ମାଝୀ ପୋଟଲି, ପ୍ରକାଶ ଚନ୍ଦ୍ର ବେହେରା, ମମିତା କୁମାରୀ ପାଢ଼ୀ ଓ ସହକାରୀ ବୈଷୟିକ ପରିଚାଳକ ରଙ୍କନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ । ଶେଷରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧକ୍ଷ ତ୍ରିପତି କିଲାକା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଉଟ୍‌ସୋର୍ସିଂ ବିଦ୍ୟୁତ୍ ଶ୍ରମିକଙ୍କ ବହିଷ୍କାରକୁ ବିରୋଧ

ରାୟଗଡ଼ା, ୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏନ୍‌ଫୋର୍ସମେଣ୍ଟ ଡିଭିଜନ ବୈଦ୍ୟୁତିକ ଅଧିନରେ କେତେକ କାର୍ଯ୍ୟରତ ଆଉଟ୍‌ସୋର୍ସିଂ ଶ୍ରମିକଙ୍କୁ ଟାଟା ପାୱାର ଦକ୍ଷିଣାଞ୍ଚଳ ବିତରଣ ଲିମିଟେଡର ଉପରସ୍ଥ ଅଧିକାରୀଙ୍କ ଦ୍ୱାରା ବହିଷ୍କାର କରିବା ପାଇଁ ନିର୍ଦ୍ଦେଶନାମା ଦିଆଯାଇଛି । ଏହାକୁ ବିରୋଧକରି ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ଦ୍ୱାରା ରାୟଗଡ଼ା ଅଧୀକ୍ଷଣ ଯନ୍ତ୍ରୀ ବୈଦ୍ୟୁତିକ ଟାଟା ପାୱାର ସାଉଥ୍ ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାରରୁ ବିକ୍ଷୋଭ କରାଯାଉଛି । ସଂଘ ପକ୍ଷରୁ ଟିପିଏସ୍‌ଓଡିଏଲ ଉପରସ୍ଥ ଅଧିକାରୀଙ୍କୁ ୨୦୨୪-୨୫ ବର୍ଷରେ ୧୫ଜଣ ନିୟମିତ ଶ୍ରମିକ, କର୍ମଚାରୀଙ୍କର ଅବସର ଓ ମୃତ୍ୟୁ ଘଟିଥିବା ବେଳେ ଏମାନଙ୍କ ବଦଳରେ କୌଣସି ଗୋଟିଏ ପଦବୀ ପୂରଣ କରାଯାଇନାହିଁ ବୋଲି କୁହାଯାଇଛି । ତେଣୁ ଆଉଟସୋର୍ସିଂ ଶ୍ରମିକଙ୍କୁ ବହିଷ୍କାର ପାଇଁ ଯେଉଁ ନିର୍ଦ୍ଦେଶନାମା ଦିଆଯାଇଛି ତାକୁ ପ୍ରତ୍ୟାହାର କରିବା ପାଇଁ ସଂଘ ଦାବି କରିଛି । ବିକ୍ଷୋଭରେ ରାୟଗଡ଼ା ମଣ୍ଡଳ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଏସ୍.ମୋନଜ କୁମାର, ଡିଭିଜନାଲ ସମ୍ପାଦକ ବିଜୟ କୁମାର ରାଉଳ, ଉପଦେଷ୍ଟା ଓ ଅନ୍ୟ ନେତୃବୃନ୍ଦ ଓ ସଭ୍ୟମାନେ ସାମିଲ ହୋଇଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ


ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ସଚେତନତା ବାର୍ତ୍ତା ଦେଉଛନ୍ତି ।

ରାୟଗଡ଼ା, ୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ସ୍ଥାନୀୟ ଆରଏସ୍‌ଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆର୍‌ଏସ୍‌ଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟରେ ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ରାୟଗଡା ଓକିଲ ସଂଘ ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ, ଦେବରାଜ ନାଏକ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ । ସଚିବ ଆଚାର୍ଯ୍ୟ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ କିପରି ପୁନର୍ବାର ନାମ ଲେଖାଇବା, ଶିଶୁ ସୁରକ୍ଷା ଆଇନ, ଶିଶୁମାନଙ୍କ ଆଇନଗତ ଅଧିକାର, ବାଲ୍ୟ ବିବାହ ନିରୋଧ ଆଇନ ବ୍ୟବସ୍ଥା ବିଷୟରେ ଅବଗତ କରାଇବା ସହ ଚରିତ୍ର ଓ ଭବିଷ୍ୟତ ଗଠନ ଦିଗରେ ପିଲାଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିବା ସହ ବିଭିନ୍ନ ଅସୁବିଧା ସମୟରେ ଜିଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

■ ଚିକିତ୍ସା ଅବହେଳାରେ ୯ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା
■ ବିଷମକଟକ ବିଧାୟକଙ୍କ ଖବରଦାତା ସମ୍ମିଳନୀ

ବିଷମକଟକ, ୨।୮ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ବିଧାୟକ ନିଳମାଧବ ହିକ୍କା ଶନିବାର ଅପରାହ୍ନରେ ସ୍ଥାନୀୟ ଡାକ ବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ କରିଥିଲେ । ବିଷମକଟକ ଗୋଡିଗୁଡ଼ା ଆବାସିକ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣାରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକୁ ସେ ନିନ୍ଦା କରିଥିଲେ । ସେମାନଙ୍କୁ ତୁରନ୍ତ ଗିରଫ କରାନଗଲେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଧାରଣା ଦିଆଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି ।

ଆବାସିକ ବିଦ୍ୟାଳୟ ଛାତ୍ରାବାସରେ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କର ଠିକ ଯତ୍ନ ନିଆଯାଉନଥିବା ନେଇ ସେ ଅଭିଯୋଗ ଆଣିଥିଲେ । ଏଥିସହ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଗତ ୨୬ ତାରିଖରେ ନବମ ଶ୍ରେଣୀ ଛାତ୍ର ଚନ୍ଦନ କୁମୁରିକା (୧୪)ଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି । ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରିବା ସହ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ବିଧାୟକ ଦାବି କରିଛନ୍ତି । ଏ ପରି ନ ହେଲେ ୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ । ପ୍ରକାଶଯେ ମୃତ ଚନ୍ଦନ କୁମୁରିକା ରାସିକୋଲା ପଞ୍ଚାୟତର ଉରାଡି ଗ୍ରାମର ରାମଚନ୍ଦ୍ର କୁମୁରିକାଙ୍କ ପୁଅ । ଚନ୍ଦନଙ୍କ ସାଙ୍ଗଙ୍କଠାରୁ ଖବରପାଇ ତାଙ୍କ ମା' ବାପା ବିଦ୍ୟାଳୟରେ ପହଞ୍ଚି ପୁଅର ଉନ୍ନତ ଚିକିତ୍ସା କରାରାଇବାକୁ ପ୍ରଧାନଶିକ୍ଷକ କହିଥିଲେ ସୁଦ୍ଧା ସେ କର୍ଣ୍ଣପାତ କରି ନଥିଲେ । ଗୋଟିଏ ଦିନ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୨ ଦିନ ସ୍ଥାନୀୟ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇ ହଷ୍ଟେଲକୁ ନେଇଯାଇଥିଲେ । ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ପରିବାର ଲୋକେ ବାଧ ହୋଇ ଚନ୍ଦନଙ୍କୁ ହଷ୍ଟେଲରୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ଚନ୍ଦନଙ୍କ ମୃତ୍ୟୁ ହୋଇଯାଇଥିଲା । ଅପରପକ୍ଷେ ବିଦ୍ୟାଳୟ କର୍ତ୍ତୃପକ୍ଷ ଠିକଣା ସମୟରେ ପୁଅର ଚିକିତ୍ସା ନ କରାଇବାରୁ ମୃତ୍ୟୁ ହୋଇଥିବା ଚନ୍ଦନଙ୍କ ବାପା ରାମଚନ୍ଦ୍ର ଅଭିଯୋଗ କରିବା ସହ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।


ଖବରଦାତା ସମ୍ମିଳନୀରେ ବିଧାୟକ ସୂଚନା ଦେଉଛନ୍ତି ।

# ବିଭିନ୍ନ ସ୍ଥାନରୁ ହୋର୍ଡିଂ ଉଚ୍ଛେଦକଲା ପୌରପାଳିକା


ଏକ ଘରୋଇ ସ୍କୁଲ ସମ୍ମୁଖରୁ ହୋର୍ଡିଂ ବାହାର କରୁଛନ୍ତି ପୌରପାଳିକା କର୍ତ୍ତୃପକ୍ଷ ।

ରାୟଗଡ଼ା, ୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ବେଆଇନ ହୋର୍ଡିଂ ଉଚ୍ଛେଦ କରାଯାଇଛି । ସ୍ଥାନୀୟ କପିଳାସ ଛକ, ନିଉକୋଲୋନୀ ଛକରୁ ଶନିବାର ହୋର୍ଡିଂ ହଟାଯିବା ସହ ଜବତ ମଧ୍ୟ ହୋଇଛି । ଏଥିସହ ପଲିଥିନ ଜବତ ମଧ୍ୟ କରିଛନ୍ତି ପୌରପାଳିକା କର୍ମଚାରୀ । ସହରର ସୌନ୍ଦର୍ଯ୍ୟ ସୁପରିଚାଳନା ପାଇଁ ପୌରପାଳିକା ତରଫରୁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ, ଗୃହ ନିର୍ମାଣ ପାଇଁ ମାଲିକଙ୍କ ଦ୍ୱାରା ଗଚ୍ଛିତ ସାମଗ୍ରୀ ଉଠାଯାଇ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ହୋର୍ଡିଂକୁ ମଧ୍ୟ ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ଉଚ୍ଛେଦ କାର୍ଯ୍ୟ କରାଯାଇଛି । ଏଥିସହିତ ୧୦ କେଜି ପଲିଥିନ ଜବତ କରାଯାଇ ୧୦,୫୦୦ଟଙ୍କା ଜରିମାନା ଆଦାୟ ହୋଇଛି । ସହରକୁ ସଫା ଏବଂ ସୁନ୍ଦର ରଖିବାର ପ୍ରୟାସ ପୌରପାଳିକା ପକ୍ଷରୁ ଜାରି ରହିଥିବା ବେଳେ ନିୟମ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ କହିଛନ୍ତି । ନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମସ୍ତ ବ୍ୟବସାୟୀମାନଙ୍କୁ ସଚେତନ ରହିବା ସହ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମକୁ ଠିକ୍ ଭାବେ ପାଳନ କରିବା ତଥା ସହରର ବିକାଶ ଏବଂ ସୌନ୍ଦର୍ଯ୍ୟରେ ପରିଷଦକୁ ସହଯୋଗ କରିବା ପାଇଁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି ।

# ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ


ଜବତ ହୋଇଥିବା ଗଞ୍ଜେଇ ।

କାଲିମେଲା, ୨।୮ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ଥାନା ବଡିଗେଟା ପଞ୍ଚାୟତ ସାନଟେକଗୁଡା ଗ୍ରାମରେ ଗଞ୍ଜେଇ କାରବାର ଚାଲିଥିବା ଖବର ପାଇ ପୋଲିସ ଚଢାଉକରି ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି । କାଲିମେଲା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ବି.ପି.ସବରଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ସାନଟେକଗୁଡା ଗ୍ରାମରେ ଗଞ୍ଜେଇ କାରବାର ଚାଲିଥିବା ନେଇ ପୋଲିସ ସୂଚନା ପାଇଥିଲା । ପୋଲିସର ଏକ ଟିମ୍ ସାନଟେକଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ଚୋରା ଗଞ୍ଜେଇ ରଖାଯାଇଥିବା ବେଳେ ସେଗୁଡିକ ଜବତ କରିଥିଲା । ପୋଲିସ ଏକ୍‌ଜକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଘଟଣାସ୍ଥଳରୁ ୫୨ ଟି ପ୍ଲାଷ୍ଟିକ୍ ବସ୍ତାରେ ୧୩୦୦ କି.ଗ୍ରା. ଗଞ୍ଜେଇ ଜବତ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ୨ ଅଭିଯୁକ୍ତ ଏଥିରେ ସାମିଲଥିବା ଜଣାପଡିଛି । ୨ ଅଭିଯୁକ୍ତ ବର୍ତ୍ତମାନ ଫେରାର ଥିବା ବେଳେ ସେମାନଙ୍କୁ ପୋଲିସ ଠାବ କରିବା ପାଇଁ ତଦନ୍ତ ଚଳାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ନଂ. ୧୭୨/୨୫ ରେ ମାମାଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜଣାପଡିଛି ।

# ନକଲି ହନୁମାନ କଏନ୍ ରାକେଟ ଠାବ, ୩ ଅଭିଯୁକ୍ତ ଗିରଫ

ରାୟଗଡ଼ା, ୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଟାଉନ ଥାନା ପୋଲିସ ଶନିବାର ଏକ ହନୁମାନ କଏନ୍ ରାକେଟ ଠାବ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ପୂର୍ବ ଗୋଦାବରୀ ଜିଲା ବାନ୍ଧାରୁ ଲଙ୍କା ଗ୍ରାମର ପୋଲାମୁରି ଡାଭିଡ ରାଜୁ, ନବରଙ୍ଗପୁର ସହର ତୋଟା ସାହିର ରୟ କାଉରି ଏବଂ ଗଜପତି ଜିଲା କାଶୀନଗର ସହରର ସଞ୍ଜୀବ ଜେନା । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ନଗଦ ୭୭ ହଜାର ଟଙ୍କା ସହିତ ଗୋଟିଏ ତମ୍ବା କଏନ୍ ଓ ଗୋଟିଏ ପିତଳ ପ୍ଲେଟ ସହ ୩ଟି ମୋବାଇଲ ଜବତ କରାଯାଇଛି । ଏ ନେଇ ରାୟଗଡ଼ା ଥାନା କେସ୍ ନମ୍ବର ୨୭୧/୨୫ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରସନ୍ନ ବେହେରା କହିଛନ୍ତି । ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତମାନେ ରାୟଗଡ଼ା ସହରର ବିଭିନ୍ନ ସ୍ଥାନରେ ହନୁମାନ କଏନ୍ ଦେବା ଆଳରେ ଲୋକଙ୍କୁ ଠକିବା ପାଇଁ ଯୋଜନା କରିଥିଲେ । ଏ ନେଇ ପୋଲିସ ସୂଚନା ପାଇଥିଲା । ଏହାପରେ ଏକ ପୋଲିସ ଟିମ୍ ସେମାନଙ୍କୁ ଠାବ କରିବା ସହ ସାମଗ୍ରୀ ଜବତ କରିଛି ।

# ଅବସର ବୟସ ୬୨କୁ ବୃଦ୍ଧି ଦାବି

■ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କ ବିକ୍ଷୋଭ ପ୍ରଦର୍ଶନ

ଗୁଣପୁର, ୨।୮ (ପ୍ରଦୀପ କୁମାର ପାଢ଼ୀ)

ବିଭିନ୍ନ ଦାବି ନେଇ ଗୁଣପୁର ବ୍ଲକ୍ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କ ପକ୍ଷରୁ ୬ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସବିତା ଗମାଙ୍ଗ, ଲକ୍ଷ୍ମୀ ବେହେରାଙ୍କୁ ପ୍ରଦାନ କରାଯାଇଛି । ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକୁ ଅନୁଦାନ ପ୍ରଦାନ କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ ଓ ଅବସରକାଳୀନ ସୁବିଧା ଯୋଗାଇଦେବା ଦାବି ସହ ଅନ୍ୟ ଦାବି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଥିଲା । ଗୁଣପୁର ବ୍ଲକ୍‌ରେ ଥିବା ୫ ଗୋଟି ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜିଲାସ୍ତରକୁ ଏବଂ ଆସନ୍ତା ଅଗଷ୍ଟ ୧୬ରେ ଭୁବନେଶ୍ୱର ରାଜ ରାସ୍ତାରେ ଆନ୍ଦୋଳନ ହେବ ବୋଲି ଶିକ୍ଷକମାନେ ଜଣାଇଥିଲେ । ଏହି ବିକ୍ଷୋଭ ବେଳେ ଓଷ୍ଟା ସଂଘ ବ୍ଲକ ସମ୍ପାଦକ ପଦ୍ମନାଭ ବେହେରା, ଘାସିରାମ ରଥ, ଘନାନ୍ତ୍ରୀ ଉଚ୍ଚ ବିଦ୍ୟାଳୟ କର୍ମଚାରୀ ସମୂହ, ଇନ୍ଦିରା ମହାପାତ୍ର, ମଧୁସୂଦନ ପଟ୍ଟନାୟକ, ରବି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ଦାବିପତ୍ର ପ୍ରଦାନ କରାଯାଉଛି ।

# ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସ୍ମାରକପତ୍ର ପ୍ରଦାନ

ମୁନିଗୁଡା, ୨।୮ (ନନ୍ଦ କିଶୋର ପଟ୍ଟନାୟକ)


ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ମୁନିଗୁଡା ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଓଷ୍ଟା ରାଜ୍ୟ ସହ ସମ୍ପାଦକ ମନୋଜ କୁମାର ପାଢ଼ୀ ଓ ବ୍ଲକ ସମ୍ପାଦକ ପବିତ୍ର କରଙ୍କ ମିଳିତ ସଂଯୋଜନାରେ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଆଦି ଅନ୍ୟାନ୍ୟ କେତେକ ସମସ୍ୟାକୁ ନେଇ ଏକ ୬ ଦଫା ସ୍ମାରକପତ୍ର ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁନିଗୁଡା ଏବିଇଓ ସୁବାଷ ସିଂଙ୍କୁ ଶନିବାର ପ୍ରଦାନ କରିଛନ୍ତି । ଉକ୍ତ ସ୍ମାରକପତ୍ରରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଗ୍ରେଡେଶନରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨କୁ ବୃଦ୍ଧି, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନ୍ୟାଶନାଲ୍ ଇନ୍‌କ୍ରମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍ ପୁନଃ ପ୍ରଚଳନ କରାଯାଉ ବୋଲି ଉଲ୍ଲେଖ ରହିଛି ।

ଏନେଇ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଦାବିଗୁଡ଼ିକୁ ପୂରଣ ପାଇଁ ପଦକ୍ଷେପ ନେଲେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଆନ୍ଦୋଳନାତ୍ମକ କାର୍ଯ୍ୟରୁ ବିରତ ରହିବେ । ଉକ୍ତ ସ୍ମାରକପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ଜ୍ଞାନେନ୍ଦ୍ର ଜେନା, ସୁଶାନ୍ତ ପଣ୍ଡା, ରାଜକିଶୋର ବେହେରା, ଶୁଭେନ୍ଦୁ ଦାସ ଓ ତରୁଣ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

# ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ



କାର୍ଯ୍ୟକ୍ରମରେ ୨ ବିଧାୟକ ଓ ଅନ୍ୟମାନେ ।

**ମାଲକାନଗିରି, ୨।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ ଅନୁଷ୍ଠିତ ହେବା ସହ ଆକାଂକ୍ଷା ହାଟର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପିରାମଲ ଫାଉଣ୍ଡେଶନ ରାଜ୍ୟ ପ୍ରୋଗ୍ରାମ ଡାଇରେକ୍ଟର ଗୋମତୀ ଶଙ୍କର କ୍ରିଷ୍ଣନ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣତା ଅଭିଯାନରେ ଜିଲା ୪ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହାର ଶ୍ରେୟ ଜିଲାବାସୀଙ୍କର। ସମସ୍ତଙ୍କ ମିଳିତ ସହଭାଗିତାରେ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଆମେ ଜିଲାକୁ ଏକ ଅଗ୍ରଣୀ ଜିଲା ଭାବେ ରୂପେ ଗଢ଼ି ତୋଳିବାର ସଂକଳ୍ପ ନେବାକୁ ହେବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନେ ଏହି ସଫଳତାରେ କହିଛନ୍ତି, ସମସ୍ତେ ମିଳିମିଶି ଜିଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବା।

ସୂଚନାଯୋଗ୍ୟ, ଆକାଂକ୍ଷା ହାଟ ୭ ଦିନ ପର୍ଯ୍ୟନ୍ତ ରହିବ। ଏହା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ଗୁଡ଼ିକୁ ବ୍ରାଣ୍ଡିଂ କରି ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ସାମିଲକରିବା ସହ ସ୍ୱୟଂସହାୟକ ଗୋଷ୍ଠୀ ମା' ମାନଙ୍କର ଆର୍ଥିକ ବିକାଶ ହେବ । ଏହି ହାଟରେ ଆଦିମ ବଣ୍ଡା ଜନଜାତିଙ୍କ ବିଡ୍ ୱାର୍କ ମାଳି, ସ୍ୱାଭିମାନ ଅଞ୍ଚଳର ହଳଦୀଗୁଣ୍ଡ ଓ ପଣସ ଚିପ୍ସ ସ୍ଥାନ ପାଇଛି। ନୀତି ଆୟୋଗ ଅଧୀନରେ ଆକାଂକ୍ଷୀ ଜିଲା ଓ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମରେ ୬ ଗୋଟି ବର୍ଗରେ ଜିଲାକୁ ସ୍ୱର୍ଣ୍ଣ ପଦକ ମିଳିଛି। ମାଲକାନଗିରିକୁ ଜିଲା ସ୍ତରରେ ଗୋଟିଏ ସ୍ୱର୍ଣ୍ଣ ଓ ଆକାଂକ୍ଷୀ ବ୍ଲକ୍ ଭାବେ ଚିତ୍ରକୋଣ୍ଡା, ଖଇରପୁଟ ଓ ମାଥିଲି ବ୍ଲକ୍‌କୁ ୩ଗୋଟି ସ୍ୱର୍ଣ୍ଣ ପଦକ ମିଳିଛି। ସମଗ୍ର ଦେଶରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏହିଭଳି ବିରଳ କୃତିତ୍ୱ ହାସଲ କରିବାରେ ମାଲକାନଗିରି ଏକମାତ୍ର ଜିଲା। ଆକାଂକ୍ଷା ଜିଲା ଅଧୀନରେ ଗର୍ଭବତୀ ମା' ମାନଙ୍କର ପ୍ରଥମ ଟିକାକରଣ ପଞ୍ଜୀକରଣ, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ୯ ରୁ ୧୧ ବର୍ଷର ଶିଶୁଙ୍କ ଟିକାକରଣ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ବିଦ୍ୟୁତ୍ ସଂଯୋଗୀକରଣ ଓ ବିଦ୍ୟାଳୟରେ ଶତ ପ୍ରତିଶତ ପାଠ୍ୟ ପୁସ୍ତକ ବଣ୍ଟନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେହିପରି ଆକାଂକ୍ଷୀ ବ୍ଲକ୍ ଅଧୀନରେ ଗର୍ଭବତୀ ମା' ମାନଙ୍କର ପ୍ରଥମ ଟିକାକରଣ ପଞ୍ଜୀକରଣ, ମଧୁମେହ ରୋଗୀ ଚିହ୍ନଟ, ଯକ୍ଷ୍ମା ରୋଗୀ ଚିହ୍ନଟ ପ୍ରକ୍ରିୟା, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପୂର୍ଣ୍ଣ ଚଳନ ରାଶି ପ୍ରଦାନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି।

ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା କୃଷି ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ପିରାମଲ୍ ଫାଉଣ୍ଡେଶନକୁ ସମ୍ମାନିତ କରାଯାଇଛି। ସେହିପରି ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ବିଡିଓ, ସିଡିପିଓ, ଏମ୍‌ଓ, ଏମ୍‌ଓଆଇସି, ବିଏଓ ଓ ବିପିଏମ୍‌ଙ୍କୁ ପୁରସ୍କୃତ କରାଯାଇଛି। ଏହି ୩ ବ୍ଲକ୍ ଅଙ୍ଗନୱାଡ଼ି କର୍ମୀ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ, ଆଶା, କୃଷକ ସାଥୀ, ଭିଏଲ୍‌ଡବ୍ଲ୍ୟୁ, ସିଆର୍‌ପିସିଏମ୍ ଓ ଏମ୍‌ବିକେଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଶବର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିଡି ଡିପିଏମ୍‌ୟୁ ଗୋଲକ ଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ତାଲିମ



କାର୍ଯ୍ୟକ୍ରମରେ ତାଲିମ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଜିଲାସ୍ତରୀୟ ଅଧିକାରୀ ।

**ମାଲକାନଗିରି, ୨।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ନୂଆଗୁଡ଼ାଠାରେ ମା' ଅନ୍ନପୂର୍ଣ୍ଣା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଶନିବାର ଫିନାଇଲ ତିଆରି ତାଲିମ ଦିଆଯାଇଛି। ମାର୍କାପାଲୀ ଗ୍ରାମରେ ମା' ଅନ୍ନପୂର୍ଣ୍ଣା ସ୍ୱୟଂସହାୟକ ଗୋଷ୍ଠୀ ଲେମନ୍ ଗ୍ରାସ୍ ଲଗାଇ ତେଲ ଉତ୍ପାଦନକରି ଜୈବିକ ପଦ୍ଧତିର ବ୍ୟବହାରକରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ହଳଧର ଶବର, ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱନାଥ ମିଶ୍ର, ଜଗନ୍ନାଥ ଖିଲ, କୃଷି ବିଭାଗ ଏସ୍‌ଏମ୍‌ସି ପ୍ରଗତୀ ପାଣିଗ୍ରାହୀ,ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ହରିବଲା ଶିଶା, ସମ୍ପାଦକ ରାଧିକା କିର୍ସାନି, ରାଧାରାଣୀ ଅନୁଗୁ, କାସୁଲାମା ଅନୁଗୁ, ଗଣ୍ଡିଆଗୁଡ଼ା ସଭାପତି କମଳା କବାସି, ସମ୍ପାଦକ ତୁଳସୀ ମୁଦୁଲି,ଲେମନ୍ ଗ୍ରାସ୍ ପ୍ରଶିକ୍ଷଣ ସୁଶାନ୍ତ କୁମାର ଦାସ,ବଜାର ସଂଯୋଜକ ସୋନୁ ଅନୁଗୁ, ଖବରଦାତା ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନିଆ କବାସି , ସାମାଜିକ କର୍ମୀ ଜି.ଶ୍ରୀନିବାସ, କେସୁ ରାଓ, ପର୍ଶୁରାମ ଭକ୍ତ ଓ ଅର୍ଜୁନ ପଡ଼ିଆମି ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ ଜିଲାପାଳଙ୍କୁ ସ୍ୱାଗତକଲେ ଏନ୍‌ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନ୍‌ସିଲର



ଜିଲାପାଳଙ୍କ ସହ ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ଅନ୍ୟମାନେ ।

**କୋରୁକୋଣ୍ଡା, ୨।୮ (ଶିବଦତ୍ତ ସାହୁ )**

ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ରଶ୍ମିତା ବାଙ୍କାଙ୍କ ସମେତ କାଉନସିଲର ମନୋଜ ଦେବ ପାଙ୍ଗୀ, ବିମଳ କୁମାର ବେହେରା, ଦେବେନ୍ଦ୍ର କୁମାର ଦାସ, ତୁଳାମଣି ଛତି, କୃଷ୍ଣ ବାଘ, ଜ୍ୟୋତିରାଣୀ ପଣ୍ଡା ଏବଂ ମଙ୍ଗୁଳି ହିଆଲ ପ୍ରମୁଖ ନୂତନ ଜିଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ସୋମେଶ ଉପାଧ୍ୟାୟଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଥିସହ ଜିଲାପାଳ ଉପାଧ୍ୟାୟଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବାଲିମେଳା ସହରର ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

# ଭାରତୀୟ ଜନତା ପାର୍ଟିର ବିକ୍ଷୋଭ

**ମାଲକାନଗିରି, ୨।୮ (ଦୁର୍ଯ୍ୟୋଧନ ପାତ୍ର)**

## ନବୀନ, ରାହୁଲଙ୍କ କୁଶପୁତ୍ତଳିକା ଦାହ

ମାଲକାନଗିରି ଜିଲା ସଦର ମହକୁମା ସୁଭାଷ ବୋଷ ଛକରେ ଶନିବାର ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ବିଜେଡି ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସର ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଗତ ୧ ମାସ ମଧ୍ୟରେ ରାଜ୍ୟରେ ଦୁଇ ଦୁଇଥର ନାରୀ ନିର୍ଯାତନା ଘଟଣାକୁ ନେଇ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ ରାଜ୍ୟ ସରକାର ଗାଦି ଛାଡିବାକୁ ବିଭିନ୍ନ ଆନ୍ଦୋଳନ କରି ଆସୁଛନ୍ତି। ତେବେ ରାଜ୍ୟ ସରକାର ଏହି ଦୁଇଟି ଘଟଣାକୁ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିଛନ୍ତି। କିନ୍ତୁ ବିଜେଡି ସରକାର ସମୟରେ ବହୁ ନାରୀ ନିର୍ଯାତନା ଘଟିଥିବା ବେଳେ ସେହି ସମୟରେ କାହିଁକି କାହାକୁ ଗିରଫ କରାଯାଇନାହିଁ କି ନାରୀ ସୁରକ୍ଷା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଭାଜପା ସରକାର ନାରୀ ନିର୍ଯାତନାରେ ସାମିଲ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେଣୁ ବିଜେଡି ଓ କଂଗ୍ରେସ ଉଭୟ ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ଏହି ଦୁଇ ଦଳ ଭାଜପା ସରକାରକୁ ଦାୟୀ କରିବାର ଅଧିକାର ନାହିଁ। ଏହାର ପ୍ରତିବାଦ କରି ବିଜେଡି ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସର ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହକରିବା ସହ ଦୃଢ ପ୍ରତିବାଦ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଛନ୍ତି, ୨୫ ବର୍ଷ ବିଜେଡି ଶାସନରେ ନାରୀଙ୍କୁ ସୁରକ୍ଷା ଦେଇପାରି ନ ଥିବା ବେଳେ ବର୍ତ୍ତମାନ କାହିଁକି ଭାଜପା ସରକାରଙ୍କୁ ଦାୟୀ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ବିଜେଡି ସମୟରେ ନାରୀ ନିର୍ଯାତନା ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ନାରୀ ନିର୍ଯାତନାର ସମାଧାନ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇପାରିଲା ନାହିଁ ବୋଲି ଭାଜପା ଅଭିଯୋଗ କରିଛି।

ଏଥିରେ ମାଲକାନଗିରି ଜିଲା ଭାଜପା ସଭାପତି ଅଶୋକ ପରିଡା, ବରିଷ୍ଠ ନେତା ଗୁରୁଚରଣ ମହାନ୍ତିଙ୍କ ସହ ଶତାଧିକ ଭାଜପା ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।



ରାଲିରେ ବାହାରିଥିବା ଭାଜପା କର୍ମକର୍ତ୍ତା ।

# କାଲିମେଳା ପୋଲିସ ଦ୍ୱାରା ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ




ଜବତ ହୋଇଥିବା ଗଞ୍ଜେଇ ।

**କାଲିମେଳା, ୨।୮ (ଜୀବନ କୃଷ୍ଣ ଦାସ )**

ମାଲକାନଗିରି ଜିଲା କାଲିମେଳା ଥାନା ବଡିଗେଟା ପଞ୍ଚାୟତ ସାନଟେକଗୁଡା ଗ୍ରାମରେ ଗଞ୍ଜେଇ କାରବାର ଚାଲିଥିବା ଖବର ପାଇ ପୋଲିସ ଚଢାଉକରି ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ବି.ପି.ସବରଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ସାନଟେକଗୁଡା ଗ୍ରାମରେ ଗଞ୍ଜେଇ କାରବାର ଚାଲିଥିବା ନେଇ ପୋଲିସ ସୂଚନା ପାଇଥିଲା। ପୋଲିସର ଏକ ଟିମ୍ ସାନଟେକଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ଚୋରା ଗଞ୍ଜେଇ ରଖାଯାଇଥିବା ବେଳେ ସେଗୁଡିକ ଜବତ କରିଥିଲା। ପୋଲିସ ଏକ୍‌ଜକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଘଟଣାସ୍ଥଳରୁ ୫୨ ଟି ପ୍ଲାଷ୍ଟିକ୍ ବସ୍ତାରେ ୧୩୦୦ କି.ଗ୍ରା. ଗଞ୍ଜେଇ ଜବତ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।୨ ଅଭିଯୁକ୍ତ ଏଥିରେ ସାମିଲଥିବା ଜଣାପଡିଛି। ୨ ଅଭିଯୁକ୍ତ ବର୍ତ୍ତମାନ ଫେରାର ଥିବା ବେଳେ ସେମାନଙ୍କୁ ପୋଲିସ ଠାବ କରିବା ପାଇଁ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ନଂ. ୧୭୨/୨୫ ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜଣାପଡିଛି ।

# ପଣ୍ଡିକୋଟ ପ୍ରଧାନ ଶିକ୍ଷକ ସମ୍ବର୍ଦ୍ଧିତ

**ପାପଡ଼ାହାଣ୍ଡି, ୨।୮ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପୋଲିସ ପଡ଼ିଆରେ ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ (ଆକାଂକ୍ଷା ହାଟ) ଶନିବାର କରାଯାଇଛି। ଜିଲାପାଳ ଡ ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏବଂ ଡିଇଓ ଛତ୍ରପତି ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପାପଡ଼ାହାଣ୍ଡି ବ୍ଲକ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପଣ୍ଡିକୋଟର ପ୍ରଧାନଶିକ୍ଷକ ଶିବଶଙ୍କର ସାମଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରକାଶ ଯେ, ଶିକ୍ଷକ ସାମଲଙ୍କ ତତ୍ତ୍ୱାବଧାନରେ ଉକ୍ତ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି। ସାନିଟାରି ଓ ପୁସ୍ତକ ବିତରଣ, ବିଦ୍ୟୁତ୍ ସଂଯୋଗ ଏବଂ ପାଠ୍ୟକ୍ରମର ଉନ୍ନତି ହୋଇଥିଲ।

# କାଦୁଅ ଯୋଗୁ ଲୋକଙ୍କ ଯାତାୟାତରେ ସମସ୍ୟା

**ନନ୍ଦପୁର/ପାଡୁଆ, ୨।୮ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

ନନ୍ଦପୁର ବ୍ଲକ୍ କୁଲାରସିଂ ପଞ୍ଚାୟତର କୁମୀଗୁଡ଼ା ଅଙ୍ଗନୱାଡି କେନ୍ଦ୍ର ରାସ୍ତା କାଦୁଅ ହୋଇଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ଶିକ୍ଷା ନେଉଥିବା ୨୮ ଶିଶୁ ଓ ପୋଷଣ ଖାଦ୍ୟ ଖାଉଥିବା ୨୦ରୁ ଊର୍ଦ୍ଧ୍ୱ କିଶୋରୀ, ଗର୍ଭବତୀ, ପ୍ରସୂତି ଓ ଟିକାକରଣ ପାଇଁ ଆସୁଥିବା ସ୍ୱାସ୍ଥ୍ୟକର୍ମୀ ଏହି କାଦୁଅ ପଚପଚ ରାସ୍ତାରେ ଯାତାୟାତ କରୁଥିବା ଗ୍ରାମର ଅଭିଭାବକ ଦାମୋଦର ଖିଲ, କମଲୋଚନ ଲିଙ୍ଗର, ରବୀନ୍ଦ୍ର ବୁରୁଡ଼ି, ଗୋପୀ ଅନୁକମ ଓ ରାମ ଅନୁକୁମ୍ ପ୍ରମୁଖ କହିଛନ୍ତି। ରାସ୍ତାର ଦୁରବସ୍ଥା ଦୂର କରିବାକୁ ବହୁଥର ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା କହିଛନ୍ତି। ଅଙ୍ଗନୱାଡି କର୍ମୀ ବାସନ୍ତୀ କୁଡା କେନ୍ଦ୍ରର ରାସ୍ତା ଓ ଅନ୍ୟ ସମସ୍ୟା ନେଇ ସିଡିପିଓଙ୍କ ଜରିଆରେ ବିଡିଓଙ୍କୁ ଅବଗତ କରିଥିବା କହିଛନ୍ତି। ପଞ୍ଚାୟତ ସରପଞ୍ଚ ଭଗବତୀ କିର୍ସାନୀ ଉକ୍ତ ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅଳ୍ପ ଦିନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ସୂଚନା ଦେଇଥିଲେ। ଏହାପରେ ଗ୍ରାମବାସୀଙ୍କ ଏମଜିଏନ୍‌ଆର୍‌ଇଜିଏସ୍ କୁଲି କାର୍ଡ କୌଣସି କାରଣରୁ ଡିଲିଟ ହୋଇଯାଇଛି। ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିକାରୀ ଗ୍ରାମବାସୀଙ୍କ ଦୁଃଖ ବୁଝି ନୂତନ କୁଲି କାର୍ଡ କରିବାକୁ ଅନୁରୋଧ କରିଛନ୍ତି।



ପିଲାମାନେ କାଦୁଅ ରାସ୍ତାରେ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଛନ୍ତି।

# ତିଆରି ହେଉନି କତାପାଲୀ ଗ୍ରାମର ୮ ଶହ ମିଟର ରାସ୍ତା

**କୋରୁକୋଣ୍ଡା, ୨।୮ (ଶିବଦତ୍ତ ସାହୁ )**

- **ବର୍ଷାଦିନେ ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ**
- **ତଦନ୍ତ ପରେ ନିଆଯିବ ପଦକ୍ଷେପ: ଏସ୍‌ଡିଓ**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମ୍ପାପାଲୀ ପଞ୍ଚାୟତ କାତାପାଲି ଗ୍ରାମକୁ ସଂଯୋଗ କରୁଥିବା ପ୍ରବେଶ ପଥର ପ୍ରାୟ ୮ ଶହ ମିଟର ରାସ୍ତା ମରଣଯନ୍ତା ପାଲଟିଛି। ଅଞ୍ଚଳବାସୀଙ୍କ କହିବାନୁଯାୟୀ ଏହାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇଛି। ହେଲେ ପ୍ରାୟ ୮ ଶହ ମିଟର ରାସ୍ତା ବର୍ତ୍ତମାନ ପର୍ଯ୍ୟନ୍ତ ତିଆରି ନ ହୋଇ ପଡି ରହିଛି। ଏହାକୁ ତିଆରି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ରାସ୍ତାଦେଇ ପ୍ରତିଦିନ କାତାପାଲି ଗ୍ରାମରେ ବାସ କରୁଥିବା କୋୟା ସମ୍ପ୍ରଦାୟର ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ପରିବାରଙ୍କ ସମେତ ୬ ନମ୍ବର କଲୋନିରେ ବାସ କରୁଥିବା ପ୍ରାୟ ୧୨୦ ପରିବାରଙ୍କ ଶହ ନୂଆଗୁଡା ଗ୍ରାମରେ ଥିବା ପ୍ରାୟ ୨୩ ରୁ ଊର୍ଦ୍ଧ୍ୱ ପରିବାର ଏବଂ ପିଟାକୋଣ୍ଡା ଗ୍ରାମର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଏହି ରାସ୍ତା ଦେଇ ଯାତାୟାତ କରିବାକୁ ନିର୍ଭର କରିଥାନ୍ତି।

ଅଞ୍ଚଳବାସୀଙ୍କ କହିବାନୁସାରେ ୨୦୧୯ ରେ ଆରଡ଼ି ବିଭାଗ ପକ୍ଷରୁ କାତାପାଲିଠାରୁ ନଦୀଘାଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ତିଆରି ପାଇଁ ଟେଣ୍ଡର ସରିବା ପରେ ଜଣେ ଠିକାଦାରଙ୍କ ଦ୍ୱାରା ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଗୋମ୍ପକୋଣ୍ଡା କେନାଲ ମୁଖ୍ୟ ରାସ୍ତାରୁ କାତାପାଲୀ ଗାଁର ମୁଖ୍ୟ ପ୍ରବେଶ ପଥର ପ୍ରାୟ ୮ ଶହ ମିଟର ରାସ୍ତା ତିଆରି ନ କରି ଗାଁ ମଝିରୁ ନଦୀ ଘାଟ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିଲା। ସେହିପରି ଗ୍ରାମରେ ଥିବା ଅନ୍ୟ ରାସ୍ତାଗୁଡିକ ମଧ୍ୟ ଶୋଚନୀୟ ହୋଇପଡିଛି। ଗାଁର ମୁଖ୍ୟ ରାସ୍ତା ତିଆରି କରାଯାଇ ନ ଥିବାରୁ ଲଗାଣ ବର୍ଷାରେ ଏହାର ସ୍ଥିତି ଶୋଚନୀୟ ହୋଇପଡିଛି। ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହୋଇଛ। ବର୍ଷା ସମୟରେ ଗୁରୁତର ରୋଗୀଙ୍କୁ ମେଡିକାଲ ନେବା ପାଇଁ ଗାଁକୁ ଆମ୍ବୁଲାନ୍ସ ଆସି ପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।



ମରଣଯନ୍ତା ପାଲଟିଥିବା ରାସ୍ତା ।

ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ପଞ୍ଚାୟତ, ବ୍ଲକ ପ୍ରଶାସନ,ଆର୍‌ଡି ବିଭାଗ ଅଧିକାରୀ ଏବଂ ଜିଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ବି ଆଦୌ କର୍ଣ୍ଣପାତ କରୁନଥିବା କାତାପାଲୀ ପଞ୍ଚାୟତ ସମିତି ସଭ୍ୟା ମଦନା ପାଙ୍ଗୀ, ଇର୍ମା ପଡିଆମୀ,ଗଙ୍ଗା ମାଡି,ମୁକା ମାଡି, ଇର୍ମା ମାଡି, ସମା ପୂଜାରୀ,ଭୀମା ମାଡି,ଦେବେ ସୋଡି, ମୁକେ ମାଡ଼କାମୀ,ମଦନ ପାମିଆ,ବୈଦ୍ୟନାଥ ପାମିଆ,ନନ୍ଦ ଖିଲ ଓ ଲକ୍ଷ୍ମୀ ହନ୍ତାଳଙ୍କ ସମେତ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ଏ ସମ୍ପର୍କରେ ଆର୍‌ଡି ଏସ୍‌ଡିଓ ଅସିତ ପାତ୍ରଙ୍କୁ ପଚାରିବାରୁ ସୋମବାର କନିଷ୍ଠ ଯନ୍ତ୍ରୀଙ୍କୁ ସେଠାକୁ ପଠାଇବି। କାହିଁକି ରାସ୍ତା କାମ ବାକି ରହିଛି ଜାଣିବା ପରେ ତୁରନ୍ତ ତିଆରି ଲାଗି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ସମସ୍ତଙ୍କ ସହଯୋଗରେ ଜିଲାର ସର୍ବାଙ୍ଗୀନ ଉନ୍ନତି ହେବ

**ନବରଙ୍ଗପୁର,୨।୮ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୋଲିସ ପଡ଼ିଆଠାରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲା ପରିଷଦ) ବିରଞ୍ଚି ନାରାୟଣ ଦରୱାନ, ପୌରାଧ୍ୟକ୍ଷ କୁନୁ ନାୟକ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଗତ ୨୯ରେ ଭୁବନେଶ୍ୱର ଲୋକସେବା ଭବନଠାରେ ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶୁଭ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆକାଂକ୍ଷା ଜିଲା ଓ ବ୍ଲକ୍‌କୁ ପୁରସ୍କୃତ କରାଯାଇଥିଲା। ଆକାଂକ୍ଷୀ ଜିଲା ନବରଙ୍ଗପୁର ଓ ଆକାଂକ୍ଷୀ ବ୍ଲକ ଡାବୁଗାଁକୁ ସ୍ୱର୍ଣ୍ଣ ପଦକ ମିଳିଛି। ଆକାଂକ୍ଷା ବ୍ଲକ ତେନ୍ତୁଳିଖୁଣ୍ଟିକୁ ତାମ୍ର ପଦକ ପ୍ରଦାନ କରାଯାଇଥିଲା।

ଆକାଂକ୍ଷା ଜିଲା ଓ ବ୍ଲକ ରେ ୬ ସୁଚକାଙ୍କ ପାଇଁ ଦୃଢ଼ ମନୋବଳ, ଆନ୍ତରିକ ଉଦ୍ୟମ ଓ ବିଶେଷ ପରିଶ୍ରମ କରିଥିବା ଅଧିକାରୀ,କର୍ମଚାରୀଙ୍କୁ ମୁଖ୍ୟ ଅତିଥି ଶ୍ରେୟ ଦେଇଥିଲେ। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରେ ଏଭଳି ସହଯୋଗ ରହିଲେ ନିଶ୍ଚୟ ଜିଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ଉତ୍କୃଷ୍ଟ କାର୍ଯ୍ୟ କରିଥିବା ସମସ୍ତ ଅଧିକାରୀ, କର୍ମଚାରୀ, କ୍ଲଷ୍ଟରର କର୍ମଚାରୀଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ଦାୟୀ ହେବ ବୋଲି ଜିଲାପାଳ କହିଥିଲେ। ଏହି ସଫଳତାରେ ଅଂଶୀଦାର ଥିବା ୨୧ ଅଙ୍ଗନୱାଡି କର୍ମୀ ଓ ସହାୟକ, ୧୦ ଏଏନ୍‌ଏମ, ୧୧ ଆଶା କର୍ମୀ, ୯ କୃଷକ ସାଥୀ, ୫ ଏମ୍‌ବିକେ, ୪ ସିଆର୍‌ପି, ଗୋଟିଏ ଏସ୍‌ଏଚ୍‌ଜି, ୧୦ ଶିକ୍ଷକ, ଡାବୁଗାଁ ସିଡିପିଓ ମିନତୀ ଦାସ, ତେନ୍ତୁଳିଖୁଣ୍ଟି ସିଡିପିଓ ବିନିତା ଜେଠୀ, ସହକାରୀ କୃଷି ଅଧିକାରୀ ରାମ ଚନ୍ଦ୍ର ମୁଦୁଲି, କୃଷି ଓଭରସିଅର୍ ଧିରେନ୍ ବେହିଆ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ ବିକ୍ରମ କିଶୋର ରଣା, ଡି ପି ସି (ମମତା ) ବିଶ୍ୱଜିତ୍ ମହାନ୍ତିଙ୍କୁ ଉପଢ଼ୌକନ, ମାନପତ୍ର ସହ ଉପହାର ପ୍ରଦାନ କରାଯାଇଛି। ଆକାଂକ୍ଷା ବ୍ଲକ୍‌ସ୍ତରୀୟ ନେତୃତ୍ୱ ଯୋଗୁ ସିଡିଓ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଆକାଂକ୍ଷା ସ୍ୱାସ୍ଥ୍ୟ କାର୍ଯ୍ୟ ପାଇଁ ସିଡିଏମ୍‌ଓ ଡ ସନ୍ତୋଷ ପଣ୍ଡା, ଶିକ୍ଷା ପାଇଁ ଡିଇଓ ଛତ୍ରପତି ସାହୁ, କୃଷି ପାଇଁ ସିଡିଏଓ ସୁଧୀର ରଞ୍ଜନ ବେହେରା ଏବଂ ଏଡିଓ ଅନୀଲ ପ୍ରହରାଜ, ଯୋଜନା ଓ ସମନ୍ୱୟ ବିଭାଗ ଉପ ନିର୍ଦ୍ଦେଶକ ଐଶ୍ବର୍ଯ୍ୟ ଭଞ୍ଜ, ଏସ୍‌ଏଚ୍‌ଜି ପାଇଁ ଡିପିଏମ (ଓଏଲ୍‌ଏମ୍) ସୁସ୍ମିତା ସାମନ୍ତରାୟ, ସମାଜ କଲ୍ୟାଣ କାର୍ଯ୍ୟ ପାଇଁ ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁରଙ୍କୁ ସମ୍ମାନିତ କରାଯାଇଥିଲ। ଆକାଂକ୍ଷା ବ୍ଲକ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଏବଂ ଡାବୁଗାଁ ବିଡିଓ ଶରତ ମାଝୀଙ୍କ ସମେତ ଟିମ୍‌କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ସଭା ପରେ ମୁଖ୍ୟ ଅତିଥି ଆକାଂକ୍ଷା ହାଟର ୨୫ଟି ଷ୍ଟଲ୍ ଉଦ୍‌ଘାଟନ କରିଥିଲେ। ସଭାରେ ସମସ୍ତ ବିଭାଗୀୟ ଅଧିକାରୀ, ସମ୍ମାନୀତ ହେବାକୁ ଥିବା ଅଧିକାରୀ, କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଏସ୍‌ଏଚ୍‌ଜି ମହିଳା, ସହରର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।


ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

**ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ଆକାଂକ୍ଷା ହାଟ ଶୁଭାରମ୍ଭ**

# ଜିଲାର ୧,୦୭,୫୩୯ ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନ ନିଧି ସହାୟତା

**ନବରଙ୍ଗପୁର,୨।୮ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଚାଷୀ ମାନଙ୍କୁ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମକୁ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଚାଷୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଉତ୍ତରପ୍ରଦେଶର ବାରାଣସୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୭୦ ଲକ୍ଷ ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ତାଙ୍କ ଜମା ଖାତାରେ ୨୦ତମ କିସ୍ତି ମାଧ୍ୟମରେ ୨୦,୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଲକ୍ଷପତି ଦିଦି, ଚାଷ ପାଇଁ ଜଳସେଚନ, ଜନଧନ ଯୋଜନା ଉଲ୍ଲେଖ ସହ ଚାଷୀର ବିକାଶରେ ଦେଶର ବିକାଶ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲାର ୧,୦୭,୫୩୯ ଜଣ ଚାଷୀଙ୍କ ଜମାଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଆଇପିଆର୍‌ଓ ମନୋଜ ବେହେରା, ସିଡିଭିଓ ରାଧେଶ୍ୟାମ ଲାଇକ, ଏଡିଓ ଅନୀଲ ପ୍ରହରାଜ, ଡିପିଡି ସିଦ୍ଧାର୍ଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା, ଶିଶୁଙ୍କୁ ସଚେତନ କଲା ପୋଲିସ


କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ, ହଷ୍ଟେଲ ଅନ୍ତେବାସୀ ଓ ମହିଳାମାନେ।

**ତେନ୍ତୁଳିଖୁଣ୍ଟି, ୨।୮ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ସଦର ଥାନା ପରିସରରେ ଶନିବାର ଅପରାହ୍ଣ ୪ଟାରେ ତେନ୍ତୁଳିଖୁଣ୍ଟି ଥାନା ମହିଳା ଓ ଶିଶୁ ଡେସ୍କ ଅଧିକାରୀ ସୁଶ୍ରୀ ତିର୍କୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନୋଡାଲ ବାପୁଜୀ ହାଇସ୍କୁଲ୍ ଛାତ୍ରୀ ନିବାସ ଅନ୍ତେବାସୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ସରକାର କଣ ବ୍ୟବସ୍ଥା ରଖିଛନ୍ତି, ସୁରକ୍ଷିତ ରହିବା ନେଇ କଣ କଣ କରିବାକୁ ପଡ଼ିବ ସେ ନେଇ ଛାତ୍ରୀମାନଙ୍କୁ ସଚେତନ କରାଯାଇଛି। ଏ ଦିଗରେ ପୋଲିସର କର୍ତ୍ତବ୍ୟ ଓ ସେ କିଭଳି ସହଯୋଗ କରିବ ସେ ନେଇ ଆଲୋଚନା ହୋଇଛି। ଅସୁବିଧାବେଳେ ତୁରନ୍ତ ଥାନା ସହ ନିର୍ଭୟରେ ଯୋଗାଯୋଗ କରିବାକୁ କୁହାଯାଇଛି। ସ୍କୁଲ ଏବଂ ହଷ୍ଟେଲ ପରିସରରେ ରାତିରେ କେତେଜଣ ଅସାମାଜିକ ଯୁବକ ବୁଲୁଥିବା ହଷ୍ଟେଲ ମାଟ୍ରନ ବିଜୟ ଲକ୍ଷ୍ମୀ ଧଳ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଣବ ଟୁଡୁଙ୍କୁ ଜଣାଇଥିଲେ। ଆଜିଠାରୁ ପାଟ୍ରୋଲିଂ କଡାକଡି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ତେବାସୀଙ୍କୁ ମାଟ୍ରନ, ପାଚିକା ସହାୟିକା ସବିତା ପୂଜାରୀ କାର୍ଯ୍ୟକ୍ରମକୁ ଦାୟିତ୍ୱ ସହ ଆଣିଥିଲେ। କାର୍ଯ୍ୟକ୍ରମରେ ଥାନାଧିକାରୀ ମହେଶ୍ୱର କିର୍ସାନୀ, ଏଏସ୍‌ଆଇ ଭରତ ମାଝୀ, ବିଦ୍ୟାଧର ମାଲି, ଯଦୁରାମ ଜାନୀ ଏବଂ ଥାନାର ଅନ୍ୟ କର୍ମଚାରୀ ଉପସ୍ଥିତି ଥିଲେ।

# ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ଥାନାନ୍ତର ଦାବିକଲେ ପ୍ରଦୀପ ମାଝି

**ନବରଙ୍ଗପୁର,୨।୮ (ସଦାଶିବ ପ୍ରହରାଜ)**

**ହଷ୍ଟେଲ ପାଖରେ ରହିଛି ଦେଶୀ ଭାଟି, ବିଦେଶୀ ମଦ ଦୋକାନ**

ନବରଙ୍ଗପୁର ଜିଲା ଉମରକୋଟ ସହରର ଉପକଣ୍ଠ ତଥା ଝରିଗାଁ ଯିବା ରାସ୍ତାରେ ଭାସ୍କେଲ ନଦୀ କୂଳରେ ରହିଥିବା ଅନ୍ୱେଷୋ ହଷ୍ଟେଲର ଡାହାଣ ପଟେ ୫୦ ମିଟର ଦୂରରେ ସ୍ଥାନୀୟ ଅଞ୍ଚଳର ସବୁଠୁ ବଡ଼ ମଦଭାଟି ରହିଛି। ସେହିଭଳି ବାମ ପଟେ ୭୦ ମିଟର ଦୂରରେ ଏକ ବିଦେଶୀ ମଦ ଦୋକାନ ରହିଛି। ସେଠାକୁ ଅହୋରାତ୍ର ଶହଶହ ସଂଖ୍ୟାରେ ଲୋକେ ମଦ୍ୟପାନ କରିବାକୁ ଆସୁଛନ୍ତି। ଏବେ ରାଜ୍ୟ ବ୍ୟାପି ମହିଳା ନିର୍ଯ୍ୟାତନା ଘଟଣା ସାମ୍ନାକୁ ଆସୁଛି। ତେଣୁ ସ୍କୁଲ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ ପଟ ଦୋକାନକୁ ସେଠାରୁ ସ୍ଥାନାନ୍ତର କରିବାକୁ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛନ୍ତି।

ଭାଜପା ୧୫ମାସର ସରକାର ସମୟର ଛାତ୍ରୀ ନିର୍ଯ୍ୟାତନା ଚରମ ସୀମାରେ ପହଞ୍ଚିଛି। ଛାତ୍ରୀ ବଳତ୍କାର, ଗଣ ବଳତ୍କାର, ଜୀବନ୍ତ ଦଗ୍ଧ, ଆତ୍ମହୁତି, ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ସ୍କୁଲରେ ଛାତ୍ରୀ ଗର୍ଭବତୀ ହେବା, ବିଭିନ୍ନ ପ୍ରକାର ଯୌନ, ମାନସିକ, ଶାରିରୀକ ନିର୍ଯ୍ୟାତନା ଖବର ପ୍ରତ୍ୟେକ ଦିନ ଘଟୁଛି। ଅବିଭକ୍ତ କୋରାପୁଟ ଜିଲା ଏଥିରୁ ବାଦ ପଡିନାହିଁ। ୨୦୨୪ ସେପ୍ଟେମ୍ବର ୧୭ରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର କଟାଗାଁରେ ଜଣେ ନାବାଳିକା ଛାତ୍ରୀକୁ ବଳତ୍କାର ଓ ହତ୍ୟା କରାଯାଇଥିଲା। ୨୦୨୫ ମେ ୩ରେ ୮ ବର୍ଷ ନାବାଳିକା ଛାତ୍ରୀକୁ କୋରାପୁଟ ଜିଲା ଲମତାପୁଟ ବ୍ଲକର ଗୁନେଇପଦା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ହଷ୍ଟେଲରେ ବଳତ୍କାରର କରାଯାଇଥିଲା। ସେହିପରି ୨୦୨୫ ଜୁଲାଇ ୨୫ରେ କୋରାପୁଟ ଜଲା ବନ୍ଧୁଗାଁଠାରେ ୬ବର୍ଷର ନାବାଳିକା ବଳତ୍କାର ଶିକାର ହୋଇଥିଲେ। ସେହିପରି ରାଇଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ଯୌନ ଉତ୍ପୀଡନର ଶିକାର ହୋଇ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତେଣୁ ଏଭଳି କୌଣସି ଅପ୍ରୀତିକର ପରିସ୍ଥିତି ଦେଖାଯିବା ଆଗରୁ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ମଦ ଦୋକାନ ସ୍ଥାନାନ୍ତର ଦାବି କରାଯାଇଛି। ଏ ଦିଗରେ ପଦକ୍ଷେପ ନ ନେବାରୁ ଯଦି କୌଣସି ପ୍ରକାର ଅଘଟଣ ଘଟେ ତାହା ହେଲେ ଜିଲାପାଳ, ଏସ୍‌ପି ଓ ଅବକାରୀ ଅଧିକ୍ଷକ ଦାୟୀ ରହିବେ ବୋଲି ପ୍ରଦୀପ ମାଝି ଜାରି କରିଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଶ୍ମଶାନରେ ହଳ କରିବାକୁ ନେଇ ୨ ଗାଁ ମୁହାଁମୁହିଁ

**ଡାବୁଗାଁ, ୨।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ଗ୍ରାମ ମଶାଣିରେ ମୋତିଗାଁର ଲୋକ ଚାଷ କରିବାକୁ କେନ୍ଦ୍ର କରି ୨ ଗ୍ରାମବାସୀ ମଧ୍ୟରେ ଗଣ୍ଡଗୋଳ ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଶନିବାର ମଧ୍ୟାହ୍ନ ୧୨ଟାରେ ଜୁନାପାଣି ଗାଁ ମଶାଣିରେ ମୋତିଗାଁର ଜଗ ଭତ୍ରା, ମନଧର ଭତ୍ରା ଓ ଧନସିଂ ଭତ୍ରା ଟ୍ରାକ୍ଟର ସାହାଯ୍ୟରେ ହଳ କରୁଥିଲେ। ଏହି ସମୟରେ ଜୁନାପାଣି ଗ୍ରାମର ଭୀମ ହରିଜନ ଏବଂ ଗ୍ରାମବାସୀ ଏବଂ ମହିଳାମାନେ ମନା କରିବାରୁ ପାଟିତୁଣ୍ଡ ହୋଇଥିଲା। ଚାଷ କରୁଥିବା ଲୋକେ ଜୀବନରେ ମାରିବା ଦେବା ପାଇଁ ଧମକ ଦେଇଥିବା ନେଇ ଭୀମ ହରିଜନ ଏବଂ ଜୁନାପାଣି ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ମୋତିଗାଁ ଗ୍ରାମରେ ଶତାଧିକ ମହିଳା ଏବଂ ପୁରୁଷ ଥାନାକୁ ଆସିଥିଲେ। ଡାବୁଗାଁ ଥାନା ଅଧିକାରୀ ଗୋପାଳ କୃଷ୍ଣ ଆଗୁପାତ୍ର, ପୋଲିସ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚ ଦୟାନିଧି ଭତ୍ରା ପ୍ରମୁଖ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ଉଭୟ ପକ୍ଷ ଆପୋଷ ସମାଧାନ ହେଲା ବୋଲି ଥାନାରେ ଲିଖିତଭାବେ ଜଣାଇଥିଲେ।

# ଜନ୍ମଦିନ, ବିବାହ ବାର୍ଷିକୀରେ ଚାରା ଲଗାଇବାକୁ ପରାମର୍ଶ


ଅତିଥିମାନେ ଚାରା ରୋପଣ କରୁଛନ୍ତି ।

**କୋଡ଼ିଙ୍ଗା,୨।୮ (ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶନିବାର ୭୬ତମ ବନ ମହୋସବ ପାଳିତ ହୋଇଛି। କୋଡିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଚାରାରୋପଣ କରିଥିଲେ। ସମ୍ମାନିତ ଅତିଥିଭାବେ କୋଡିଙ୍ଗା ଥାନାଧିକାରୀ ଯୁଗଳ ଶବର, ଶିକ୍ଷାକେନ୍ଦ୍ର ସଭାପତି ଅଭିମନ୍ୟୁ ଦାସ, ସାମାଜିକ କର୍ମୀ ଲିଙ୍ଗରାଜ ଦାସ, ବଦ୍ରୀ ନାରାୟଣ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲକ୍ଷୟ ଯୋଗୁ ତାପମାତ୍ରା ବଢ଼ି ଅନେକ ସମସ୍ୟା ହେଉଛି। ସମସ୍ତେ ଜନ୍ମଦିନ, ବିଶେଷ ଦିନରେ ଗୋଟିଏ ଲେଖାଏ ଚାରା ଲଗାଇବାକୁ ପରାମର୍ଶ ଦିଆଯାଇଛି। ବନପାଳ ପ୍ରଭାତ ବିଷୋୟୀ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଆରମ୍ଭ ହୋଇଥିବା ବନ ମହୋତ୍ସବ କାର୍ଯ୍ୟକ୍ରମରେ ମହାନିମ୍ବ, ଜାମୁକୋଳି, ଅଗସ୍ତ, ବେଲ, କୃଷ୍ଣଚୂଡ଼ା ରାଧାଚୂଡ଼ା, ଅଁଳା, ବାହାଡ଼ା,ଚାକୁଣ୍ଡା ଚାରା ଲଗାଯାଇଛି।

# ୧୮୦ ସିଏମ୍ ବାଲି ନିଲାମ କଲା ପ୍ରଶାସନ

**ପାପଡ଼ାହାଣ୍ଡି, ୨।୮ (ସ୍ୱପ୍ନଜିତ ପଟ୍ଟନାୟକ)**

**ମାଇନ୍ସ ବିଭାଗ ଚଢ଼ାଉକରି ଜବତ କରିଥିଲା ବାଲି**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ପାଲପୁରରେ ବେଆଇନ ଭାବେ ଗଚ୍ଛିତ ବାଲିକୁ ଶନିବାର ପ୍ରଶାସନ ତରଫରୁ ନିଲାମ କରାଯାଇଛି। ଶିରିଶି ପଞ୍ଚାୟତ କାର୍ଯ୍ୟାଳୟରେ ମାଇନ୍ସ ଅଧିକାରୀ ଆଦିତ୍ୟ ଆଚାରୀ, କନିଷ୍ଠ ମାଇନ୍ସ ଅଧିକାରୀ ବାସୁଦେବ ନାୟକ, ସୁଧୀର ପ୍ରଧାନ, ନରେନ୍ଦ୍ର କୁମାର ବିଶ୍ୱାଳ, ଲିଟନ ଗରନେକ, ସୌମ୍ୟରଞ୍ଜନ ସାହୁ, ସରପଞ୍ଚ ସୁମତି ଭତରା, ଏସ୍‌ଇ ଉମାକାନ୍ତ ଶବର, ସୁପରଭାଇଜର ଏମ୍‌ଡି ଜାଭେଦ ପ୍ରମୁଖ ଯୋଗଦେଇ ନିଲାମ କରିଥିଲେ। ମୋଟ ୬ ଜଣ ନିଲାମରେ ଭାଗ ନେଇଥିଲେ। ୧୮୦ ସିଏମ୍ ବାଲି ନିଲାମ ହୋଇଥିଲା। ରଞ୍ଜିତ ମହାକୁଡ଼ ସିଏମ୍ ପିଛା ୧୫୬ ଟଙ୍କା ଦେଇ ନିଲାମରେ ବାଲି ଉଠାଇଥିଲେ। ପ୍ରକାଶ ଯେ, ମାଇନ୍ସ ବିଭାଗ ଚଢ଼ାଉକରି ଜବତ କରିଥିବା ବାଲିକୁ ପାଳପୂରଠାରେ ଗଚ୍ଛିତକରି ରଖାଯାଇଥିଲା। ଏହାକୁ ଶନିବାର ନିଲାମ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ସଂଘର ଦାବିପତ୍ର

**ନବରଙ୍ଗପୁର,୨।୮ (ସଦାଶିବ ପ୍ରହରାଜ)**

ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଦ୍ୱାରା ଅନୁବନ୍ଧିତ ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଓ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମା ଭଣ୍ଡାର ଘରଣୀ ମନ୍ଦିରରୁ ଶିକ୍ଷକମାନେ ଶୋଭାଯାତ୍ରାରେ ବାହାରି ଡିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଡିଇଓ ଛତ୍ରପତି ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଶିକ୍ଷକମାନଙ୍କ ସମସ୍ୟା ନେଇ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କୁ ମଧ୍ୟ ଦାବିପତ୍ର ଦେଇଛନ୍ତି।

ୟୁଏଏସ୍‌କୁ ସ୍ଥଗିତ ନେଇ ଦାବି ରହିଛି। ବ୍ୟକ୍ତିଗତ ମୋବାଇଲ୍‌କୁ ଟ୍ରାକ୍ କରାଯିବାକୁ ଶିକ୍ଷକମାନେ ନାପସନ୍ଦ କରିଛନ୍ତି। ବ୍ୟକ୍ତିଗତ ମୋବାଇଲ ମାଧ୍ୟମରେ ଉପସ୍ଥାନ ଦେବା ନିୟମ ଲାଗୁ ହେଲେ ନେଟ୍‌ୱର୍କ ନ ଥିବା ଅଞ୍ଚଳର ଶିକ୍ଷକ ଓ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଛାତ୍ରୀଛାତ୍ର ବିଳମ୍ବରେ ସ୍କୁଲ ଆସୁଥିବାରୁ ସେମାନେ ମଧ୍ୟାହ୍ନ ଭୋଜନ ପାଇବାରୁ ବଞ୍ଚିତ ଆଶଙ୍କା ଥିବା କହିଛନ୍ତି ଫେଡେରେଶନ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ କହିଛନ୍ତି। ସବୁ ସ୍କୁଲରେ ପ୍ରଧାନଶିକ୍ଷକ ନିଯୁକ୍ତି, ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ରଙ୍କ ସମୟରେ ଦିଆଯାଇଥିବା ବେଆଇନ ପଦୋନ୍ନତିର କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବା, ୧୧/୦୨/୨୦୧୧ ପୂର୍ବ ନିଯୁକ୍ତ ଶିକ୍ଷକଙ୍କୁ ଓଟିଇଟି ଛାଡ଼, ଏକ୍ସ-କ୍ୟାଡର ଉଚ୍ଛେଦ କରି ସମସ୍ତ ଶିକ୍ଷକଙ୍କୁ ଗୋଟିଏ କ୍ୟାଡର ଭୁକ୍ତ କରିବା ଏବଂ ବାଦ ପଡ଼ିଥିବା ଗଣ ଶିକ୍ଷକଙ୍କୁ ଓଟିଇଟି କୋହଳ ସହ ନିୟମିତ କରିବାକୁ ଦାବି ହୋଇଛି। ଠିକା ନିଯୁକ୍ତି ବନ୍ଦ, ଠିକା ସମୟକୁ ମୂଳ ଚାକିରୀରେ ଗଣନା, ଶ୍ରେଣୀ ୱାରୀ ଶିକ୍ଷକ ନିଯୁକ୍ତି, କେନ୍ଦ୍ରୀୟ ହାରରେ ଦରମା, ଶିକ୍ଷକଙ୍କୁ ମଧ୍ୟାହ୍ନ ଭୋଜନ ବିରତି ସହ ଦ୍ୱିତୀୟ ଓ ଚତୁର୍ଥ ଶନିବାର ଛୁଟି, ବାର୍ଷିକ ୩୦ ଦିନ ଇଏଲ୍ ନେଇ ଦାବିପତ୍ରରେ ଉଲ୍ଲେଖ ଅଛି। ଦାବିପତ୍ର ପ୍ରଦାନବେଳେ ରାଜ୍ୟ ସଭାପତି ତ୍ରିପାଠୀଙ୍କ ସହ ଜିଲା ସଭାପତି ସନନ୍ତ ପ୍ରହରାଜ, ସମସ୍ତ ବ୍ଲକ ସଭାପତି, ଜିଲା ସାଧାରଣ ସମ୍ପାଦକ କ୍ଷେତ୍ରମୋହନ ବିଷୋୟୀ, ଉପସଭାନେତ୍ରୀ ନାଗେଶ୍ୱରୀ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଫଣିନ୍ଦ୍ର ଗାଇନ, କୋଷାଧ୍ୟକ୍ଷ ବୈଦ୍ୟନାଥ ଦାଶ ଓ ନନ୍ଦାହାଣ୍ଡି ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ।


ଡିଇଓ ଛତ୍ରପତି ସାହୁ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଡାକ୍ତରଖାନାରେ ମୃତଦେହ ରଖି ଉତ୍ତେଜନା

**ଚିକିତ୍ସା ଅବହେଳାରୁ ସାପ କାମୁଡ଼ାରେ ଗୁରୁତର ମହିଳାଙ୍କ ମୃତ୍ୟୁ ଅଭିଯୋଗ**

**ଉମରକୋଟ, ୨।୮ (ସନ୍ତୋଷ ଶତପଥୀ)**

ବିଷାକ୍ତ ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ପ୍ରବଳ ଉତ୍ତେଜନା ଦେଖା ଦେଇଛି। ମହିଳାଙ୍କ ମୃତଦେହକୁ ଜରୁରୀକାଳୀନ ଡାକ୍ତରଙ୍କ ସେବା କକ୍ଷ ସମ୍ମୁଖରେ ରଖି ତାଙ୍କ ସମ୍ପର୍କୀୟ ଓ ଶତାଧିକ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉତ୍ତେଜନା ଖବରପାଇ ପୋଲିସ ମୁତୟନ କରାଯାଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଝରୀଗାଁ ବ୍ଲକ କୋଦଭଙ୍ଗା ଗ୍ରାମର ପ୍ରତିମା ମିର୍ଦ୍ଧା। ଖବର ଲେଖାଯିବା ସୁଦ୍ଧା ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ନ ଥିଲା।

ଖବର ଅନୁସାରେ ପ୍ରତିମା ଶନିବାର ଅପରାହ୍ଣ ୪ଟାରେ ନିଜ ଘର ପଛ ପାଖରେ ଥିବା ନଡା ଗଦାରୁ ଗାଈଙ୍କ ଚାରା ପାଇଁ ନଡ଼ା କାଟୁଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ତାଙ୍କ ମୁଣ୍ଡକୁ କାମୁଡ଼ି ଦେଇଥିଲା। ପରିବାର ଲୋକ ତୁରନ୍ତ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ସ୍ଥାନାନାତର କରାଯାଇଥିଲା। କିନ୍ତୁ ଅଧା ରାସ୍ତାରେ ପ୍ରତିମାଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ କିନ୍ତୁ ଡାକ୍ତର ଚିକିତ୍ସାରେ ଅବହେଳା କରିଥିବା ଅଭିଯୋଗ ଆଣିଛନ୍ତି। ଯେତେବେଳେ ପ୍ରତିମାଙ୍କୁ ଚିକିତ୍ସାଳୟକୁ ଆଣିଥିଲେ ସେହି ସମୟରେ କାର୍ଯ୍ୟରତ ଡାକ୍ତର ପ୍ରଥମେ ଟିକଟ କରିବା ପାଇଁ କହି ଚିକିତ୍ସା ଆରମ୍ଭ କରିବାରେ ବିଳମ୍ବ କରିଥିଲେ। ପରେ ଡାକ୍ତର ଜଣକ ଚିକିତ୍ସା କରି ମହିଳାଙ୍କ ସ୍ୱାସ୍ଥାବସ୍ଥା ବିଗିଡ଼ିବାରୁ ନବରଙ୍ଗପୁର ରେଫେର କରିଥିଲେ ବୋଲି ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ କହିଛନ୍ତି। ସେମାନେ ଅଧା ରାସ୍ତାରୁ ମୃତଦେହ ଫେରାଇ ଆଣି ଡାକ୍ତରଖାନାରେ ରଖି ପାଟି ତୁଣ୍ଡ କରିବା ସହ ହସ୍ପିଟାଲର ଝରକା ଭାଙ୍ଗି ଦେଇଥିଲେ। ଖବର ଲେଖାଯିବା ସୁଦ୍ଧା ହସ୍ପିଟାଲରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ରଖିଛନ୍ତି। ସ୍ଥାନୀୟ ଖବରଦାତା ଶଙ୍କର ପ୍ରସାଦ ତୁରୁକ ଏହି ସମସ୍ତ ଘଟଣାର ଦୃଶ୍ୟ ନିଜ ମୋବାଇଲ୍‌ରେ ରେକର୍ଡ କରୁଥିବାରୁ ଉତ୍ୟକ୍ତ ଗ୍ରାମବାସୀ ତାଙ୍କୁ ଗାଳି ଗୁଲଜ ସହ ଠେଲାପେଲା କରିଥିଲେ। ପରେ ପ୍ରେସ କ୍ଲବ ସଭାପତି ଖବରଦାତା ନଳିନୀ ରଞ୍ଜନ ମିଶ୍ରଙ୍କ ମଧ୍ୟସ୍ଥତାରେ ଆଲୋଚନା ହୋଇଥିଲା। ଗ୍ରାମବାସୀ ଭୁଲ ସ୍ୱୀକାର କରିବା ପରେ ଘଟଣାର ଆପୋଷ ସମାଧାନ ହୋଇଥିଲା।


ପୋଲିସ ମୃତକଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛି।

# 'ଜିଲ୍ଲାର ପାରମ୍ପରିକ ଉତ୍ପାଦ କୃଷି, ଐତିହ୍ୟକୁ ପ୍ରତିଫଳିତ କରେ'

■ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ
■ ଆକାଂକ୍ଷା ହାଟ ଶୁଭାରମ୍ଭ


ଅତିଥି ଅଧିକାରୀମାନଙ୍କୁ ସମ୍ମାନିତ କରୁଛନ୍ତି।

କୋରାପୁଟ,୨।୮ (ଅମିତାଭ ବେହେରା)

କୋରାପୁଟସ୍ଥିତ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଶନିବାର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ କୋରାପୁଟ ବିଧାୟକ ରଘୁରାମ ମାଛ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଏଥିରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ଓ ଆଇଏଏସ୍ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ୨୦୨୪ ଜୁଲାଇରୁ ସେପ୍ଟେମ୍ବରରେ ଅନୁଷ୍ଠିତ ସମ୍ପୂର୍ଣ୍ଣତା ଅଭିଯାନରେ ଆକାଂକ୍ଷା ଜିଲା ଓ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ୬ ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକାଙ୍କ ହାସଲରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲା,ବ୍ଲକସ୍ତରୀୟ ଅଧିକାରୀ, ଫ୍ରଣ୍ଟଲାଇନ କର୍ମୀ ଓ ଅନ୍ୟ ଅଂଶୀଦାରମାନଙ୍କୁ ସମ୍ମାନିତ କରାଯାଇଥିବା ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସୂଚନା ଦେଇଥିଲେ। ସେମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପଦକ ପ୍ରଦାନ କରିଥିଲେ। ଅତିଥିମାନେ ସପ୍ତାହବ୍ୟାପୀ ଆକାଂକ୍ଷା ହାଟର ଶୁଭାରମ୍ଭ କରିଛନ୍ତି। ଜିଲାର କଫି, କଳାଜୀରା ଚାଉଳ, ହଳଦୀ, ଲେମ୍ବୁ ଗ୍ରାସ ତେଲ, ପୁଦିନା ତେଲ, ଝୁଡେଙ୍ଗ, ବାଉଁଶ ହସ୍ତଶିଳ୍ପ ଓ ଟେରାକୋଟା କଳାକୃତି ଆଦି ପ୍ରଦର୍ଶିତ କରି ବିକ୍ରି କରାଯାଇଥିଲା। ସ୍ଥାନୀୟ ଉତ୍ପାଦକମାନଙ୍କ ଦ୍ୱାରା ତିଆରି ଏବଂ ଚାଷ କରାଯାଉଥିବା ଏହି ଉତ୍ପାଦଗୁଡ଼ିକ କୋରାପୁଟର ସମୃଦ୍ଧ ସାଂସ୍କୃତିକ ଓ କୃଷି ଐତିହ୍ୟକୁ ପ୍ରତିଫଳିତ କରେ ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଦେଇଥିଲେ। ନନ୍ଦପୁର ଅଧ୍ୟାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଛୁରାମାଡ଼ ମାମଲାରେ ଜଣେ ଗିରଫ

ଜୟପୁର,୨।୮ (ପବନ ପାଣିଗ୍ରାହୀ)

ଜୟପୁର ନିକଟ ପାତ୍ରପୁଟ ପେଟ୍ରୋଲ ପମ୍ପରେ ଛୁରାମାଡ଼ ମାମଲାରେ ସ୍ଥାନୀୟ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଡଙ୍ଗରଛିନି ପଞ୍ଚାୟତ ମକାପୁଟ୍ ଗ୍ରାମର ଈଶ୍ୱର ନାଗ(୨୨)। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ପାତ୍ରପୁଟ ବ୍ରିଜ ପାଖ ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋରେ ଈଶ୍ୱର ଓ ସମ୍ପର୍କୀୟମାନେ ପମ୍ପକୁ ଆସି ତେଲ ପକାଉଥିଲେ। ପମ୍ପରେ କାର୍ଯ୍ୟରତ ରାଜେନ୍ଦ୍ର ଖିଲ ପଇସା ମାଗିବାରୁ ଈଶ୍ୱରଙ୍କ ସହ ବଚସା ହୋଇଥିଲା। ଏହାପରେ ଈଶ୍ୱର ଧାରୁଆ ଛୁରିରେ ରାଜେନ୍ଦ୍ରଙ୍କ ବେକକୁ ଆକ୍ରମଣ କରିଥିଲେ। ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ପେଟ୍ରୋଲ ପମ୍ପର ସୁରକ୍ଷା କର୍ମୀ ବେପାରୀଗୁଡ଼ା ଚନ୍ଦ୍ରପଡା ପଞ୍ଚାୟତର ପାଲିଗୁଡା ଗାଁର ଲଳିତ ଖିଲଙ୍କ ପୁଅ ରାଜେନ୍ଦ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ବୈଷୟିକ ଅଧିକାରୀ ଭାବେ ଯୋଗଦେବେ ରମେଶ

ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର ପ୍ରତିଯୋଗିତା

ଦାମନଯୋଡି,୨।୮ (ନରସିଂହ ବ୍ରହ୍ମା)



ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତାରେ ଭାରତୀୟ ଦୌଡ଼କୁଦ ସଂଘ ପକ୍ଷରୁ ଦାମନଯୋଡିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ପିଇଟି ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ବୈଷୟିକ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପ୍ରତିଯୋଗିତା ଭାରତରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବ। ଡ. ସ୍ୱାଇଁ ଏହା ପୂର୍ବରୁ ଜାତୀୟ, ଖେଲୋ ଇଣ୍ଡିଆ, ନ୍ୟାଶନାଲ ଗେମ୍ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ପରିଚାଳନା କରିଛନ୍ତି। ବିଦ୍ୟା ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ.ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ବାହିନୀପତି ଭାରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡ.ସ୍ୱାଇଁ ୭ ତାରିଖରେ ପ୍ରତିଯୋଗିତାରେ ଯୋଗଦେବେ।

### ଆକ୍ରମଣ ମାମଲାରେ ଜଣେ ଗିରଫ

ଜୟପୁର,୨।୮ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ନୂଆପୁଟର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ଶୁକ୍ରବାର ସଦର ପୋଲିସ ପୁରୁଷୋତ୍ତମ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୦ ତାରିଖରେ ନୂଆପୁଟର ମନୋହର ପୂଜାରି ଓ ତାଙ୍କ ଭାଇ ଜଣଙ୍କ ଏକୋଶିଆ ଭୋଜି ଖାଇ ଘରକୁ ଫେରୁଥିବା ବେଳେ ତାଙ୍କୁ ପୁରୁଷୋତ୍ତମ ଲାଠିରେ ଆକ୍ରମଣ କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ମନୋହରଙ୍କୁ ଜୟପୁର ଡାକ୍ତରଖାନାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ଜିଲାର ବିକାଶ ନେଇ ଜିଲାପାଳ, ଖବରଦାତାଙ୍କ ଆଲୋଚନା

କୋରାପୁଟ,୨।୮ (ଅମିତାଭ ବେହେରା)

କୋରାପୁଟ ସଦ୍ଭାବନା ଗୃହରେ ଜିଲାର ସମସ୍ତ ଖବରଦାତାଙ୍କ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ସାକ୍ଷାତ କରି ଜିଲାର ବିକାଶରେ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଜିଲାର ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ଜିଲାପାଳ କହିଛନ୍ତି। ଜିଲାର ବିଭିନ୍ନ ସମସ୍ୟା ସମାଧାନ ସହ ସାମଗ୍ରିକ ବିକାଶ ନେଇ ଖବରଦାତାଙ୍କ ମତ ପଚାରି ବୁଝିଥିଲେ। ଖବରଦାତାମାନେ କୋରାପୁଟ ସହରର ବାଇପାସ, ବସଷ୍ଟାଣ୍ଡ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବେକାରୀ ସମସ୍ୟା ଦୂରୀକରଣ, ପର୍ଯ୍ୟଟନସ୍ଥଳର ବିକାଶ, କୋଟିଆର ସମସ୍ୟା ଦୂର କରିବା ସହ ଅଞ୍ଚଳବାସୀଙ୍କ ସର୍ବାଙ୍ଗୀଣ ଉନ୍ନତି, ମାନସ ବିଦ୍ୟାଳୟର ସମସ୍ୟାର ସମାଧାନ, ୨୬ ନଂ ଜାତୀୟ ରାଜପଥର ଦୁରାବସ୍ଥା ଦୂର କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ଆଲୋଚନା କରିଥିଲେ। ଏଥିରେ ସମସ୍ତଙ୍କ ସହଯୋଗ ରହିବ ବୋଲି ଖବରଦାତାମାନେ କହିଥିଲେ। ଜିଲା ବିକାଶରେ ଅଗ୍ରସର ହୋଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ପାଇଥିବା କାର୍ଯ୍ୟଧାରାକୁ ବଜାୟ ରଖିବାକୁ କହିଛନ୍ତି। ଖବରଦାତାଙ୍କ ସହ ବୈଠକ ପ୍ରତି ମାସରେ କରାଯିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଆଇଏଏସ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ହୋଟେଲ, ଦୋକାନରେ ପ୍ରଶାସନର ଚଢ଼ାଉ


ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ସୁନାବେଡ଼ା/ସେମିଳିଗୁଡ଼ା,୨।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ସହରର ବିଭିନ୍ନ ହୋଟେଲ,ଫାଷ୍ଟଫୁଡ୍ ଓ ଜେନେରାଲ ଷ୍ଟୋରଗୁଡିକରେ ଖାଦ୍ୟ, ରାଜସ୍ୱ, ପୌର ପ୍ରଶାସନ ଓ ପୋଲିସ ପକ୍ଷରୁ ଚଢ଼ାଉକରି ଖାଦ୍ୟ ପଦାର୍ଥ ଶନିବାର ଯାଞ୍ଚ କରାଯାଇଛି। ଏକାଧିକ ହୋଟେଲରୁ ବାସି ପନିର,ଚିକେନ, ଡାଲି ଏବଂ ସଉଦା ଦୋକାନରୁ ଛତୁ,ପନିର,ଦହିର ଏକ୍ସପାଏରି ତାରିଖ ସହ ମୃଦୁ ପାନୀୟ, ପାଣି ଓ ଗୁଟ୍‌ଖା ଆଦି ଜବତ କରାଯାଇଛି। ହୋଟେଲଗୁଡିକରେ ଖାଦ୍ୟ ପଦାର୍ଥର ମାନ ସହ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପରିବେଶ ଯାଞ୍ଚ କରାଯାଇଥିଲା। ଚଢ଼ାଉରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଦୋକାନରୁ ୩୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ୨ଟି ଦୋକାନକୁ ସିଲ୍ କରାଯାଇଛି। ଏଥିସହ କିଛି ଦୋକାନର ଫୁଡ୍ ଏବଂ ଟ୍ରେଡ୍ ଲାଇସେନ୍ସ ନ ଥିବା ବାବଦକୁ ୨୫୦୦ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, କିଛିଦିନ ପୂର୍ବରୁ ହୋଟେଲଗୁଡିକର ଖାଦ୍ୟର ମାନକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଚଢ଼ାଉରେ ଫୁଡ୍ ଆଣ୍ଡ ସେଫ୍ଟି ଅଧିକାରୀ ପ୍ରଭାସ କୁମାର ସେଠୀ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି,ପୌର ପରିଷଦ ଟ୍ୟାକ୍ସ ଅଧିକାରୀ କେ.ଭି.ରାଓ, ସେମିଳିଗୁଡ଼ା ଥାନା ଏଏସ୍ଆଇ ବିରଞ୍ଚି ନାରାୟଣ ବାଣୁଆ, ଫୁଡ୍ ସେଫ୍ଟି, ରାଜସ୍ୱ, ପୋଲିସ ଓ ପୌର ପ୍ରଶାସନର ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ୧୯୪ ବିଦ୍ୟାଳୟକୁ ଅନୁଦାନ ଦେବାକୁ ଦାବି

**ସମନ୍ୱୟ ସ୍କୁଲ,କଲେଜ ସମିତିର ପ୍ରତିବାଦ**


ଦାବିପତ୍ର ଦେବାକୁ ଆସିଥିବା ସମନ୍ୱୟ ସ୍କୁଲ ଓ କଲେଜ ସମିତିର ସଦସ୍ୟମାନେ।

ସେମିଳିଗୁଡ଼ା/ସୁନାବେଡା,୨।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ବିଭିନ୍ନ ଦାବି ନେଇ ମିଳିତ ସମନ୍ୱୟ ସ୍କୁଲ ଓ କଲେଜ ସମିତି ପକ୍ଷରୁ ସେମିଳିଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ସମିତିର ବ୍ଲକ୍ ସଭାପତି ଗତିକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସେମିଳିଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ଦିଆଯାଇଛି। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଏହାର ଏକ ନକଲ ପ୍ରଦାନ କରାଯାଇଥିଲା। ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗଡ଼ିକରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି, ସପ୍ତମ ବେତନରୁ ବାଦ୍ ପଡିଥିବା ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ କରିବାକୁ ଦାବିପତ୍ର ଉଲ୍ଲେଖ କରାଯାଇଛି। ଏହି ସମୟରେ ବ୍ଲକ୍ ସମ୍ପାଦକ ଧରଣୀଧର ବିଷୋୟୀ,ଓଷ୍ଟା ଜିଲା ସମ୍ପାଦକ ତଥା ଓଡ଼ିଶା ସ୍କୁଲ କଲେଜ ମିଳିତ ସମନ୍ୱୟ ସମିତି ଆବାହକ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିବାଦ ସଭା ସହ ଦାବିପତ୍ର ପ୍ରଦାନ କରାଯିବ ବୋଲି ଆବାହକ ପଟ୍ଟନାୟକ ସୂଚନା ଦେଇଛନ୍ତି। ସରକାର ଦାବି ପୂରଣ ନ କଲେ ଅଗଷ୍ଟ ୧୬ରେ ରାଜଧାନୀରେ ଏକ ବିଶାଳ ସମାବେଶ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ସଭାରେ ଜିଲା ସହ ସମ୍ପାଦକ ମୁଧୁସୁଧନ ଜେନା, ଚନ୍ଦ୍ରକାନ୍ତ ନାୟକ, ଶିକ୍ଷକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ସେମିଳିଗୁଡ଼ା,୨।୮ (ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡାରେ ପ୍ରଶାସନ ପକ୍ଷରୁ ଶନିବାର ବିଭିନ୍ନ ଦୋକାନ ଉପରେ ମିଳିତ ଚଢ଼ାଉ କରାଯାଇଥିଲା। ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଜଣେ ଦିବ୍ୟାଙ୍ଗ ଖବରଦାତା ବାସୁଦେବ ବରାଡଙ୍କ ହୋଟେଲ ଉପରେ ଟିମ୍ ଚଢ଼ାଉ କରିଥିଲା। କିନ୍ତୁ ସେଠାରେ ସଦ୍ୟ ପ୍ରସ୍ତୁତ ହୋଇ ତଳେ ରଖାଯାଇଥିବା ଖାଦ୍ୟକୁ ଦେଖି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଗିଡି ଯାଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବାସୁଦେବ ନିଜକୁ ଖବରଦାତାର ପରିଚୟ ଦେବା ପରେ ଅଧିକାରୀ ଜଣକ ଆହୁରି ଉତ୍‌କ୍ଷିପ୍ତ ହୋଇ ଉଠି ସମସ୍ତଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରିଥିଲେ। ଏଥିସହ ଖାଦ୍ୟ ପଦାର୍ଥ ତଳେ ରଖାଯାଇ ଥିବାରୁ ୧ ହଜାର ଟଙ୍କା ଜରିମାନା ନେଇଥିଲେ। ଏ ସମ୍ପର୍କରେ ବାସୁଦେବ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀଙ୍କ ଫୋନ ନଂ. ୭୯୭୮୨୫୭୮୨୧ରେ ଯୋଗାଯୋଗ କରିବାରୁ ସେ ସମସ୍ତ କଥା ଶୁଣିବା ପରେ କୌଣସି ପ୍ରତିକ୍ରିୟା ନ ଦେଇ ଫୋନ୍ କାଟି ଦେଇଥିଲେ। ଏ ନେଇ ସେମିଳିଗୁଡ଼ା ତହସିଲଦାର ଏବଂ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଭୟ ଅଧିକାରୀ ଫୋନ୍ ଗ୍ରହଣ କରି ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୨।୮ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଡିଗିବିଗୁଡା ଗ୍ରାମର କେଶବ ଗୌଡ଼। ଦେଶୀ ମଦ ଚାଲାଣ ସୂଚନା ପାଇ ଅବକାରୀ ଥାନା ପକ୍ଷରୁ ଡିଗିବିଗୁଡାରେ ଚଢ଼ାଉ କରି ୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର ସନ୍ଧ୍ୟା ୭ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟାଟେରିଚାଳିତ ସଫେଇ ଗାଡ଼ି ଉଦ୍‌ଘାଟନ କଲେ ବିଧାୟକ


ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ଜୟପୁର,୨।୮ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ପରିସରରେ ବ୍ୟାଟେରି ଚାଳିତ ସଫେଇ ଗାଡି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଗାଡ଼ି ବ୍ଲକର ୨୨ ପଞ୍ଚାୟତରେ ଘର ଘର ବୁଲି ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବ। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ,ଏବିଡିଓ ମନୋଜ ନାୟକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସଫେଇ ଗାଡି ପ୍ରଦାନ ଦ୍ୱାରା ପଞ୍ଚାୟତକୁ ସ୍ୱଚ୍ଛ ରଖିବାକୁ ପ୍ରାଥମିକ ପଦକ୍ଷେପ ନିଆଯାଇଛି। ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରି ପୌରପାଳିକା ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ପଠାଯିବ। ଏହି ଗାଡ଼ି ପ୍ରତି ଘରୁ ବୋତଲ, ପ୍ଲାଷ୍ଟିକ, କାଚ ଓ ପଲିଥିନ ଆଦ ସଂଗ୍ରହ କରିବ। ଏ ନେଇ ପିଇଓ ଏବଂ ସରପଞ୍ଚଙ୍କୁ ତାଲିମ ଦିଆଯାଇଥିଲା।

# ଦୀର୍ଘଦିନ ହେବ ନଳକୂପ ଅଚଳ

**ନଦୀରେ ଚୁଆ କରି ପାଣି ଆଣୁଛନ୍ତି ମହିଳା**

ନନ୍ଦପୁର,୨।୮ (ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ କୁଲାରସିଂ ପଞ୍ଚାୟତର ବଡେଲା ଗ୍ରାମରେ ବର୍ଷାଦିନରେ ଜଳକଷ୍ଟ ଦେଖାଦେଇଛି। ଗାଁରେ ଥିବା ଏକମାତ୍ର ନଳକୂପ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଗ୍ରାମର ମହିଳାମାନେ ଦେଢ଼ କି.ମି. ଦୂର ନଦୀ କୂଳରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ଲକ୍ଷ୍ମଣ ଦୋରା, ହରି କର୍ସାନୀ, ସାଧୁ କିର୍ସାନୀ ଓ ଘାସିରାମ ଦୋରାଙ୍କ ସୂଚନା ମୁତାବକ ବଡେଲା ଗ୍ରାମରେ ପ୍ରାୟ ୩୫ ପରିବାରର ୧୨୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଗାଁରେ ଥିବା ଏକମାତ୍ର ନଳକୂପ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ମରାମତି ପାଇଁ ପଞ୍ଚାୟତ ବ୍ଲକ୍ ପ୍ରଶାସନକୁ ଅନୁରୋଧ କଲେ ବି କେହି କର୍ଣ୍ଣପାତ କରୁ ନ ଥିବାରୁ ଗ୍ରାମର ମହିଳା ବାଧ୍ୟ ହୋଇ ଗ୍ରାମଠାରୁ ଦେଢ଼ କି.ମି. ଦୂର ଜୋଲାପୁଟ ଜଳଭଣ୍ଡାର ପାର୍ଶ୍ୱରେ ଚୁଆ ଖୋଳି ଜଳ ସଂଗ୍ରହ କରୁଥିବା କହିଛନ୍ତି। ଗ୍ରାମବାସୀଙ୍କ ଜଳ କଷ୍ଟ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଦିନେ ଦୁଇଦିନ ମଧ୍ୟରେ ମରାମତି ଦଳ ପଠାଇ ଅଚଳ ନଳକୂପର ମରାମତି ବ୍ୟବସ୍ଥା କରିବେ ବୋଲି କହିଛନ୍ତି।


ମହିଳାମାନେ ନଦୀରୁ ପାଣି ନେଉଛନ୍ତି।

# ୨୨ହଜାର ଛାତ୍ରୀଛାତ୍ରଙ୍କର ନାହିଁ ଆଧାରକାର୍ଡ

■ ଆଧାର ସଂଶୋଧନ ହୋଇପାରୁ ନ ଥିବାରୁ ଅପଲୋଡ୍‌ରେ ବାଧକ
■ ତଥ୍ୟରେ ତାଳମେଳ ନ ଥିବାରୁ ହୋଇପାରୁନି ଆପାର ଆଇଡି

କୋରାପୁଟ,୨।୮ (ଅମିତାଭ ବେହେରା)

ରାଜ୍ୟ ସରକାରଙ୍କ ନୂତନ ଶିକ୍ଷା ନିୟମରେ ପିଲାଙ୍କ ଆଧାର ଆଇଡି ଲାଗୁ ହୋଇଥିବା ବେଳେ କୋରାପୁଟ ଜିଲାରେ ୨୨ ହଜାର ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ ନ ଥିବା ଜଣାପଡ଼ିଛି। ଫଳରେ ପିଲାଙ୍କ ଆଧାର ଅପଲୋଡ୍ ହୋଇପାରୁନାହିଁ। ଛାତ୍ରୀଛାତ୍ର ଆଧାରକାର୍ଡ ଦେଇ ବିଦ୍ୟାଳୟରେ ନାମ ପଞ୍ଜୀକୃତ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଏକକ ପରିଚୟ ପତ୍ର ବା ଆପାର ଆଇଡି ପାଇପାରିବେ। ଏଥିସହ ସରକାରୀ ଯୋଜନାର ପ୍ରତ୍ୟେକ ତଥ୍ୟ ପାଇପାରିବେ। ବିଭିନ୍ନ କାର୍ଯ୍ୟ ପାଇଁ ଆଧାର ଜରୁରୀ ଥିବା ବେଳେ ଜିଲାରେ ଅନେକ ପିଲାଙ୍କ ଆଧାରକାର୍ଡ ସଂଶୋଧନ ହୋଇ ନ ଥିବାରୁ ଅପଲୋଡ୍ ହୋଇପାରୁନାହିଁ। ଛାତ୍ରୀଛାତ୍ରଙ୍କ ଗୋଟିଏ ଆଇଡିରେ ସମସ୍ତ ତଥ୍ୟ ମହଜୁଦ୍ ରଖିବା ପାଇଁ ଆପାର ଆଇଡି ଖୋଲାଯାଇଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କ ଆପାର ଆଇଡି ଖୋଲିବା ବାଧ୍ୟତାମୂଳକ ସହ ପ୍ରକ୍ରିୟା ମଧ୍ୟ ଚାଲୁ ରହିଛି। କିନ୍ତୁ ଆପାର ଆଗରୁ ଠିକ୍ ଆଧାର ଆବଶ୍ୟକ ଅଛି। ଆଧାରକାର୍ଡ ଥିବା ପିଲାମାନଙ୍କ ଜନ୍ମ ପ୍ରମାଣପତ୍ର ସହ ପ୍ରାକ୍ ଶିକ୍ଷାରେ ଦିଆଯାଇଥିବା ନାଁ,ମା ବାପାଙ୍କ ନାଁରେ ତାଳମେଳ ରହୁ ନ ଥିବାରୁ ୪୭ ପ୍ରତିଶତ ପିଲାଙ୍କ ଆପାର ଆଇଡି ଖୋଲା ଯାଇପାରୁନାହିଁ। ସୂଚନାଯୋଗ୍ୟ, ଜିଲାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ପ୍ରାୟ ୨ଲକ୍ଷ ୮୧ ହଜାର ୮୪୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ହଜାର ୯୪୩ଜଣଙ୍କର ଆଧାର କାର୍ଡ ନାହିଁ। କାର୍ଡ ଥାଇ ମଧ୍ୟ ପରିବାର ଲୋକେ ଆଧାର କାର୍ଡ ଦେଇ ପାରୁନାହାନ୍ତି। ୫ ହଜାର ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ ଥାଇ ମଧ୍ୟ ଆପାର ଆଇଡି ହୋଇପାରିନାହିଁ। ଏବେ ସୁଦ୍ଧା ୧ଲକ୍ଷ ୫୦ ହଜାର ୭୫୪ ପିଲାଙ୍କର ଆପାର ଆଇଡି ହୋଇଥିବା ଜଣାପଡ଼ିଛି। କୋରାପୁଟ ବ୍ଲକ୍ ଦେବୀଘାଟ ଗାଁରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଆଧାରକାର୍ଡ ସଂଶୋଧନ ହୋଇପାରୁନାହିଁ। କେହି ଗାଁରେ ଜନ୍ମ ହୋଇଥିବା ବେଳେ କାହାକୁ ଡାକ ନାଁରେ ପ୍ରଥମ ଶ୍ରେଣୀରେ ନାମ ଲେଖା ହୋଇଥିଲା। ସରକାର ନିୟମ ବଦଳାଇ ଥିବା ବେଳେ ସମ୍ପୂର୍ଣ୍ଣ ସଂଶୋଧନର ସରଳୀକରଣ ପାଇଁ ଗେଜେଟ ନୋଟିଫିକେଶନ,ପେପରରେ ବିଜ୍ଞାପନ ସହ ଜନ୍ମ ପ୍ରମାଣପତ୍ର ଓ ଆରଆଇ ରିପୋର୍ଟ ଆବଶ୍ୟକ ରହିଛି। ଏହା ବ୍ୟତୀତ ପୋର୍ଟାଲରେ ସଂଶୋଧନ ହୋଇପାରୁ ନ ଥିବା ଓ ସମସ୍ୟା ହେଉଥିବା ଆଧାରକେନ୍ଦ୍ର ମାଲିକ କିରଣ କୁମାର ମିଶ୍ର ଓ ବିକ୍ରମ ଖୋସ୍ଲା କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ପାଖାପାଖି ୨୨ ହଜାର ପିଲାଙ୍କ ଆଧାର ସମସ୍ୟାକୁ ସ୍ୱୀକାର କରିଛନ୍ତି। ପାଠ ପଢିବା ପାଇଁ ସମସ୍ୟା ନ ଥିବା, ଜିଲା ପ୍ରଶାସନ ସହ ଆଲୋଚନା କରି ଆଧାର କାର୍ଡ ସଂଶୋଧନ କରିବା ନେଇ ଧ୍ୟାନ ଦିଆଯିବ। କାରଣ ଆପାର ପାଇଁ ଆଧାର ଆବଶ୍ୟକ ଥିବା ସେ କହିଛନ୍ତି। ପ୍ରଶାସନ ପକ୍ଷରୁ କାର୍ଡ ସଂଶୋଧନରେ ସରଳୀକରଣ ପ୍ରକ୍ରିୟାକୁ ତ୍ୱରିତ କରାଯାଉ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି

**ରାଣିଗଡ-କୋରାପୁଟ ରାସ୍ତା ନିର୍ମାଣ ଦାବି**

ଜୟପୁର,୨।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରର ନିକଟ ବାରିଣିପୁଟଠାରେ କୋଲାବ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୋରିଗୁମ୍ମା-କୋରାପୁଟ ବିପର୍ଯ୍ୟସ୍ତ ରାସ୍ତା ନିର୍ମାଣ ଦାବି କରି ସ୍ଥାନୀୟ ବିଜେଡି ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଯୁଗଳ କିଶୋର ଖଟୁଆଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟଯନ୍ତ୍ରୀ ଖଟୁଆ ଦାବିପତ୍ର ଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦଙ୍କ ଆହ୍ୱାନ କ୍ରମେ ଶତାଧିକ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ। ବୋରିଗୁମ୍ମାଠାରୁ କୋରାପୁଟ ୪୮ତମ ରାଜ୍ୟ ରାଜପଥର ୬ କି.ମି. ରାସ୍ତା ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଦୀର୍ଘ ବର୍ଷ ହେବ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ରାସ୍ତାରେ ଖାଲଖମା ହୋଇଛି। ଏହା ଛତିଶଗଡ ଏବଂ ଓଡ଼ିଶା ମଧ୍ୟରେ ଯାତାୟାତରେ ମୁଖ୍ୟରାସ୍ତା ଅଟେ। କିନ୍ତୁ ଖାଲଖମାରେ ପାଣି ଜମା ରହୁଥିବାରୁ ଏହି ରାସ୍ତାରେ ଭାରୀଯାନ ଓ ଚାରିଚକିଆ ଯାନ ଯାତାୟାତରେ ସମସ୍ୟା ଦେଖାଦେଇଛି। ପ୍ରାୟ ୩ ଫୁଟ ରାସ୍ତା ଗାତ ହୋଇଯିବାରୁ ବର୍ଷା ହେଲେ ପାଣି ଭରି ହୋଇ ରହୁଛି। କୋରାପୁଟ-ଜୟପୁର ମଧ୍ୟରେ ଘାଟି ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାକୁ ବାଇପାସ୍ ଭାବେ ବ୍ୟବହାର କରାଯାଉଛି। କିନ୍ତୁ ରାସ୍ତାର ଦୁରାବସ୍ଥା ଯୋଗୁ ଯାତାୟାତରେ ସମସ୍ୟା ଦେଖାଦେଉଛି। କୋରାପୁଟ-ଜୟପୁର-ବୋରିଗୁମ୍ମା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଇରିଗେସନ ବିଭାଗ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ମୁଖ୍ୟଯନ୍ତ୍ରୀ ଖଟୁଆ ଦୁଇଦିନ ମଧ୍ୟରେ ଏହାର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ରାଜପଥର ନିର୍ମାଣ କାର୍ଯ୍ୟ ରାସ୍ତା ଓ ଗୃହନିର୍ମାଣ ବିଭାଗର ଥିବା ବେଳେ ମାତ୍ର ୬.୧୮ କି.ମି. ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଏ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ ରାସ୍ତା ଓ ଗୃହନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯିବା ନେଇ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ନିର୍ମାଣ ପାଇଁ ୨କୋଟି, ୨୬ ଲକ୍ଷ ୮୫ ହଜାର ଅଟକଳ କରାଯାଇ ରାଜ୍ୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟକୁ ମଞ୍ଜୁର ପାଇଁ ପଠାଯାଇଛି। ଏହାର ଟଙ୍କା ମଞ୍ଜୁର ପରେ ଟେଣ୍ଡର ଆହ୍ୱାନ କରାଯାଇ ନିର୍ମାଣ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ କହିଛନ୍ତି। ଧାରଣାରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପଡାଲ, ଦୁର୍ଗାପ୍ରସାଦ ମିଶ୍ର, ଗଣେଷ ପାଢୀ, ନାଗୁ ଦୋରା, ବିରେନ ବିଶୋୟୀ, ହରପ୍ରସାଦ ମିଶ୍ର, ବାଲିଙ୍କି ରାଓ, ଶିବ ପଟ୍ଟନାୟକଙ୍କ ସମେତ ଜୟପୁର, ବୋରିଗୁମ୍ମା, କୋଟପାଡ଼ର ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।


ବିଜେଡି କର୍ମୀମାନେ ଧାରଣାରେ ବସିଛନ୍ତି ।

**ସରକାରୀ ବଙ୍ଗଳା ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼**

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର ସରକାରୀ ବଙ୍ଗଳା ଖାଲି କରିଛନ୍ତି। ୫୦ତମ ସିଜେଆଇ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୨୦୨୪ ନଭେମ୍ବର ୮ରେ ଅବସର ନେଇଥିଲେ। ତେବେ ସେ ଅଧିକ ଦିନ ଧରି ନୂଆଦିଲ୍ଲୀର ୫, କୃଷ୍ଣ ମେନନ ମାର୍ଗ ସରକାରୀ ବାସଭବନରେ ରହିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା।

## ସଂକ୍ଷେପରେ

### ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



ନୂଆଦିଲ୍ଲୀ,୨।୮

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଶନିବାର ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରରେ ରଖାଯାଇଛି। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ୮୧ ବର୍ଷୀୟ ଶିବୁ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜେଏମ୍‌ଏମ୍‌ର ପ୍ରତିଷ୍ଠାତା ଶିବୁ ସୋରେନ୍ ୩୮ ବର୍ଷ ଧରି ଏହାର ନେତୃତ୍ୱ ନେଇଥିଲେ। ଶନିବାର ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ୍‌ଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି।

### ଆଇଆଇଟି ବମ୍ବେ ଛାତ୍ରଙ୍କ ଆତ୍ମହତ୍ୟା

ମୁମ୍ବାଇ, ୨।୮

ଆଇଆଇଟି ବମ୍ବେର ଜଣେ ୨୨ ବର୍ଷୀୟ ଛାତ୍ର ଶନିବାର ସକାଳେ ହଷ୍ଟେଲ ବିଲ୍ଡିଂର ୧୦ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ନିକଟରେ ମେଟା ସାଇନ୍ସରେ ବି.ଟେକ୍ ଶେଷ କରିଥିଲେ ଏବଂ ଜବ୍ ପ୍ଲେସମେଣ୍ଟ ପାଇଁ କଲେଜ ହଷ୍ଟେଲରେ ରହୁଥିଲେ। ତାଙ୍କ ରୁମରୁ କୌଣସି ସୁଇସାଇଡ ନୋଟ୍ ହସ୍ତଗତ ହୋଇନାହିଁ ବୋଲି ପୋଲିସ ସୂଚନା ଦେଇଛି। ମୃତ ଛାତ୍ର ଜଣଙ୍କ ଦିଲ୍ଲୀ ନିବାସୀ ରୋହିତ ସିହ୍ନା ହୋଇଥିବା ଜଣାପଡ଼ିଛି। ରୋହିତଙ୍କ ଆତ୍ମହତ୍ୟାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ଆଇଆଇଟି ବମ୍ବେ ପ୍ରଶାସନ ଶୋକପ୍ରକଟ କରିଛି।

# ଦେଶର ନିର୍ବାଚନ ବ୍ୟବସ୍ଥା ମୃତ: ରାହୁଲ

## ୨୦୨୪ ଲୋକ ସଭା ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ

ନୂଆଦିଲ୍ଲୀ,୨।୮ (ପି.ଟି.)

ଦେଶର ନିର୍ବାଚନ ବ୍ୟବସ୍ଥା ମରିଯାଇଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଶନିବାର କହିବା ସହ ୨୦୨୪ ଲୋକ ସଭା ଭୋଟରେ ଜାଲିଆତି ହୋଇଥିବା ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କୁ କଡ଼ା ସମାଲୋଚନା କରିଛନ୍ତି। 'ସାମ୍ବିଧାନିକ ଆହ୍ୱାନ: ଦୃଷ୍ଟିକୋଣ ଓ ମାର୍ଗ' ଶୀର୍ଷକ ଉପରେ ଆୟୋଜିତ ନ୍ୟାୟିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି, ପ୍ରଧାନମନ୍ତ୍ରୀ ସ୍ୱଳ୍ପ ସଂଖ୍ୟାଗରିଷ୍ଠତାର ସହ ଆସନରେ ବସିଛନ୍ତି। ଅଳ୍ପ କେତୋଟି ଆସନ ଅନ୍ତର ହୋଇଥିଲେ ସେ ସେଠାରେ ନ ଥାନ୍ତେ।

କର୍ଣ୍ଣାଟକର ଏକ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ସଂଗୃହୀତ କରିଥିବା ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି, ମୋଟ ୬.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧.୫ ଲକ୍ଷ ଭୋଟର ଜାଲ୍ ଥିଲେ। ଭୋଟରମାନଙ୍କ ଫଟୋ ଓ ନାମ ଯାଞ୍ଚରୁ ଏହା ଜଣାପଡ଼ିଛି। ଏଭଳି ଅନେକ ତଥ୍ୟ ରହିଛି, ଯାହାକୁ ପ୍ରଘଟ କଲେ ନିର୍ବାଚନ ବ୍ୟବସ୍ଥାରେ ପରମାଣୁ ବୋମା ବିସ୍ଫୋରଣ ଭଳି କମ୍ପନ ସୃଷ୍ଟି ହେବ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ସତ କଥା ହେଲା ଭାରତର ନିର୍ବାଚନ ବ୍ୟବସ୍ଥା ମରିଯାଇଛି। ଯଦି ୧୦ରୁ ୧୫ ଆସନରେ ଜାଲିଆତି ହୋଇ ନ ଥାନ୍ତା, ତେବେ ମୋଦି ପ୍ରଧାନମନ୍ତ୍ରୀ ଆସନରେ ନ ଥାନ୍ତେ। ୭୦-୮୦ରୁ ୧୦୦ ଆସନରେ ଜାଲିଆତି ହୋଇଥିବା ଆମେ ସନ୍ଦେହ କରୁଛୁ। ଲୋକ ସଭା ନିର୍ବାଚନରେ କିପରି ଜାଲିଆତି ହୋଇଥିଲା, ସେ ସମ୍ପର୍କିତ ଯେକୌଣସି ସନ୍ଦେହକୁ ଆମେ ଆଗାମୀ ଦିନରେ ପ୍ରମାଣିତ କରିବାକୁ ଯାଉଛୁ ବୋଲି ରାହୁଲ କହିଛନ୍ତି।



ରାହୁଲ ଗାନ୍ଧୀ

ଲୋକ ସଭାର ବିରୋଧୀ ଦଳ ନେତା ଆହୁରି କହିଛନ୍ତି, ପୂର୍ବରୁ ତାଙ୍କ ପାଖରେ ପ୍ରମାଣ ନ ଥିବାରୁ ସେ ଏଭଳି ବୟାନ ଦେଇପାରି ନ ଥିଲେ। ଏବେ ୧୦୦ ପ୍ରତିଶତ ପ୍ରମାଣ ମିଳିଥିବାରୁ ସେ ଦୃଢ଼ତାର ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହାକୁ ସେ ଯାହାକୁ ଦେଖାଇବେ, ତାଙ୍କ ପାଦତଳୁ ମାଟି ଖସିଯିବ। ତାହା କିପରି ସମ୍ଭବ ବୋଲି ସେମାନେ ଭାବିବେ। ତେବେ ଏହା ସମ୍ଭବ ଓ ଘଟିଥିବା ରାହୁଲ ଦାବି କରିଛନ୍ତି।

# ଆଣବିକ ବୁଡ଼ାଜାହାଜ ପଠାଇବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ



ୱାଶିଂଟନ,୨।୮

ପରମାଣୁ ଅସ୍ତ୍ର ରଖିଥିବା ବିରୋଧୀଙ୍କ ସହ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଥିବା ରୁଷିଆର ପୂର୍ବତନ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍ ମନ୍ତବ୍ୟ ଦେବା ପରେ ଏହାର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୁଡ଼ାଜାହାଜ ଉପଯୁକ୍ତ ଷ୍ଟ୍ରାଟେଜିକ୍ ସ୍ଥିତିରେ ଅବସ୍ଥାନ କରିବ ବୋଲି ଜଣାପଡ଼ିଛି। ତେବେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ମସ୍କୋ ସହ ବୟାନବାଜି ବଢ଼ାଇବ ବୋଲି ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ପୂର୍ବରୁ ମୁତୟନ ହୋଇଛି, ଯାହା ରୁଷିଆ ଉପରେ ଆକ୍ରମଣ କରିବାକୁ ସମର୍ଥ। ସୂଚନାଯୋଗ୍ୟ, ଟ୍ରମ୍ପ୍ ରୁଷିଆକୁ ମୃତ ଅର୍ଥନୀତି କହିବା ପରେ ଏହାର ଜବାବରେ ମେଡ୍‌ଭେଡେଭ୍ ତାଙ୍କୁ ଶୀତଳ ଯୁଦ୍ଧ ସମୟର ସ୍ୱୟଂକ୍ରିୟ ଏବଂ ଅର୍ଦ୍ଧସ୍ୱୟଂକ୍ରିୟ ଅଣୁଅସ୍ତ୍ର ନିୟନ୍ତ୍ରଣ ସିଷ୍ଟମ୍‌ର ସାମର୍ଥ୍ୟ ବିଷୟ ମନେ ପକାଇଦେଇଥିଲେ।

### ରୁଷିଆର ଉତ୍ତେଜକ ମନ୍ତବ୍ୟ

ଟ୍ରମ୍ପ୍ ୨ଟି ଆଣବିକ ବୁଡ଼ାଜାହାଜ ପଠାଇବାକୁ ନିର୍ଦ୍ଦେଶ ଦେବା ପରେ କ୍ରେମ୍‌ଲିନ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ରୁଷିଆର ବରିଷ୍ଠ ଆଇନ ପ୍ରଣେତା ଭିକ୍ଟର ଭୋଡୋଲାଟ୍‌ସ୍କି ଆମେରିକାକୁ ସତର୍କ କରାଇଦେଇ କହିଛନ୍ତି, ମସ୍କୋ ପାଖରେ ସର୍ବାଧିକ ଆଣବିକ ବୁଡ଼ାଜାହାଜ ରହିଛି ଯାହାକି ଯୁକ୍ତରାଷ୍ଟ୍ର ତୁଳନାରେ ବହୁ ଅଧିକ।





ସ୍ପେନ୍‌ର ସେଭିଲେସ୍ଥିତ ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ ଆସେମ୍ବ୍ଲିଠାରେ ୧୬ତମ ଏୟାରବସ୍ ସି-୨୯୫ ସାମରିକ ପରିବହନ ବିମାନ ଗ୍ରହଣ କରିବା ଅବସରରେ ସେଠାର ଭାରତୀୟ ରାଷ୍ଟ୍ରଦୂତ ଦିନେଶ କେ. ପଟ୍ଟନାୟକଙ୍କ ସହ ବାୟୁସେନାର ବରିଷ୍ଠ ଅଧିକାରୀମାନେ ଗ୍ରୁପ୍ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨।୮

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲା ଅନ୍ତର୍ଗତ ଅଖଲ ଜଙ୍ଗଲରେ ଶନିବାର ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟ ବେଳେ ଟିଆର୍‌ଏଫ୍ (ଦି ରେଜିଷ୍ଟାନ୍ସ ଫ୍ରଣ୍ଟ)ର ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଗିରଫ ହୋଇଛନ୍ତି। ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମ୍ପର୍କିତ ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ 'ଅପରେଶନ ଅଖଲ' ଜାରି ରହିଥିବାବେଳେ ଶନିବାରର ଏନ୍‌କାଉଣ୍ଟର ଏହାର ଅଂଶବିଶେଷ। ସେନା, ଅର୍ଦ୍ଧସାମରିକ ବାହିନୀ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ଏହି ସଫଳତା ମିଳିଛି। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ଯବାନମାନେ ପାଲଟା ଗୁଳିଚାଳନା କରିଥିଲେ। ଟିଆର୍‌ଏଫ୍ ହେଉଛି ନିଷିଦ୍ଧ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ଶାଖା। ପହଲଗାମ୍ ଆକ୍ରମଣ ସହ ଏହି ସଂଗଠନ ଜଡ଼ିତ ଥିଲା। ଆତଙ୍କବାଦୀମାନେ ଶ୍ରୀନଗର ନିକଟ ଡଚିଗାମ୍ ଜାତୀୟ ଉଦ୍ୟାନ ମଧ୍ୟରେ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୪ ଦିନ ପୂର୍ବରୁ ଅପରେଶନ ମହାଦେବରେ ପାକିସ୍ତାନର ୩ ଟିଆର୍‌ଏଫ୍ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଲଶ୍କରର ଶୀର୍ଷ କମାଣ୍ଡର ସୁଲେମାନ୍ ଶାହ ଓରଫ ମୁସା ଫୌଜି ଥିଲେ। ସେମାନଙ୍କ ଗୁପ୍ତ ଆଡ୍ଡାରୁ ୧୭ଟି ଗ୍ରେନେଡ୍, ୨ଟି ଏକେ-୪୭ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା।

# ଛତିଶଗଡ଼ରେ ଗିରଫ କେରଳର ୨ ମହିଳା ପାଦ୍ରୀଙ୍କୁ ଜାମିନ

ବିଳାସପୁର, ୨।୮

ଛତିଶଗଡ଼ର ଦୁର୍ଗରେ ମାନବ ଚାଲାଣ ଏବଂ ଧର୍ମାନ୍ତରୀକରଣ ଅଭିଯୋଗରେ ଗିରଫ ହୋଇଥିବା କେରଳର ୨ ମହିଳା ପାଦ୍ରୀଙ୍କୁ ଶନିବାର ବିଳାସପୁରସ୍ଥିତ ଏନ୍‌ଆଇଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ପ୍ରିନ୍ସିପାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ ଜଜ୍ (ଏନ୍‌ଆଇଏ କୋର୍ଟ) ସିରାଜୁଦ୍ଦିନ କୁରେଶୀ କେରଳର ୨ ପାଦ୍ରୀ ପ୍ରୀତି ମେରି ଏବଂ ବନ୍ଦନା ଫ୍ରାନ୍ସିସ୍‌ଙ୍କ ସହ ଅନ୍ୟ ଜଣେ ଯୁବକ ସୁକମାନ ମାଣ୍ଡବୀଙ୍କୁ ଜାମିନ ଦେଇଛନ୍ତି। ଗିରଫ ପରେ ସେମାନଙ୍କୁ ଦୁର୍ଗସ୍ଥିତ ସେଣ୍ଟ୍ରାଲ ଜେଲରେ ରଖାଯାଇଥିଲା। ଗତ ଜୁଲାଇ ୨୫ରେ ସ୍ଥାନୀୟ ନାରାୟଣପୁର ନିବାସୀ ୩ ଜଣ ଯୁବତୀଙ୍କୁ ନେଇ ସୁକମାନ ଦୁର୍ଗ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ୨ ଅଭିଯୁକ୍ତ ପାଦ୍ରୀ ଉକ୍ତ ୩ ଯୁବତୀଙ୍କୁ ନେବା ପାଇଁ ପହଞ୍ଚିଥିଲେ ବୋଲି ବଜରଙ୍ଗ ଦଳର ସଦସ୍ୟମାନେ ଅଭିଯୋଗ କରିଥିଲେ। ଉଭୟେ ମିଶି ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଆଦିବାସୀ ଯୁବତୀମାନଙ୍କର ଧର୍ମାନ୍ତରୀକରଣ କରାଉଥିବା ନେଇ ବଜରଙ୍ଗ ଦଳ ଅଭିଯୋଗ କରିଥିଲା।

# ରୁଷିଆରୁ ଭାରତ ତେଲ କିଣିବା ବନ୍ଦ କରିଛି: ଟ୍ରମ୍ପ୍

ୱାଶିଂଟନ/ନୂଆଦିଲ୍ଲୀ,୨।୮

ଭାରତ ରୁଷିଆରୁ ଆଉ ତେଲ କିଣିବ ନାହିଁ ବୋଲି ଶୁଣିବାକୁ ପାଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର କହିବା ସହ ଏହାକୁ ଭଲ ପଦକ୍ଷେପ କହି ପ୍ରଶଂସା କରିଛନ୍ତି। ତେବେ ଏନେଇ ସେ ସ୍ପଷ୍ଟ ନୁହନ୍ତି ବୋଲି କହିଛନ୍ତି। ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ସମେତ ପ୍ରାୟ ୭୦ ଦେଶ ଉପରେ ହ୍ୱାଇଟ୍ ହାଉସ୍ ଟାରିଫ୍ ଲଗାଇବାର ଦିନକ ପରେ ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

### ସରକାରୀ ସୂତ୍ରର ଖଣ୍ଡନ



ଡୋନାଲ୍ଡ ଟ୍ରମ୍ପ୍

ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଏହି ଦାବିକୁ ସରକାରୀ ସୂତ୍ର ଖଣ୍ଡନ କରିଛି। ରୁଷିଆ ଯୋଗାଣକାରୀ ସଂସ୍ଥାଗୁଡ଼ିକରୁ ଭାରତର ରିଫାଇନେରିଗୁଡ଼ିକ ତେଲ କିଣିବା ଜାରି ରଖିଛନ୍ତି। ସେମାନଙ୍କ ଯୋଗାଣ ନିଷ୍ପତ୍ତି ମୂଲ୍ୟ, ଅଶୋଧିତ ତେଲର ଗ୍ରେଡ୍, ଲଜିଷ୍ଟିକ୍ସ ଏବଂ ଅନ୍ୟ ଆର୍ଥିକ କାରଣ ଆଧାରରେ ନିଷ୍ପତ୍ତି ନିଆଯାଇଥାଏ। ଭାରତର ଇନ୍ଧନ ନିଷ୍ପତ୍ତି ଜାତୀୟ ସ୍ୱାର୍ଥ ଦ୍ୱାରା ନିର୍ଦ୍ଧାରିତ ହୋଇଆସୁଛି ଏବଂ ବୈଶ୍ୱିକ ଶକ୍ତି ସ୍ଥିରତା କ୍ଷେତ୍ରରେ ଏହାର ସକାରାତ୍ମକ ଅବଦାନ ରହିଛି। ରୁଷିଆରୁ ଭାରତୀୟ କମ୍ପାନୀଗୁଡ଼ିକ ତୈଳ କିଣା ବନ୍ଦ କରିଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କୁ ଶୁକ୍ରବାର ପ୍ରଶ୍ନ ହେବାରୁ ସେ କହିଛନ୍ତି, ତୈଳ ଦର ଏବଂ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧତା ଏବଂ ବୈଶ୍ୱିକ ସ୍ଥିତି ଆଧାରରେ ଆମେ ନିଷ୍ପତ୍ତି ନେଉଛୁ। ରୁଷିଆରୁ ତେଲ କିଣା ବନ୍ଦ ନେଇ ତାଙ୍କ ପାଖରେ ସବିଶେଷ ତଥ୍ୟ ନ ଥିବା ସେ କହିଥିଲେ।

ରୁଷିଆରୁ ଇନ୍ଧନ କ୍ରୟ ଜାରି ରଖିବା ନେଇ ଭାରତର ନିଷ୍ପତ୍ତି ଉପରେ ସୂତ୍ର ପକ୍ଷରୁ କୁହାଯାଇଛି, ରୁଷିଆ ବିଶ୍ୱର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦନକାରୀ। ଏହାର ଦୈନିକ ଅଶୋଧିତ ତୈଳ ଉତ୍ପାଦନ ୯.୫ ନିଯୁତ ବ୍ୟାରେଲ୍, ଯାହାକି ବିଶ୍ୱ ଚାହିଦାର ପାଖାପାଖି ୧୦ ପ୍ରତିଶତ। ଏଥିସହିତ ରୁଷିଆ ଦ୍ୱିତୀୟ ସର୍ବାଧିକ ତୈଳ ରପ୍ତାନିକାରୀ। ଏହା ଦୈନିକ ୪.୫ ନିଯୁତ ବ୍ୟାରେଲ୍ ଅଶୋଧିତ ତୈଳ ଏବଂ ୨.୩ ନିଯୁତ ବ୍ୟାରେଲ୍ ବିଶୋଧିତ ତୈଳ ରପ୍ତାନି କରିଥାଏ। ଭାରତ ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ କିଣୁଥିବାବେଳେ ଗତ ସପ୍ତାହରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ, ହିନ୍ଦୁସ୍ଥାନ ପେଟ୍ରୋଲିୟମ, ଭାରତ ପେଟ୍ରୋଲିୟମ ଏବଂ ମାଙ୍ଗାଲୋର ରିଫାଇନେରି ପେଟ୍ରୋକେମିକାଲ୍ସ ଲିଃ ସେଠାରୁ ତୈଳ କିଣି ନ ଥିବା ଖବର ପ୍ରକାଶ ପାଇଥିଲା। ରୁଷିଆରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଭୂରାଜନୈତିକ ଚାପ ପ୍ରୟୋଗ କରିବା ଫଳରେ ଏପରି ହୋଇଥିବା କୁହାଯାଇଥିଲା। ତେବେ ଏହାକୁ ଖଣ୍ଡନକରି ମସ୍କୋ ସହ ଦୀର୍ଘବର୍ଷରୁ ସମ୍ପର୍କ ରହିଆସିଛି ଏବଂ ଏହା ସମୟ ଦ୍ୱାରା ପରୀକ୍ଷିତ ସହଯୋଗୀ ବୋଲି ନୂଆଦିଲ୍ଲୀ କହିଥିଲା।

# ଭୋଟର ତାଲିକାରେ ନାଁ ନ ଥିବା ତେଜସ୍ୱୀଙ୍କ ଅଭିଯୋଗକୁ ଇସିଙ୍କ ଖଣ୍ଡନ

ନୂଆଦିଲ୍ଲୀ,୨।୮

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ନାମ ବିହାର ଭୋଟର ତାଲିକାରେ ନ ଥିବା ସେ ଶନିବାର ଅଭିଯୋଗ କରିବା ପରେ ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ତାଙ୍କ ପାଖରେ ବୈଧ ଭୋଟର ପରିଚୟପତ୍ର (ଇପିଆଇସି) ନମ୍ବର ସତ୍ତ୍ୱେ ସ୍କ୍ରିନ୍‌ରେ 'କୌଣସି ରେକର୍ଡ ମିଳୁନାହିଁ' ବାର୍ତ୍ତା ଆସିଥିଲା ବୋଲି ତେଜସ୍ୱୀ ଏକ ଖବରଦାତା ସମ୍ମିଳନୀରେ କହିବା ସହ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ବଡ଼ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ କରିଥିଲେ। ତେବେ ତେଜସ୍ୱୀଙ୍କ ଅଭିଯୋଗକୁ ତଥ୍ୟଗତ ଭୁଲ୍ କହି ଇସି ଖଣ୍ଡନ କରିଛନ୍ତି। ଭୋଟର ତାଲିକାର କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଥିବା ଇସି କହିଛନ୍ତି।



ତେଜସ୍ୱୀ ଯାଦବ

ପ୍ରତି ନିର୍ବାଚନ ମଣ୍ଡଳୀରେ ୨୦ରୁ ୩୦ ହଜାର ଭୋଟରଙ୍କ ନାଁ କଟିଛି ଏବଂ ମୋଟ ୬୫ ଲକ୍ଷ ମତଦାତାଙ୍କ ନାଁ ଭୋଟର ତାଲିକାରେ ନାହିଁ ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ, ଯାହାକି ମୋଟ ଭୋଟର ସଂଖ୍ୟାର ପ୍ରାୟ ୮.୫ ପ୍ରତିଶତ। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଥିଲା ଅନେକ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବାବେଳେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଡୁପ୍ଲିକେଟ୍ ନାଁରେ କେତେଜଣଙ୍କ ନାଁ ଭୋଟର ତାଲିକାରେ ଥିଲା। ତେବେ ଇସିଙ୍କ ପକ୍ଷରୁ ଜାରି ଚିଠା ଭୋଟର ତାଲିକାରେ ମତଦାତାଙ୍କ ଠିକଣା, ଇପିଆଇସି ନମ୍ବର ଏବଂ ବୁଥ୍ ନମ୍ବର ଦିଆଯାଇ ନାହିଁ। ତେଣୁ କେଉଁମାନଙ୍କ ନାଁ କଟିଛି, ତାହା ଖୋଜି ବାହାର କରିପାରୁ ନାହୁଁ ବୋଲି ତେଜସ୍ୱୀ କହିଥିଲେ।

## ଫୁରସତ୍



# ଭାରତୀୟ ପର୍ଯ୍ୟଟକଙ୍କୁ କଙ୍ଗନାଙ୍କ ସମାଲୋଚନା

ଶିମ୍‌ଲା

ହିମାଚଳ ପ୍ରଦେଶର ଏକ ଝରଣାରେ ପଡ଼ି ରହିଥିବା ବିଭିନ୍ନ ଅଳିଆ ଆବର୍ଜନାକୁ ଜଣେ ବିଦେଶୀ ପର୍ଯ୍ୟଟକ ଗୋଟାଇ ସେଗୁଡ଼ିକୁ ଡଷ୍ଟବିନ୍‌ରେ ପକାଉଥିବାବେଳେ ତାଙ୍କ ନିକଟରେ କେତେଜଣ ଭାରତୀୟ ପର୍ଯ୍ୟଟକ ଥିଲେ ମଧ୍ୟ ତାଙ୍କୁ ସାହାଯ୍ୟ ନ କରି ଝରଣାକୁ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ଭିଡିଓରେ ବିଦେଶୀ ପର୍ଯ୍ୟଟକ ଜଣକ କହିଛନ୍ତି, ଯଦି ତାଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ଥାନ୍ତା, ତେବେ ସେ ଏହି ଝରଣା ନିକଟରେ ବସି ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ତାଗିଦା କରନ୍ତେ। ବଲିଉଡ୍ ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ ଏହି ଭିଡିଓକୁ ଶନିବାର ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରି ଭାରତୀୟ ପର୍ଯ୍ୟଟକଙ୍କୁ ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି "ଏହା ଅତ୍ୟନ୍ତ ଲଜ୍ଜାକର ଘଟଣା। କେବେ ଆମେମାନେ ସୁଧୁରିବା। ଯେପରି ଆମେ ନିଜ ଘରକୁ ସଫାସୁତରା ରଖୁଛେ, ସେହିପରି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଫାସୁତରା ରଖିବା ମଧ୍ୟ ଆମମାନଙ୍କର ଦାୟିତ୍ୱ।"

# ପିଏଚ୍‌ଡି ପାଇଁ ନାମ ଲେଖାଇଲା ରୋବୋ

ବେଜିଂ

ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଇନା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଦେଶର ଏକ ହ୍ୟୁମାନଏଡ୍ ରୋବୋ 'ଜ୍ୟୁବା ୦୧' ସାଂଘାଇ ଥିଏଟର ଏକାଡେମୀ (ଏସ୍‌ଟିଏ)ରେ ଡ୍ରାମା ଏବଂ ଚଳଚ୍ଚିତ୍ର ପାଠ୍ୟକ୍ରମରେ ପିଏଚ୍‌ଡି କରିବା ପାଇଁ ନାମ ଲେଖାଇଛି। ଏହି ପିଏଚ୍‌ଡି ପାଠ୍ୟକ୍ରମ ଚାଇନାର ବିଭିନ୍ନ ପାରମ୍ପରିକ ଅପେରାକୁ ନେଇ କେନ୍ଦ୍ରିତ ରହିଛି। ଗତ ଜୁଲାଇ ୨୭ରେ ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀରେ ଏସ୍‌ଟିଏ ପକ୍ଷରୁ ଜ୍ୟୁବା ୦୧ ରୋବୋର ପିଏଚ୍‌ଡି ନାମଲେଖା ଆବେଦନକୁ ଗ୍ରହଣ କରାଯାଇଥିଲା। ଏହାସହ ଚାଇନାର ପ୍ରଥମ ହ୍ୟୁମାନଏଡ୍ ରୋବୋ ଭାବେ ଜ୍ୟୁବା ୦୧ ପିଏଚ୍‌ଡି ପାଠ୍ୟକ୍ରମରେ ପ୍ରବେଶ କରିଛି।

ଜ୍ୟୁବା ୦୧କୁ ସାଂଘାଇ ଫର୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏବଂ ଡ୍ରୋଇଡ୍ ଅପ୍ ରୋବୋଟିକ୍ସ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି। ଏହି ୪ ବର୍ଷିଆ ପିଏଚ୍‌ଡି ପ୍ରୋଗ୍ରାମରେ ଜ୍ୟୁବା ୦୧ ରୋବୋ ଷ୍ଟେଜ୍ ପର୍‌ଫର୍ମାନ୍ସ, ସ୍କ୍ରିପ୍ଟ ରାଇଟିଂ, ସେଟ୍ ଡିଜାଇନ୍ ଭଳି ବିଷୟଗୁଡ଼ିକ ସହ ମୋଟର କଣ୍ଟ୍ରୋଲ ଏବଂ ଲାଙ୍ଗୁଏଜ୍ ପ୍ରଡକ୍ସନ ଭଳି ବୈଷୟିକ ବିଷୟଗୁଡ଼ିକୁ ଅଧ୍ୟୟନ କରିବ। ଏହି ରୋବୋ ୧.୭୫ ମିଟର ଉଚ୍ଚ ଏବଂ ପ୍ରାୟ ୩୦ କେ.ଜି. ଓଜନର ରହିଛି। ଏହାର ମୁହଁରେ ସିଲିକନ୍ ସ୍କିନ୍ ରହିଛି, ଯାହାଦ୍ୱାରା ସେ ମଣିଷ ପରି ମୁହଁର ବିଭିନ୍ନ ଭାବ ଦେଖାଇ ପାରିଥାଏ। ଚଷମା, ଶାର୍ଟ ଏବଂ ପ୍ୟାଣ୍ଟ ପିନ୍ଧି ଏହି ରୋବୋ ମାଣ୍ଡାରିନ୍ ଭାଷାରେ କଥା ହୋଇପାରୁଛି। ସେହିପରି ଏହା ଲୋକଙ୍କ ସହ ଶାରୀରିକ ଭାବେ ଯୋଗାଯୋଗ ମଧ୍ୟ କରିପାରୁଛି।



ଜ୍ୟୁବା ୦୧କୁ ଏକ ଭର୍ଚୁଆଲ୍ ଷ୍ଟୁଡେଣ୍ଟ ଆଇଡି ମଧ୍ୟ ପ୍ରଦାନ କରାଯାଇଛି। ଏହି ପିଏଚ୍‌ଡି ପାଠ୍ୟକ୍ରମରେ ଜ୍ୟୁବା ୦୧ ରୋବୋର ମେଣ୍ଟର ଭାବେ ପ୍ରଖ୍ୟାତ ସାଂଘାଇ କଳାକାର ଏବଂ ପ୍ରଫେସର ୟାଙ୍ଗ୍ କ୍ୱିଙ୍ଗ୍‌କିଙ୍ଗ୍ ରହିବେ। କ୍ୱିଙ୍ଗ୍‌କିଙ୍ଗ୍ କହିଛନ୍ତି, ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବା ପରେ କ୍ୱିଙ୍ଗ୍‌କିଙ୍ଗ୍ କଲେଜ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରି କ୍ଲାସ୍‌ରେ ଯୋଗଦେବେ। ସେହିପରି ପିଏଚ୍‌ଡି କରୁଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ମିଶି ଜ୍ୟୁବା ୦୧ ରୋବୋ ବିଭିନ୍ନ ଅପେରା ଅଭ୍ୟାସ କରିବ।

# ତରଭା ଜେଏନ୍‌ଭିର ଛାତ୍ରଙ୍କୁ ଝାଡ଼ଖଣ୍ଡରେ ମାଡ଼

■ପ୍ରବାସନ ପଲିସିରେ ରିଖିଆ ଜେଏନ୍‌ଭିରେ ପାଠ ପଢୁଛନ୍ତି
■ମୂଳ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରଙ୍କ ନିବେଦନ
■ରିଖିଆ ବିଦ୍ୟାଳୟର ୪ ଛାତ୍ର ନିଲମ୍ବିତ



ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜେଏନ୍‌ଭି।

ସୋନପୁର,୨।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ର ୧୧ଛାତ୍ରଙ୍କୁ ଝାଡ଼ଖଣ୍ଡରେ ନିର୍ଯାତନା ସହ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ତରଭା ଜେଏନ୍‌ଭିର ନବମ ଶ୍ରେଣୀରେ ପଢୁଥିବା ୨୧ଛାତ୍ରୀଛାତ୍ର ମାଇଗ୍ରେଶନ(ପ୍ରବାସନ) ପଲିସିରେ ଝାଡ଼ଖଣ୍ଡର ଦେଓଘର ଜିଲା ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିରେ ରହି ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଛାତ୍ରୀ ଓ ୧୧ଛାତ୍ର ଅଛନ୍ତି। ଜୁଲାଇ ୩ରୁ ଛାତ୍ରୀଛାତ୍ର ସେଠାରେ ରହି ପଢୁଥିବା ଜଣାପଡ଼ିଛି। ତେବେ ରିଖିଆ ଜେଏନ୍‌ଭିର ସିନିୟର ଛାତ୍ରମାନେ ଗତ ୯ତାରିଖ ରାତିରେ ସୁବର୍ଣ୍ଣପୁର ଜିଲାର ୧୧ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରମାନେ ଭିଡିଓକରି ସେମାନଙ୍କୁ ସେଠାରୁ ନେଇ ଆସିବାକୁ ସୋସିଆଲ ମିଡିଆରେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଜାଣିବା ପରେ ୧୧ତାରିଖରେ ତରଭା ଜେଏନ୍‌ଭି ଅଧ୍ୟକ୍ଷ ନିଶିକାନ୍ତ କେଶାଓ ସମକୁରାଓଙ୍କୁ ଲିଖିତଭାବେ ଜଣାଇଥିଲେ। ପରେ ଅଭିଭାବକମାନେ ନବୋଦୟ ବିଦ୍ୟାଳୟ ସମିତି(ଏନ୍‌ଭିସ)ର ଭୋପାଳସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ଜିଲାପାଳ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଏମ୍‌ପି ସିଂଦେଓଙ୍କ ହସ୍ତକ୍ଷେପ ପରେ ଉଭୟ ଜେଏନ୍‌ଭି ଅଧ୍ୟକ୍ଷଙ୍କ ମଧ୍ୟରେ ଏକାଧିକ ବାର ବାର୍ତ୍ତାଳାପ ଓ ପତ୍ର ବିନିମୟ ହୋଇଥିଲା। ତେବେ ତରଭା ଜେଏନ୍‌ଭିର ଛାତ୍ରୀଛାତ୍ର ଝାଡ଼ଖଣ୍ଡରେ ଭୟର ବାତାବରଣରେ ରହୁଛନ୍ତି। ତେଣୁ ସେମାନଙ୍କୁ ମୂଳ ବିଦ୍ୟାଳୟ ତରଭାକୁ ଫେରାଇ ଆଣିବା ପାଇଁ ଅଭିଭାବକ ଦାଶରଥୀ ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ତରଭା ଜେଏନ୍‌ଭିର ଅଧ୍ୟକ୍ଷ ନିଶିକାନ୍ତ କେଶାଓ ସମକୁରାଓ କହିଛନ୍ତି, ଘଟଣା ସମ୍ପର୍କରେ ଏନ୍‌ଭିଏସ୍‌ର ମୁଖ୍ୟଙ୍କୁ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ଆସିବ ତାହା କାର୍ଯ୍ୟକାରୀ କରାଯିବ।

ଅନ୍ୟପକ୍ଷେ ଅଭିଯୋଗ ପରେ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଅଧ୍ୟକ୍ଷା ତଦନ୍ତ କରି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ନିଜ ବିଦ୍ୟାଳୟର ୪ଛାତ୍ରଙ୍କୁ ନିଲମ୍ବନ କରିବା ସହ ସେମାନଙ୍କ ଘରକୁ ପଠାଇଦେଇଥିବା ସୂଚନା ଦେଇଛନ୍ତି। ତେବେ ଗତବର୍ଷ ରିଖିଆ ପିଏମ୍‌ଶ୍ରୀ ଜେଏନ୍‌ଭିର ଛାତ୍ରୀଛାତ୍ର ତରଭାରେ ରହି ପାଠ ପଢୁଥିବା ସମୟରେ ସେମାନଙ୍କୁ ଏଠାକାର ସିନିୟର ଛାତ୍ରମାନେ ନିର୍ଯାତନା ଦେଇଥିଲେ। ଏହି କାରଣକୁ ନେଇ ସେଠାକାର ସିନିୟର ଛାତ୍ରମାନେ ତରଭା ଛାତ୍ରଙ୍କୁ ଚଳିତ ବର୍ଷ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ନବୋଦୟ ବିଦ୍ୟାଳୟ ସମିତିର ନିୟମ ଅନୁଯାୟୀ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ମୋଟ ଛାତ୍ରୀଛାତ୍ରଙ୍କ ୩୦% ପ୍ରବାସନ ପଲିସିରେ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ନ୍ତି। ସେହିପରି ହିନ୍ଦୀ ଭାଷାଭାଷୀ ରାଜ୍ୟର ବିଦ୍ୟାଳୟରେ ନବମ ଶ୍ରେଣୀର ଛାତ୍ରୀଛାତ୍ର ୧ବର୍ଷ ପାଇଁ ଅଣ ହିନ୍ଦୀ ଭାଷାଭାଷୀ ରାଜ୍ୟର ଜେଏନ୍‌ଭିରେ ରହି ପାଠ ପଢ଼ିଥାନ୍ତି। ଜାତୀୟ ଏକୀକରଣ ଲକ୍ଷ୍ୟ ରଖି ଏଭଳି କରାଯାଇଥାଏ।

# ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ଆହତ

■ପୋଲିସ ଉପରକୁ ୨ ରାଉଣ୍ଡ ଗୁଳିଚାଳନା
■ବନ୍ଧୁକ, ୩ ଜୀବନ୍ତ ଗୁଳି ଓ ଟଙ୍କା ଜବତ
■ଘଟଣାସ୍ଥଳରୁ ଚମ୍ପଟ ମାରିଲେ ସହଯୋଗୀ


ଆହତ ଅବସ୍ଥାରେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଗୋପାଳପୁର,୨।୮(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ପୋଲିସ ପିତାତଳି-ସୋର୍ଲା ରାସ୍ତାରେ ଶନିବାର ଭୋର ସମୟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୁଳି କରିଛି। ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ସୁନୀଲ ନାହାକ ଓରଫ ମାଲ୍ଲ। ଏଥିରେ ସୁନୀଲ ଆହତ ହୋଇଛନ୍ତି। ତାଙ୍କଠାରୁ ୭.୬୫ ଏମ୍‌ଏମ୍ ବନ୍ଧୁକ, ତିନୋଟି ଜୀବନ୍ତ ଗୁଳି, ୨୧ ହଜାର ଟଙ୍କା ଓ ବାଇକ୍ ଜବତ ହୋଇଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ବ୍ରହ୍ମପୁର ପୋଲିସ ଜିଲାରେ ଗତ ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ଏକାଧିକ ଚେନ୍ ସ୍ନାଚିଂ ଅଭିଯୋଗ ହୋଇଥିଲା। ନିମଖଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଉପରକୁ ଗୁଳି କରି ତାଙ୍କ ସୁନାହାର ଲୁଟି ନେବା ଓ ଗୋପାଳପୁର ଥାନା ଅଞ୍ଚଳରୁ ମଧ୍ୟ ସମାନ ଢଙ୍ଗରେ ସୁନାଚେନ୍ ଲୁଟ୍ ନେଇ ଏକାଧିକ ଅଭିଯୋଗ ଥାନାକୁ ଆସିଥିଲା। ପୋଲିସ ଅଭିଯୁକ୍ତ ସୁନୀଲଙ୍କୁ ଚିହ୍ନଟ କରିବା ପରେ ତାଙ୍କୁ ଧରିବା ପାଇଁ ବ୍ରହ୍ମପୁର ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ ହୋଇଥିଲା।

ଶନିବାର ଭୋର ସମୟରେ ସୁନୀଲ ଓ ଅନ୍ୟ ସହଯୋଗୀ ବାଇକ୍ ଯୋଗେ ପିତାତଳି -ସୋର୍ଲା ରାସ୍ତା ଦେଇ ଆସୁଥିବା ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ତଥା ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ତାଙ୍କ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବାକୁ ପାଇଁ ଜାଲ ବିଛାଇଥିଲେ। ଏରେଣ୍ଡ୍ରା ରାସ୍ତା ନିକଟରେ ପୋଲିସ ଗାଡି ଦେଖି ସୁନୀଲ ଗାଡ଼ି ବୁଲାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ପୋଲିସ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏହି ଗୁଳି ପୋଲିସର ବୋଲେରୋରେ ବାଜିଥିଲା। ତତ୍‌କ୍ଷଣାତ୍ ଡିଏସ୍‌ପି ସ୍ୱାଇଁ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳି ସୁନୀଲଙ୍କ ବାମଗୋଡ଼ ଆଣ୍ଠୁ ତଳକୁ ବାଜିଥିଲା। ସେ ଆହତ ହୋଇ ତଳେ ପଡି ଯାଇଥିଲେ। ତେବେ ଘଟଣାସ୍ଥଳରୁ ତାଙ୍କ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଆହତ ସୁନୀଲଙ୍କୁ କାବୁ କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ। ଏହି ମାମଲା ବ୍ରହ୍ମପୁର ସଦର ଏସ୍‌ଡିପିଓ ତଦନ୍ତ କରିବେ। ଅନ୍ୟପକ୍ଷରେ ସୁନୀଲଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ, ଲୁଟ, ଗୁଳି କରିବା ଆଦି ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ଥାନାରେ ୨୦ଟି ସଙ୍ଗିନ ମାମଲା ରହିଛି। ଏସବୁର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ଶନିବାରର ଘଟଣା ନେଇ ଥାନା ଅଧିକାରୀ ତଥା ଡିଏସ୍‌ପି ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୩୨୭/୨୫ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଖୋକା ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସ୍‌ପି ସ୍ୱାଇଁ, ଏସ୍‌ଆଇ ସିଲୁ ଧଳ, ଗଗନ ବେହେରା, ଏଏସ୍‌ଆଇ ରମେଶ ଚୌଧୁରୀ, ଗୁଣନିଧି ରାଉତ ଉପସ୍ଥିତ ଥିଲେ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ଯାଜପୁରରୋଡ୍,୨।୮(ପବିତ୍ର ରଞ୍ଜନ ମହାନ୍ତି)


ଜୀବନ ମଲିକ

ଯାଜପୁର ଜିଲା ବ୍ୟାସନଗର ସହରର ଷ୍ଟେଶନ ବଜାରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଲିକଙ୍କ ପୁଅ ଜୀବନ ମଲିକ(୨୫)। ଜୀବନଙ୍କୁ କେନ୍ଦ୍ରର କର୍ମଚାରୀମାନେ ମାରି ଦେଇଥିବା ସୁଦାମ ଯାଜପୁରରୋଡ୍ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଜୀବନ ଶୋଇଥିଲେ। ହେଲେ ଶନିବାର ସକାଳୁ ଉଠି ନ ଥିଲେ। କେନ୍ଦ୍ରର ମାଲିକ ବିକାଶ ସାହୁ ଏକଥା ଜାଣିବା ପରେ ଜୀବନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୀବନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି।

ଜୀବନଙ୍କ ପରିବାର ଲୋକଙ୍କ କହିବା ମୁତାବକ, ସେ କୁସଙ୍ଗରେ ପଡ଼ି ନିଶାଗ୍ରସ୍ତ ରହୁଥିଲେ। ନିଶା ଛଡ଼ାଇବା ପାଇଁ ସେମାନେ ଗତ ସପ୍ତାହରେ ଉକ୍ତ ନିଶା ନିବାରଣ କେନ୍ଦରେ ଜୀବନଙ୍କୁ ଛାଡ଼ିଥିଲେ। ସେଥିପାଇଁ ମାସକୁ ୯ ହଜାର ହିସାବରେ ୪ ମାସ ପାଇଁ ଅଗ୍ରିମ ଟଙ୍କା ପୈଠ କରିଥିଲେ। ପୁଅ ଖୁବଶୀଘ୍ର ଭଲ ହୋଇଯିବ ବୋଲି କେନ୍ଦ୍ରର ମାଲିକ ଜୀବନଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୁଅର ମୃତ୍ୟୁ ହୋଇଥିବା କଥାକୁ ସେମାନେ ବିଶ୍ୱାସ କରି ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ଅନ୍ତେବାସୀଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏହି ସଂସ୍ଥା ଖୋଲିବାକୁ ହେଲେ ଜିଲା ପ୍ରଶାସନ ଅନୁମତି ବାଧ୍ୟତାମୂଳକ। ମାତ୍ର ଯାଜପୁରରୋଡ୍ ସହରରେ ଏଭଳି ୩ରୁ ଊର୍ଦ୍ଧ୍ୱ ନିଶା ନିବାରଣ କେନ୍ଦ୍ର ରହିଛି। ହେଲେ ଏଗୁଡ଼ିକ ଜିଲା ପ୍ରଶାସନର ଅନୁମତିପ୍ରାପ୍ତ ହୋଇଛି କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ବାଲେଶ୍ୱର, ୨।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତ ଛାତ୍ରଙ୍କ ଘର ବାସୁଦେବପୁର ଅଞ୍ଚଳରେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଜାରି ରଖିଛି। ଏହି ଥାନା ଅଧୀନ ମହାବୀରନଗରଠାରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ହଷ୍ଟେଲରେ ରହି ସମ୍ପୃକ୍ତ ଛାତ୍ର ଜଣକ ଅଧ୍ୟୟନ କରିଥିଲେ। ସେ ତୃତୀୟ ବର୍ଷର ଛାତ୍ର ଅଟନ୍ତି। ଶନିବାର ସମସ୍ତ ସହପାଠୀ କଲେଜ ଯିବା ପରେ ସେ ହଷ୍ଟେଲରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। କ୍ଲାସ୍‌କୁ ଯାଇ ନଥିବାରୁ କଲେଜ କର୍ତ୍ତୃପକ୍ଷ ହଷ୍ଟେଲ ଆସି ସେ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ।

# କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର ଅଭିଯୋଗ

ଦେଓଗାଁ/ବଲାଙ୍ଗୀର, ୨।୮(କୃଷ୍ଣପ୍ରସାଦ ପାଣିଗ୍ରାହୀ/ବୀରେନ୍ଦ୍ର କୁମାର ଝାଙ୍କର)

**ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ**

ଜଣେ କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇଯାଇ ବଳାତ୍କାର କରିବା ପରେ ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ ହେବା ଘଟଣା ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏଭଳି କାଣ୍ଡ ଘଟାଇଥିବା ଯୁବକ ଜଣକ ପୂର୍ବରୁ ଏକ ବଳାତ୍କାର ମାମଲାରେ ଜେଲ ଯାଇ ନିକଟରେ ଜାମିନରେ ଆସିଥିବା କୁହାଯାଉଛି । ପୀଡ଼ିତାଙ୍କ ବାପା ଶନିବାର ନ୍ୟାୟ ପାଇଁ ଦେଓଗାଁ ଥାନାର ଦ୍ୱାରସ୍ଥ ହେବା ପରେ ଘଟଣା ସାମ୍ନାକୁ ଆସିଛି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ବୁଧବାର ଝିଅ ବାହାରକୁ ଯାଇଥିବାବେଳେ ଗାଁର ଜଣେ ଯୁବକ ତାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ । ଯୁବକ ଜଣକ ଏହାର ଭିଡିଓ ମୋବାଇଲରେ କରିଥିଲା ବେଳେ କାହାକୁ ଘଟଣା ନେଇ କହିଲେ ଜୀବନରେ ମାରି ଦେବାର ଧମକ ଝିଅକୁ ଦେଇଥିଲେ । ଫଳରେ ଝିଅ ଘଟଣା ନେଇ କାହାକୁ କହି ନ ଥିଲେ । ଶୁକ୍ରବାର ଭିଡିଓ ଭାଇରାଲ ହେବା ପରେ ସେ ଏନେଇ ଝିଅକୁ ପଚାରି ସବୁ କଥା ବୁଝିଥିଲେ । ସମ୍ପୃକ୍ତ ଛାତ୍ରୀ ଜଣକ ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଅଞ୍ଚଳରେ ଥିବା ଏକ କଲେଜରେ ପାଠ ପଢ଼ନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରିଛି । ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଡିଏସ୍‌ପି ସମର୍ଥ କେ. ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି । ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯିବା ପରେ ଘଟଣା ବିଷୟରେ ସବିଶେଷ ତଥ୍ୟ ମିଳିବ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ବଲାଙ୍ଗୀର ଏସପି ଅଭିଳାଷ ଜିଙ୍କୁ ପଚାରିବାରୁ ବଳାତ୍କାର ଓ ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଅଭିଯୋଗ ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ଉଦ୍ୟମ କରାଯାଉଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମାମଲା ରହିଛି କି ନାହିଁ ସେନେଇ ତଦନ୍ତ କରାଯିବ। ସାମାଜିକ ଗଣମାଧ୍ୟମରୁ ଅଶ୍ଳୀଳ ଭିଡିଓକୁ ହଟାଯିବ ବୋଲି ସେ କହିଛନ୍ତି।

# ୫ ଶିକାରୀ ଗିରଫ, ୩ ବନ୍ଧୁକ ଜବତ

ବାରିପଦା, ୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର କର୍ମଚାରୀ ଓ ବନବିଭାଗ ମିଳିତ ଚଢ଼ାଉ କରି ଶନିବାର ୫ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ଟି ଦେଶୀ ବନ୍ଧୁକ ସହ ଶିକାର ସରଞ୍ଜାମକୁ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅଧୀନ ଜୁରାଡିହୀ ଗ୍ରାମର କାହ୍ନୁ ଜାମଦା ସିଂ(୩୦), ବହଳଦା ଗ୍ରାମର ଦେବେନ୍ଦ୍ର ସିଂ(୨୦), ସୋମନାଥ ସିଂ(୩୫), ପ୍ରଦୀପ ସିଂ(୩୧), ଗୌର ସିଂ(୨୪)। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ବନ୍ଧୁକ ଜବତକୁ ନେଇ ପୋଲିସ ପକ୍ଷରୁ ଆର୍ମ୍ସ ଆକ୍ଟ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ତେବେ ଏଆଇ କ୍ୟାମେରାରୁ ଉକ୍ତ ଶିକାରୀମାନଙ୍କୁ ଠାବ କରାଯାଇ ଶିକାର ପୂର୍ବରୁ ଚଢ଼ାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।


ଅଭିଯୁକ୍ତ ଶିକାରୀ ଓ ଜବତ ଦେଶୀ ବନ୍ଧୁକ।

**ରାଜ୍ୟ ଖବର**

# ‘ଅପରେଶନ ସିନ୍ଦୂର’ ମାଧ୍ୟମରେ ବିଶ୍ୱ ଭାରତର ସାମର୍ଥ୍ୟ ଦେଖିଛି: ଯୋଗୀ

ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)


ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଅନ୍ୟ ନେତୃବୃନ୍ଦ।

‘ଅପରେଶନ ସିନ୍ଦୂର’ ମାଧ୍ୟମରେ ବିଶ୍ୱ ଭାରତର ଶକ୍ତି ଓ ସାମର୍ଥ୍ୟ ଦେଖିଛି। ନୂଆ ଭାରତ ପହଲଗାମ୍‌ର ଅପରାଧୀମାନଙ୍କୁ ନିପାତ କରିବା ସହ ଶତ୍ରୁଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ମଧ୍ୟ ନିଶ୍ଚିହ୍ନ କରିବାର କ୍ଷମତା ରଖିଛି। ବାରାଣସୀର ସେବାପୁରୀ ଅଞ୍ଚଳର ଗ୍ରାମ ସଭା-ବାନାଉଲି (କାଳିକା ଧାମ)ରେ ଆୟୋଜିତ ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହା କହିଛନ୍ତି। ସେ କହିଲେ, ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା। ଗତ ୧୧ ବର୍ଷରେ ୫୦ରୁ ଅଧିକ ଦେଶ ତାଙ୍କୁ ସେମାନଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ପ୍ରଧାନମନ୍ତ୍ରୀ କାଶୀକୁ ସନାତନ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଭାବେ ଦେଖନ୍ତି। ଗତ ୧୧ ବର୍ଷରେ କାଶୀ ଐତିହ୍ୟ ଓ ଆଧୁନିକତାର ଅନୁପମ ସମ୍ମିଶ୍ରଣ ହୋଇ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ପ୍ରଥମଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀକୁ ୫୧ ଥର ପରିଦର୍ଶନ କରିଛନ୍ତି। ବାରାଣସୀ ପାଇଁ ୫୧ହଜାର କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଛି। ଏଥିରୁ ୩୪ହଜାର କୋଟି ଟଙ୍କାର ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ କାଶୀକୁ ନୂଆ ପରିଚୟ ଦେଇଛି। ବର୍ତ୍ତମାନ ୧୬ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଚାଲୁ ରହିଛି। ଏଥର ପ୍ରଧାନମନ୍ତ୍ରୀ କାଶୀକୁ ୨,୨୦୦ କୋଟି ଟଙ୍କାର ପ୍ରକଳ୍ପ ଉପହାର ଦେଉଛନ୍ତି, ଯାହା ସଂଯୋଗ, ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଓ ସାଂସ୍କୃତିକ ପୁନରୁଦ୍ଧାର ଉପରେ କେନ୍ଦ୍ରୀଭୂତ। ପୂର୍ବରୁ ଅନେକ କୃଷକ କୃଷି ଛାଡୁଥିଲେ ଓ କେତେଜଣ ଆତ୍ମହତ୍ୟା କରିଥିଲେ। ମାତ୍ର ୧୧ ବର୍ଷରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପିଏମ ଫସଲ ବୀମା, ପିଏମ ସିଞ୍ଚାଇ ଯୋଜନା ଓ ବିହନରୁ ବଜାର ପର୍ଯ୍ୟନ୍ତ ସମର୍ଥନ ଭଳି ପଦକ୍ଷେପ ଏକ ଦୃଢ଼ ବ୍ୟବସ୍ଥା ଗଢ଼ିଛି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କାଶୀରୁ ପ୍ରାୟ ୧୦ କୋଟି କୃଷକଙ୍କୁ ପିଏମ୍ କିଶାନ ଯୋଜନାର ଲାଭ ପ୍ରଦାନ କରିଥିଲେ। ଉତ୍ତରପ୍ରଦେଶରେ ୨.୩ କୋଟି କୃଷକ ପିଏମ-କିଶାନର ୨୦ତମ କିସ୍ତି ପାଉଛନ୍ତି, ଯେଉଁଥିରେ କାଶୀର ୨.୨୧ ଲକ୍ଷ ପରିବାର ରହିଛନ୍ତି। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ, ଭାଜପା ରାଜ୍ୟ ସଭାପତି ଚୌଧୁରୀ ଭୂପେନ୍ଦ୍ର ସିଂହ ଏବଂ ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହୀ, ସୁରେଶ ଖନ୍ନା, ଅନିଲ ରାଜଭର, ରବୀନ୍ଦ୍ର ଜୟସୱାଲ ଓ ଦୟାଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨।୮(ନରେଶ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୂର୍ବାହ୍ନ ୧୦ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକଲ ଶିକ୍ଷା ରଥ, ଆମ୍ବୁଲାନ୍ସ ଏବଂ ମା’ ତାରିଣୀଙ୍କ ନଡ଼ିଆ ସଂଗ୍ରହ ଗାଡ଼ିର ଶୁଭ ଉଦ୍‌ଘାଟନ କରିବେ। ପୂର୍ବାହ୍ନ ୧୧ଟାରେ ଦରବାର ହଲରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେବେ, ଅପରାହ୍ନ ୩ଟାରେ କେନ୍ଦୁଝର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ୍ ଫୁଟବଲ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶାରେ ନୂଆ ଟିମ୍: ମନମୋହନ

ଭୁବନେଶ୍ୱର,୨।୮(ସୁନିତ୍ ମିଶ୍ର)

ରାଜ୍ୟରେ ଶାସକ ଭାଜପାର ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଥର ଲାଗି ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ହେବା ପରେ ତାଙ୍କ ଟିମ୍‌ରେ କେଉଁମାନଙ୍କୁ ସ୍ଥାନ ମିଳୁଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ମନମୋହନ ସଭାପତି ନିଯୁକ୍ତ ହେବାର ଇତିମଧ୍ୟରେ ଗୋଟିଏ ମାସ ପୂରଣ ହେବାକୁ ବସିଲାଣି। ତେବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ନୂଆ କମିଟି ଘୋଷଣା ହେବ ବୋଲି ଶନିବାର ମନମୋହନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ହେଉଛି ଆମର ସାମ୍ବିଧାନିକ ବ୍ୟବସ୍ଥା। ନିଗମ ଓ ବୋର୍ଡ ନେଇ ବୈଠକ ବସିଲା ପରେ ନିଷ୍ପତ୍ତି ହେବ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମନମୋହନ ସଭାପତି ଦାୟିତ୍ୱ ନେବା ପରେ ନିକଟରେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରୁ ଆସିବା ପରେ ସେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେବା ସମ୍ଭାବନା ନାହିଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ନୂଆ କମିଟି ହେବ ବୋଲି ସେ ସୂଚନା ଦେଇଥିଲେ। ନୂଆ କମିଟିରେ ୨୫% ନୂଆ ଚେହେରା ରହିବେ ବୋଲି କହିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ହେବା ପରେ ଦଳର ବହୁ ନେତା ନିଗମ ଓ ବୋର୍ଡରେ ନିଯୁକ୍ତି ପାଇବାକୁ ଅପେକ୍ଷା କରି ରହିଥିବା ଚର୍ଚ୍ଚା ହେଉଛି।

# ବାର୍ଷିକ ଆଧାରରେ ସୁନା ଚାହିଦା ୩% ବୃଦ୍ଧି

ନୂଆଦିଲ୍ଲୀ,୨।୮

କ୍ରମାଗତ ବର୍ଷରେ ସୁନାର ଚାହିଦା ବୃଦ୍ଧି ପାଇଛି। ଚଳିତ ବର୍ଷର ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୪୯ ଟନରେ ପହଞ୍ଚିଛି। ଏହା ଉଚ୍ଚ ମୂଲ୍ୟ ପରିବେଶରେ ଅଭିବୃଦ୍ଧି ସହ ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ (ଡବ୍ଲୁଜିସି)ର ୨୦୨୫ କ୍ୟୁ୨ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟରେ ଉପରୋକ୍ତ ତଥ୍ୟରୁ ଏହା ଜଣାପଡ଼ିଛି। ଏପରିକି ସୁଦୃଢ଼ ସୁନା ନିବେଶ ପ୍ରବାହ ତ୍ରୈମାସିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରୋତ୍ସାହିତ କରିଛି। ଗୋଲ୍ଡ ଇଟିଏଫ ନିବେଶ ମୋଟ ଚାହିଦାର ଏକ ପ୍ରମୁଖ ପରିଚାଳକ ଭାବେ ବଜାୟ ରହିଥିବାବେଳେ ୨୦୨୪ର ୨ୟ ତ୍ରୈମାସିକରେ ସ୍ୱଳ୍ପ ରପ୍ତାନି ତୁଳନାରେ ଚଳିତ ବର୍ଷ ୨ୟ ତ୍ରୈମାସିକରେ ୧୭୦ ଟନର ସୁନା ଆମଦାନୀ ହୋଇଛି। ପ୍ରଥମ ତ୍ରୈମାସିକରେ ରେକର୍ଡ ଇନ୍‌ଫ୍ଲୋ ସହ ମିଳିତ ହୋଇ ଗ୍ଲୋବାଲ ଗୋଲ୍ଡ ଇଟିଏଫ ହୋଲ୍ଡିଂ ୩୯୭ ଟନରେ ପହଞ୍ଚିଛି; ଯାହାକି ୨୦୨୦ ପରଠାରୁ ପ୍ରଥମ ୬ ମାସରେ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ମୋଟ ବାର୍ ଓ କଏନ ନିବେଶ ମଧ୍ୟ ବାର୍ଷିକ ଆଧାରରେ ୧୧% ବୃଦ୍ଧି ପାଇ ୩୦୭ ଟନ ରହିଛି। ଏହାର ମଧ୍ୟରେ ଭାରତୀୟ ନିବେଶକମାନେ ନିଜର ହୋଲ୍ଡିଂ ବଢାଇବା ଜାରି ରଖିଛନ୍ତି, ଯାହା ୨ୟ ତ୍ରୈମାସିକରେ ମୋଟ ୪୬ ଟନ ରହିଛି। ୨୦୨୫ର ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରୟ ୧୬୬ ଟନ୍ ରହିଛି। ଏହି ହ୍ରାସ ସତ୍ତ୍ୱେ କେନ୍ଦ୍ରୀୟ ବ୍ୟାଙ୍କର କ୍ରୟ ବର୍ତ୍ତମାନ ଜାରି ରହିଥିବା ଅର୍ଥନୈତିକ ଓ ଭୂରାଜନୈତିକ ଅନିଶ୍ଚିତତା କାରଣରୁ ଯଥେଷ୍ଟ ଉଚ୍ଚସ୍ତରରେ ରହିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନସିଲର ବରିଷ୍ଠ ବଜାର ବିଶେଷଜ୍ଞ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ଚଳିତ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଭାବେ ଆମେ ଦେଖିଥିବା ମଜଭୁତ ନିବେଶ ଗତିବିଧି, ଏକ ଅର୍ଥନୈତିକ ଓ ଭୂରାଜନୈତିକ ବିପଦ ବିରୋଧରେ ଏକ ସୁରକ୍ଷାକବଚ ଭାବେ ସୁନାର ଭୂମିକାକୁ ସୂଚିତ କରୁଛି। ଗତ କିଛି ମାସରେ ସୁନାର ପ୍ରଭାବଶାଳୀ ପ୍ରଦର୍ଶନ ସହ ମିଳିତ ଭାବେ ବିଦ୍ୟମାନ ବଜାର ଅସ୍ଥିରତା ବିଶ୍ୱବ୍ୟାପୀ ନିବେଶକଙ୍କଠାରୁ ପୁଞ୍ଜି ଆକର୍ଷିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ବେଗ ସୃଷ୍ଟି କରିଛି। ଡଲାର ଦୃଷ୍ଟିରେ ସୁନା ଚଳିତ ବର୍ଷର ପ୍ରାରମ୍ଭରେ ଏକ ଉଲ୍ଲେଖନୀୟ ୨୬% ବୃଦ୍ଧି ହାସଲ କରିଛି, ଯାହା ଅନେକ ପ୍ରମୁଖ ସମ୍ପତ୍ତି ଶ୍ରେଣୀକୁ ପଛରେ ପକାଇ ଦେଇଛି। ବିଶ୍ୱ ଅର୍ଥନୀତି କିମ୍ବା ଭୂରାଜନୈତିକ ସ୍ଥିତିରେ କୌଣସି ପ୍ରକାର ସାମଗ୍ରିକ ଅବନତି, ସୁନାର ସୁରକ୍ଷିତ ଆକର୍ଷଣକୁ ବଢ଼ାଇବା ଏବଂ ଯାହା ଏହାର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ଇଣ୍ଡିଆର ରିଜିଓନାଲ ସିଇଓ ସଚିନ ଜୈନ କହିଛନ୍ତି, ଭାରତରେ ସୁନାର ଚାହିଦା ରହିଛି। ଗତ ବର୍ଷର ୧୪୯.୭ ଟନ୍ ସୁନା ଚାହିଦା ତୁଳନାରେ ଚଳିତ ବର୍ଷ ସୁନା ଚାହିଦା ପରିମାଣରେ ୧୦%ର ହ୍ରାସ ହୋଇ ୧୩୪.୯ ଟନ ରହିଥିବା ସତ୍ତ୍ୱେ ଏହି ଚାହିଦାର ମୂଲ୍ୟ ୩୦% ବୃଦ୍ଧି ପାଇଛି। ସୁନାର ହାରାହାରି ତ୍ରୈମାସିକ ଅନ୍ତର୍ଜାତୀୟ ମୂଲ୍ୟ ପ୍ରତି ଆଉନ୍ସ ୩୨୮୦.୪ ଡଲାରରେ ପହଞ୍ଚିଛି ଏବଂ ଘରୋଇ ମୂଲ୍ୟ ୧୦ଗ୍ରାମ ପିଛା ୯୦,୩୦୬.୮ ଟଙ୍କା ରହିଛି। ଏହା ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ସ୍ଥାୟୀ ଆକର୍ଷଣ ସ୍ପଷ୍ଟ ସୂଚନ ରହିଛି। ନିବେଶ ଦୃଷ୍ଟିରୁ ଚାହିଦା ପରିମାଣ ୭% ବୃଦ୍ଧି ହୋଇ ୪୬.୧ଟନରେ ପହଞ୍ଚିଛି ଏବଂ ମୂଲ୍ୟ ୫୪% ବୃଦ୍ଧି ହୋଇ ୪୧,୬୫୦କୋଟି ଟଙ୍କା ରହିଛି। ଭାରତକୁ ଆମଦାନୀ ହୋଇଥିବା ସୁନା ପରିମାଣ ୩୪% ହ୍ରାସ ହୋଇ ୧୦୨.୫ ଟନ ରହିଥିବାବେଳେ ସୁନା ରିସାଇକ୍ଲିଂ ସ୍ଥିର ରହିଛି; ଯାହା ୧% ବୃଦ୍ଧି ହୋଇ ୨୩.୧ ଟନରେ ପହଞ୍ଚିଛି। ସାମଗ୍ରିକ ଭାବେ ଚଳିତ ବର୍ଷର ୨ୟ ତ୍ରୈମାସିକ ସୁଦ୍ଧା ଭାରତରେ ସୁନାର ମୌଳିକ ଭୂମିକାକୁ ଶକ୍ତିଶାଳୀ କରିଛି। ୨୦୨୫ ଜାନୁଆରୀରୁ ଜୁନ୍ ମଧ୍ୟରେ ମୋଟ ସୁନା ଚାହିଦା ହାରାହାରି ୨୫୩ ଟନ ରହିଥିବାବେଳେ ଆମେ ସମ୍ପୂର୍ଣ୍ଣ ବର୍ଷର ଚାହିଦା ୬୦୦ରୁ ୭୦୦ ଟନ ମଧ୍ୟରେ ରହିବ ବୋଲି ଆକଳନ କରୁଛୁ।

# ଦକ୍ଷତା ବିକାଶ ଜରିଆରେ ସାମୁଦାୟିକ ସଫଳତା



ଭୁବନେଶ୍ୱର,୨।୮ (ଅଭୟ ଦାଶ)

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତ ଆଲୁମିନିୟମର ଟ୍ରେନିଂ ସେଣ୍ଟର ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି କମ୍ପାନୀର ଲାଞ୍ଜିଗଡ଼ ୟୁନିଟ୍ ଜରିଆରେ ପରିଚାଳିତ ସ୍କିଲ ଟ୍ରେନିଂ ସେଣ୍ଟର ପ୍ରାୟ ୯୨% ନିଯୁକ୍ତି ହାର ହାସଲ କରିଛି। କମ୍ପାନୀର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହି ସଫଳତା ମିଳିଛି। ବିଶେଷକରି ଏହାର ପ୍ରଥମ ବ୍ୟାଚ୍‌ର ଖାଦ୍ୟ ଏବଂ ପାନୀୟ ବର୍ଗର ତାଲିମ ସଫଳତାର ସହ ଶେଷ ହୋଇଛି। ସେଣ୍ଟରରେ ଏହି ମାଇଲଖୁଣ୍ଟ ଗ୍ରାମୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ସେହିଭଳି ଚାକିରି ସ୍ଥାନ ବ୍ୟତୀତ ଏହି କାର୍ଯ୍ୟକ୍ରମ ଡିଜିଟାଲ ଶିକ୍ଷାରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ ଘଣ୍ଟାର ଆଇଟି ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି। ଏହା ଡିଜିଟାଲ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ୯୦% ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଡିଜିଟାଲ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା। ଏହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ସହ ଦକ୍ଷତା ପ୍ରଦାନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନାର ସିଇଓ (ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ କଳାହାଣ୍ଡିର ଯୁବପିଢ଼ିଙ୍କ ଆକାଂକ୍ଷାକୁ ସକ୍ଷମ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଅଛୁ। ଏପରିକି ଆମେ ସାମୁଦାୟିକ ବିକାଶକୁ ଗୁରୁତ୍ୱ ଦେଉଥିଲାବେଳେ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏହାକୁ ଏକ ରଣନୈତିକ ଜରୁରତା ଭାବେ ଦେଖୁ। ଯେତେବେଳେ ଯୁବକମାନେ ଠିକ୍ ଦକ୍ଷତା ଏବଂ ଏକ୍ସପୋଜର ସହ ସଜ୍ଜିତ ହୁଅନ୍ତି, ସେତେବେଳେ ଏହା ପରିବାର, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରକ୍ରିୟା ସୃଷ୍ଟି କରିଥାଏ। ଏହି ଉଲ୍ଲେଖନୀୟ ନିଯୁକ୍ତି ମାଇଲଖୁଣ୍ଟ। ଶିଳ୍ପ ଏବଂ ସମ୍ପ୍ରଦାୟର ଅଂଶ ଗ୍ରହଣକୁ ଦର୍ଶାଉଛି। ଏକାଠି ହେଲେ କ'ଣ ସମ୍ଭବ, ଏହା ମାଧ୍ୟମରେ ତାହା ପ୍ରତିଫଳିତ ହୋଇଛି। ସେହିଭଳି ନାବାର୍ଡର ଜିଲ୍ଲା ବିକାଶ ପରିଚାଳକ ମହେଶ୍ୱର ଦାସ କହିଛନ୍ତି, ଏହିପରି ପଦକ୍ଷେପଗୁଡ଼ିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ସମର୍ଥକ। ଏପରିକି ସେମାନେ ଗ୍ରାମୀଣ ସମ୍ଭାବନା ଏବଂ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରନ୍ତି। ସ୍ଥାନୀୟ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ପଥ ସୃଷ୍ଟି କରିବାରେ ବେଦାନ୍ତର ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ। ସମଗ୍ର ଅଞ୍ଚଳରେ ସାମଗ୍ରିକ, ଦୃଶ୍ୟମାନ ସ୍ତରର ନେତୃତ୍ୱାଧୀନ ବିକାଶକୁ ଆଗେଇନେବା ପାଇଁ ଏହି ସହଭାଗିତାକୁ ଆହୁରି ଗଭୀର କରିବାକୁ ଆମେ ଅପେକ୍ଷା କରୁଛୁ।

## ୪ ବର୍ଷରେ ୪୫୦ ମିଲିୟନ ଡାଉନଲୋଡ

ନୂଆଦିଲ୍ଲୀ,୨।୮

ଦେଶର ପ୍ରମୁଖ ଇକର୍ମସ ପ୍ଲାଟ୍‌ଫର୍ମ ଶପ୍ସି କମ୍ ସମୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ୪ ବର୍ଷ ମଧ୍ୟରେ ଏହି ପ୍ଲାଟ୍‌ଫର୍ମ ୪୫୦ ମିଲିୟନ ଆପ୍ ଡାଉନ୍‌ଲୋଡ୍ ଅତିକ୍ରମ କରିଛି। ବର୍ତ୍ତମାନ ୧୯,୦୦୦ ରୁ ଅଧିକ ପିନ୍‌କୋଡ୍‌ରେ ଏହା ବିତରଣ କରୁଛି। ଏହା ଦେଶର ସମସ୍ତ ଅଞ୍ଚଳରେ ମେଟ୍ରୋ ସହରରୁ ଟାୟାର ୪ ସହର ପର୍ଯ୍ୟନ୍ତ ସେବା ଯୋଗାଉଛି। ଫ୍ଲିପ୍‌କାର୍ଟ ଦ୍ୱାରା ଶପ୍ସି ପରିଚାଳିତ ହେଉଥିଲାବେଳେ ମୂଲ୍ୟ-ସଚେତନ କ୍ରେତାମାନଙ୍କୁ ଅପରାଜେୟ ମୂଲ୍ୟ ପ୍ରଦାନ ସହ ଭାରତ ଲାଇଭ୍ କିଙ୍ଗ/କୁଇନ-ସାଇଜ୍ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛୁ। ଏହାର ଲକ୍ଷ୍ୟକୁ ଗଭୀର କରି ପ୍ଲାଟ୍‌ଫର୍ମ ୪ର୍ଥ ବାର୍ଷିକୀ ପାଳନ କରିଛି। ଫ୍ଲିପ୍‌କାର୍ଟ,ଶପ୍ସି ଏବଂ ଫ୍ଲିପ୍‌କାର୍ଟ ମାର୍କେଟପ୍ଲେସର ବ୍ୟବସାୟ ମୁଖ୍ୟ କପିଲ ଥିରାନୀ କହିଛନ୍ତି,ମାତ୍ର ୪ ବର୍ଷ ମଧ୍ୟରେ ସମଗ୍ର ଭାରତରେ ମୂଲ୍ୟ-ସଚେତନ କ୍ରେତାମାନଙ୍କ ପାଇଁ ଶପ୍ସି ଏକ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଗୁଣାତ୍ମକ ଉତ୍ପାଦଗୁଡିକର ଏକ ବ୍ୟାପକ ଚୟନ ପ୍ରଦାନ କରିବା, ଆବିଷ୍କାରକୁ ସରଳ କରିବା ଏବଂ ଆମ ଦେଶକୁ ଅନ୍ତର୍ଭୁକ୍ତ କରୁଥିବା ଅନେକ 'ମିନି ଭାରତ' ରେ ଗ୍ରାହକମାନଙ୍କୁ ଏକ ନିରବଚ୍ଛିନ୍ନ ,ସ୍ଥାନୀୟ ଅଭିଜ୍ଞତା ପ୍ରଦାନ କରିବା ଉପରେ ଆମର ଧ୍ୟାନ ରହିଛି।

# ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୮

ଫୋନ୍‌ପେର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଅଫ୍‌ଲାଇନ ପାର୍ଟନର ପ୍ରୋଗ୍ରାମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ଭାରତର ମର୍ଚ୍ଚାଣ୍ଟ ଇକୋସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ଦିଷ୍ଟ ଏକ କୌଶଳଗତ ପଦକ୍ଷେପ ବୋଲି କୁହାଯାଉଛି। ଏହି ପ୍ରୋଗ୍ରାମଟି ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ବିଲିଂ ସଫ୍ଟୱେର, ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ (ଇଆର୍‌ପି) ସଫ୍ଟୱେର, ଭେଣ୍ଡିଂ ମେଶିନ ଏବଂ ସେଲ୍ଫ-ସର୍ଭିଂ କିଓସ୍କ ସମେତ ବିଭିନ୍ନ ସେବା ପ୍ରଦାନ କରୁଥିବାବେଳେ ସେବା ପ୍ରଦାନକାରୀମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କୁ ଫୋନ୍‌ପେ'ର ସମନ୍ୱିତ ସଲ୍ୟୁସନଗୁଡ଼ିକ ରେଫର କରିବା ଏବଂ କଷ୍ଟମାଇଜ କରାଯାଇଥିବା କମିଶନ ବା ରୋଜଗାର କରିବାର ବିଶେଷ ସୁଯୋଗ ପ୍ରଦାନ କରିଥାଏ। ସେହିଭଳି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସେବା ପ୍ରଦାନକାରୀ (ପାର୍ଟନର) ଓ ସେମାନଙ୍କର ମର୍ଚ୍ଚାଣ୍ଟ (କ୍ଲାଏଣ୍ଟ)ଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ବିଲିଂ ଏବଂ ଇଣ୍ଟିଗ୍ରେଟେଡ୍ ପେମେଣ୍ଟ ସଲ୍ୟୁସନ ପ୍ରଦାନ କରିପାରିବେ। ଏହି ସୁବିଧା ମର୍ଚ୍ଚାଣ୍ଟଙ୍କ ପାଇଁ ପେମେଣ୍ଟ ମ୍ୟାନେଜମେଣ୍ଟକୁ ସରଳ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କ ଷ୍ଟୋରର କାର୍ଯ୍ୟ ସଞ୍ଚାଳନକୁ ସୁଗମ କରିବ। ମର୍ଚ୍ଚାଣ୍ଟମାନେ ନିଜ ବିଲିଂ ସଫ୍ଟୱେର ସହିତ କିଛି ଘଣ୍ଟା ମଧ୍ୟରେ ଫୋନ୍‌ପେ'ର ଇଣ୍ଟିଗ୍ରେଟେଡ୍ ସଲ୍ୟୁସନ ସହ ଲାଇଭ ହୋଇପାରିବେ, ଯାହା ଗ୍ରାହକଙ୍କୁ ଏକ ସରଳ ପେମେଣ୍ଟ ଅନୁଭବ ଦେବ। ଏହା ମଧ୍ୟରେ ଇଣ୍ଟିଗ୍ରେଟେଡ୍ ପିଓଏସ୍ ଡିଭାଇସ ସହ ପ୍ରତ୍ୟେକ ଟ୍ରାଞ୍ଜାକସନ ପାଇଁ ସ୍ୱତନ୍ତ୍ର କୋଡ୍ ସୃଷ୍ଟି କରୁଥିବା ଡାଇନାମିକ କ୍ୟୁଆର୍, ଏସ୍‌ଏମ୍‌ଏସ୍-ଆଧାରିତ ଅର୍ଥ ସଂଗ୍ରହ ପାଇଁ ପେମେଣ୍ଟ ଲିଙ୍କ୍ ଇତ୍ୟାଦି ସାମିଲ ରହିଛି।

# ଯୋଗାଣ ଶୃଙ୍ଖଳରେ ହ୍ରାସ ଆଶଙ୍କା

ନୂଆଦିଲ୍ଲୀ,୨।୮

ଆଗାମୀ ଦିନରେ ଭାରତରୁ ଆମେରିକାକୁ ରପ୍ତାନି କରାଯାଉଥିବା ସବୁ ବର୍ଗର ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଯୋଗାଣ ଶୃଙ୍ଖଳ ଅନେକାଂଶରେ ହ୍ରାସ ଘଟିପାରେ ବୋଲି ଆଇଇଏସ୍‌ଏର ସଭାପତି ଅଶୋକ ଚଣ୍ଡକ ଆକଳନ କରିଛନ୍ତି। ବିଶେଷକରି ଭାରତୀୟ ସାମଗ୍ରୀ ଉପରେ ଆମେରିକା ଦ୍ୱାରା ୨୫% ଶୁଳ୍କ ଲାଗୁ ଏକ କ୍ଷଣସ୍ଥାୟୀ ଭାରତୀୟ ଇଲେକ୍ଟ୍ରୋନିକ୍ସ ରପ୍ତାନି ହେବ, ଯାହା ଯୋଗାଣ ଶୃଙ୍ଖଳକୁ ବାଧାଦେଇପାରେ ଏବଂ ମୂଲ୍ୟ ପ୍ରତିଯୋଗିତାକୁ ହ୍ରାସ କରିପାରେ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ଯଦି ମୂଳ ସୀମା ୧୦% ଉପରେ ୨୫% ଶୁଳ୍କ ଜାରି ରଖାଯାଏ, ତେବେ ଅନ୍ୟ ଏସୀୟ ଦେଶଗୁଡ଼ିକ ତୁଳନାରେ ଭାରତ ଆଉ କୌଣସି ବଡ଼ ଲାଭ ପାଇବ ନାହିଁ। ବିଶେଷକରି ସ୍ମାର୍ଟଫୋନ୍ ରପ୍ତାନି ଓ ପ୍ରସ୍ତାବିତ ଶୁଳ୍କ ଯୋଗୁ ବଜାର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ସେ ମତପ୍ରକାଶ କରିଛନ୍ତି। ଯଦିଓ ଭାରତ ଚାଇନ୍‌ଠାରୁ ଦୂରରେ ରହିଛି ଏବଂ ସେମାନଙ୍କର ଯୋଗାଣ ଶୃଙ୍ଖଳାକୁ ବିବିଧ କରୁଥିବା କମ୍ପାନୀଗୁଡ଼ିକଠାରୁ ଆଗକୁ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତଥାପି ଏହା ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ବଡ ଆଶଙ୍କା ସହ ରପ୍ତାନି ବଜାରକୁ ବିବିଧ କରିବାକୁ ପଡ଼ିବ। ଘରୋଇ ବଜାରକୁ ଦୃଢ କରିବା ଏବଂ ଭାରତୀୟ ବ୍ରାଣ୍ଡ ସହିତ ଉତ୍ପାଦଗୁଡ଼ିକୁ ବିକଶିତ କରିବା ପାଇଁ ମୂଲ୍ୟ-ସମ୍ବେଦନଶୀଳ, ଶୁଳ୍କ-ଉଦ୍‌ଘାଟିତ ରପ୍ତାନି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ମୂଲ୍ୟ ଶୃଙ୍ଖଳାକୁ ଉପରକୁ ଉଠାଇବା ଜରୁରିତାକୁ ମଧ୍ୟ ରେଖାଙ୍କିତ କରିଥାଏ।


**Office of the Executive Engineer, Support Services Division,**
2nd Floor, Dam Safety Building, Secha Sadan, Bhubaneswar - 751001.
E-mail :eessdivision@gmail.com.

**QUOTATION CALL NOTICE NO.06/2025-26**

No.A-444 : Sealed quotations are invited from eligible Firms Suppliers, and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 12.08.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 04.08.2025 to 3.00 PM of 12.08.2025 on payment of Rs. 100/- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(1)/2025-26 |
| 2 | Supply of two nos. of 8 Port Switch to the room no. 263 & 264 for the official use under CE, ISWI, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(2)/2025-26 |
| 3 | Supply of Two nos. of Air Conditioner to the Room no. 305 and 347, in the O/o Engineer-in-Chief, WR, BBSR. | 01 No. | Rs.100.00 | 06(3)/2025-26 |
| 4 | Supply of Chairs to the Room no. 313 under CE, Water Services, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(4)/2025-26 |
| 5 | Supply of six nos. of Wooden Chair and four nos. of Visiting Chair for the official use under CE, Procurement, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 06(5)/2025-26 |

Sd./- Executive Engineer, Support Services Division, Bhubaneswar
OIPR-32447/11/0026/2526

ପୌର ପରିଷଦ କାର୍ଯ୍ୟାଳୟ, ଜୟପୁର
**OFFICE OF THE MUNICIPAL COUNCIL, JEYPORE**
Phone No.: 06854-231098, e-Mail: ulbjeypore@gmail.com
Letter No. 3373 Date: 01.08.25

**QUOTATION CALL NOTICE**

No. C-794: Sealed quotation in plain paper/letter pad is invited from the interested registered firm/agency for supply of Jeypore Municipality 6 Nos. of Boy Spare Parts and Repairing & Maintenance of Jeypore Municiplaity. They can apply to this office as per specification which is mentioned below. This will be received by the undersigned upto 11.00 A.M. on Dt.08.08.2025 and will be opened at 4.00 P.M. on the same day if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

| Sl. No. | Name of the Items | Quantity | Rate in Rs. | Amount in Rs. |
|---|---|---|---|---|
| 1 | Cy Gold BLDC 1500 Watt Motor | | | |
| 2 | Converter | | | |
| 3 | Key System | | | |
| 4 | Throttle | | | |
| 5 | Controller | | | |
| 6 | Gear Oil | | | |
| 7 | Mechanical Gear Breaker | | | |
| 8 | Wiring Kit | | | |
| 9 | Brake Shoe | | | |
| 10 | Bearing (Front/Back) | | | |
| 11 | Cable | | | |
| 12 | Socket | | | |
| 13 | Handle Bearing | | | |
| 14 | Battery Charger | | | |

Add: Packing and forwarding and delivery charged. GST Charges Extra @18%.

Sd./- Executive Officer, Jeypore Municipality
OIPR-13079/11/0053/2526

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR**
E-mail : ori-rengali@nic.in

**TENDER CANCELLATION NOTICE (E-TENDER)**
Bid Identification No.P.S./REN/SBP/DEV/01/2025-26
No.3097 / Date. 31.07.2025

**CANCELLATION NOTICE**

No.I- : This is to inform all concerned that Tender Notice (e-tender) No. 2711, dated 05.07.2025, issued by the Office of the Panchayat Samiti, Rengali, Sambalpur, is hereby canceled with immediate effect due to some Technical Error.

Fresh Tender shall be invited shortly in the website www.tendersodisha.gov.in only.

Sd./- Block Development Officer, Rengali
OIPR-15013/11/0067/2526

**ZILLA SWASTHYA SAMITI, KEONJHAR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
(DSU CELL KEONJHAR)

**SHORT TENDER CALL NOTICE**

Advt. No. 1444 Date: 01.08.2025

No. E-280: Sealed tender is invited from the registered supplier/firm for supply of Kit, Consumable, Glass, Plastic Items, Instrument and equipment's under DPHL for the year 2024-25. The interested supplier/firm having valid GST Regd. No. may be applied. The lists of the items are mentioned below in details. The term & condition of the tender may be downloaded from the website **www.kendujhar.odisha.gov.in**. The tender should reach to the office of the undersigned by 19.08.2025 at 5 P.M. through Speed Post/Regd. Post/Courier and which will be opened on the same day at 19.08.2025 at 5.30 P.M. DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.
The undersigned reserves the right to reject any or whole tender without assignment any reason thereof.

Sd./- Chief District Medical & Public Health Officer, Keonjhar
OIPR-10033/11/0043/2526

**GOVERNMENT OF ODISHA**
**OFFICE OF THE DISTRICT PROJECT COORDINATOR**
SARVASIKHYA AVIYAN, SAMBALPUR

**E-Procurement Notice**
Bid Identification No: SSA/SBP/CIVIL/01/2025-26
E-mail: dpcsamblpur.opepa@nic.in Phone/Fax-0663-2410834
No.166/CW/Dated 29.07.25

No.n-112:1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Single & Double Cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of Works: 09 (Nine)
3. Tender Cost: Rs.10,000/- & Rs.6000.00/-
4. Class of Contractor : "B" Class & "C" Class
5. Date and Time Available in website & receipt of Bids: 12.00 Hrs. of 04.08.2025 to 17.00 Hrs. of 16.08.2025.
6. Date of Opening of Tender : 20.08.2025 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only.
8. Any Corrigendum/ Addendum will be displayed in the website www.tendersodisha.gov.in. only.

Sd./- District Project Coordinator, SSA, Sambalpur
OIPR-27119/11/0002/2526

No. C-791
**OFFICE OF THE NOTIFIED AREA COUNCIL**
REMUNA, BALASORE
e-mail: remuna-nac@gov.in, Tel. No.: 06782-291978
Letter No. 1181 Dated: 31.07.25

| | | |
|---|---|---|
| 01 | Type of Work | Sanitation Work |
| 02 | No. of Work | 01 (One) No. |
| 03 | Class of Contractor | As per DTCN |
| 04 | Bid Identification No. | RN_02_2025-26 |
| 05 | Estimate Cost | 17.92 Lakhs |
| 06 | Date and time availability of bid documents in the portal | Dt.01.08.2025 at 10.00 A.M. to Dt.16.08.2025 upto 5.00 P.M. |
| 07 | Last date/time for receipt of bids in the portal | Dt.16.08.2025 upto 5.00 P.M. |
| 08 | Date of Opening Bid | Dt.18.08.2025 at 11.00 A.M. |
| 09 | Name and address of the Officer Inviting Bid | Executive Officer, NAC Remuna, Dist.: Balsore - 756019 Mail ID: remuna-nac@od.gov.in |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government website **http://tenderodisha.gov.in**.

Sd./- Executive Officer, Remuna NAC
OIPR-13204/11/0019/2526

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ
**OFFICE OF THE SUPERINTENDING ENGINEER**
**RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com

**'e'-Procurement Notice No.SE-RDD-02/2025-26**

No.A-455 : The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from Manufacturer of DG set or Electrical Contractor (HT/MV) registered with the State Government of Odisha or from contractors of equivalent grade /class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Supply, Installation, Testing and Commissioning of 250 KVA DG Set at Rengali Dam Site |
| 2 | No. of works | : | 01 (One) Nos of works |
| 3 | Estimated Cost | : | 30.69 Lakh (Excluding GST) |
| 4 | Cost of tender paper | : | **Rs.6000.00 (Non-refundable)** |
| 5 | EMD/Bid Security | : | **Rs.30,700.00 (Refundable)** |
| 6 | Class of contractor | : | Manufacturer of DG set or Electrical Contractor (HT/MV) |
| 7 | Period of Completion of work | : | 02 Calendar month |
| 8 | Date and time of availability of bid Document in the website | : | From 11.00 A.M. of Dt.05.08.2025 to 5.00 P.M. of Dt.16.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.18.08.2025 at 11.00 A.M. in O/o the Superintending Engineer, Rengali Dam Division, rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.21.08.2025 at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer, Rengali Dam Division, Rengali Dam Site
OIPR-32028/11/0009/2526

No.i-258
GOVERNMENT OF ODISHA
PR & DW, DEPARTMENT
**OFFICE OF THE PANCHAYAT SAMITI, KAMAKHYANAGAR**
BID DOCUMENT
BID IDENTIFICATION NO - 02/2025-26
**Tender call Notice No. Panchayat Samiti Office, Kamakhyanagar - 02/2025-26**

| | Name of Work | |
|---|---|---|
| 01 | Construction of Office Building with Market Complex of GPLF in Anlabereni GP | Rs.24,65,990.00 |
| 02 | Construction of Office Building with Market Complex of GPLF in Baruan (K) GP | Rs.24,65,990.00 |
| 03 | Construction of Additional Class Room at JKS United High School in Kotagara GP | Rs.14,45,314.00 |
| 04 | Construction of Additional Class Room at Ambabola Primary School in Baruan (K) GP | Rs.14,45,314.00 |
| 05 | Construction of Additional Class Room at Jagannathpur Primary School in Jagannathpur GP | Rs.14,64,784.00 |
| 06 | Construction of Additional Class Room at Dhobabahali Harijan Sahi Project Primary School in Tumusingha GP | Rs.14,64,784.00 |
| 07 | Construction of 50 MT Godown at Mahulpal PACs | Rs.13,75,219.00 |
| 08 | Construction of Office Building at Mahulpal PACs | Rs.10,56,407.00 |

Sd./- BLOCK DEVELOPMENT OFFICER, KAMAKHYANAGAR
OIPR-19309/11/0004/2526

No.A-445
GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No. (0663)-2412791(Off.), E-mail : eemisbp@yahoo.co.in
No. 2575/Date. 30.07.2025
'e' Procurement Notice
**BID REF No. : SE, MID, SBP/02/2025-26**

| | | |
|---|---|---|
| Name of work | : | Civil Construction works |
| No. of Works | : | 15 (Fifteen) Nos. |
| Estimated cost | : | Varies from approximately Rs.7.14 lakh to Rs.45.74 lakh for 15 Nos. of work (Rs.331.50 lakh) |
| Tender paper cost | : | Referred to DTCN |
| Period of completion | : | Referred to DTCN |
| Availability of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** in website (www.tendersorissa.gov.in) |
| Period of receipt of bid through online | : | From **dt.13.08.2025 at 11.00 A.M. to dt.29.08.2025 up to 05.30 P.M.** through online |
| Date of opening of bid documents | : | On **dt.30.08.2025 at 10.00 A.M.** onwards |
| Digital signature certificate of Bidder | : | The bidder must posses compatible digital signature certificate (DSC) of Class-II or Class-III |

**The detail tender call notice can also be seen in the DOWR website - http://dowrorissa.gov.in**

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan, P.O.-B.S.S. Nagar, Dist.-Smbalpur, PIN-768001, Ph : 0663-2412791, E-mail ID : eemisbp@yahoo.co.in |
| Further details can be seen from the e-Procurement market place | : | http://tendersorissa.gov.in |

Sd./- Superintending Engineer, M.I.Division, Sambalpur
OIPR-32036/11/0019/2526

**ZILLA PARISHAD, BARGARH**
E-Mail ID : ori-dbargarh@nic.in, Telephone No. : 06646-234499
Letter No. : 3410 Date : 31.07.2025

**NOTICE INVITING TENDER**

No.CAD-1355 : The Chief Development Officer-cum-Executive Office (CDO-cum-EO), ZP, Bargarh on behalf of District Administration, Bargarh, Odisha invites Tenders/Bids in two cover bid system for **"Request for Proposal for Operation & Maintenance of Food Processing Centers at Designated Site(s) on PPP Basis"**. The bids should reach the undersigned by speed post/ registered post. The last date for submission of tenders is **30.08.2025 up to 5.00 PM.** Details regarding terms & conditions and submission of bids can be downloaded from the district website of Bargarh: https://bargarh.odisha.gov.in.

| Sl. No. | Event Description | Date |
|---|---|---|
| 1 | Availability of Bidding Documents | 01.08.2025 |
| 2 | Pre-Bid conference | 08.08.2025 |
| 3 | Bid Due Date (Last date of submission of bids) | 30.08.2025 |
| 4 | Opening of Technical Bids | 01.09.2025 |
| 5 | Date of Technical Presentation | 03.09.2025 |
| 6 | Announcement of qualified Bidders | 04.09.2025 |
| 7 | Opening of Financial Bids | 06.09.2025 |
| 8 | Letter of Award (LOA) | 08.09.2025 |
| 9 | Signing of Concession Agreement | Within 15 days of award of LOA |

Sd./- CDO-cum-EO, Zilla Parishad, Bargarh
OIPR-19244/11/0004/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖେଳାଳି, ଷ୍ଟାଫ୍‌ଙ୍କ ସହ ଚୁକ୍ତି ବାତିଲ କଲା ଓଏଫ୍‌ସି

**ଭୁବନେଶ୍ୱର,୨।୮ (ଅନାଦି କର)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ପରବର୍ତ୍ତୀ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ଓଡ଼ିଶା ଏଫ୍‌ସି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି କ୍ଲବ ତା'ର ସମସ୍ତ ଖେଳାଳି ଓ ଷ୍ଟାଫ୍‌ଙ୍କ ଚୁକ୍ତିକୁ ସସ୍‌ପେଣ୍ଡ କରି ଦେଇଛି, ଯାହାକି ଆସନ୍ତା ୫ ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଇଏସ୍‌ଏଲ୍‌ର ୭ ଦଳ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କୁ ଏକ ବୈଠକ ଲାଗି ଅନୁରୋଧ କରିଥିବା ବେଳେ ଓଡ଼ିଶା ଏଫ୍‌ସି ଲିଗ୍‌ର ପ୍ରଥମ ଦଳ ଭାବେ ଏଭଳି ନିଷ୍ପତ୍ତି ନେଇଛି। କ୍ଲବର ମାଲିକ ରୋହନ ଶର୍ମା ସୋସିଆଲ ମିଡିଆରେ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ରୂପେ ବନ୍ଦ ହେଉ ନାହିଁ। କ୍ଲବର କିଛି ମୁଖ୍ୟ ଷ୍ଟାଫ୍ ଏବେ ବି ଅଛନ୍ତି ଏବଂ ମହିଳା ଦଳର କାର୍ଯ୍ୟ ଜାରି ରହିବ। ଆଇଏସ୍‌ଏଲ୍‌ର ଭବିଷ୍ୟତକୁ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ବେଳେ ଅଧିକ ଟଙ୍କା ଖର୍ଚ୍ଚ କରିବା ଲାଗି ନିବେଶକାରୀଙ୍କୁ ବୁଝାଇବା କଷ୍ଟକର ହେଉଥିଲା। ଆଶା କରୁଛୁ ଆମର ଏହି ନିଷ୍ପତ୍ତି ଅନ୍ୟଙ୍କୁ ସମାଧାନ ଦିଗରେ ଯଥାଶୀଘ୍ର କାମ କରିବାକୁ ବାଧ୍ୟ କରିବ।

# ମିକ୍ସଡ୍ ରିଲେରେ ଆମେରିକାର ବିଶ୍ୱ ରେକର୍ଡ

**ସିଙ୍ଗାପୁର, ୨।୮ (ଏପି)**

ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍

ବିଶ୍ୱ ସୁଇମିଂ ଚାମ୍ପିୟନଶିପ୍‌ରେ ଆମେରିକାର ୪x୧୦୦ ମିକ୍ସଡ ରିଲେ ଦଳ ୩ ମିନିଟ ୧୮.୪୮ ସେକେଣ୍ଡ ଟାଇମିଂ ସହ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆ (୨୦୨୩ରେ ଟାଇମିଂ ୩:୧୮.୮୩) ନାମରେ ରହିଥିଲା। ଚଳିତ ଚାମ୍ପିୟନଶିପ୍‌ରେ ଏହା ଦ୍ୱିତୀୟ ବିଶ୍ୱ ରେକର୍ଡ। ଏହାକୁ ମିଶାଇ ଆମେରିକାର ସନ୍ତରଣକାରୀମାନେ ଶନିବାର ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେଟି ଲେଡେକି ୮୦୦ ମିଟର ଫ୍ରିଷ୍ଟାଇଲ ଏବଂ ଗ୍ରିଚେନ୍ ୱାଲ୍ସ ୫୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ଜିତିଛନ୍ତି। ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହେବାକୁଥିବା ବେଳେ ଆମେରିକୀୟମାନଙ୍କ ସ୍ୱର୍ଣ୍ଣ ସଂଖ୍ୟା ୮ରେ ପହଞ୍ଚିଛି। ରିଲେ ସ୍ୱର୍ଣ୍ଣ ବ୍ୟତୀତ ଲିଡେକି ୮୦୦ମିଟର ଫ୍ରିଷ୍ଟାଇଲରେ ଅପରାଜେୟ ରହିଥିଲେ। ସେ ପ୍ରଥମେ ଏହି ରେସ୍ ୨୦୨୧ ଅଲିମ୍ପିକ୍ସରେ ଜିତିଥିଲେ। ଏହାପରଠାରୁ ସେ ଏହି ଇଭେଣ୍ଟରେ କେବେ ପରାଜିତ ହୋଇନାହାନ୍ତି। ୭୦୦ମିଟର ପରେ ୧୮ ବର୍ଷୀୟା କାନାଡାର ସମର ମ୍ୟାକ୍‌ଇଣ୍ଟୋସଙ୍କ ୮୦୦ ମିଟର ରେସ୍ ସ୍ୱର୍ଣ୍ଣ ଉପରେ ନଜର ଥିଲା। ମାତ୍ର ସେ ବିଫଳ ହୋଇଥିଲେ। ଏହି ରେସ୍‌କୁ ଲିଡେକି ୮:୦୫.୬୨ ଟାଇମିଂରେ ଜିତିଥିବା ବେଳେ ଅଷ୍ଟ୍ରେଲିଆର ଲାନି ପାଲିଷ୍ଟର (୮:୦୭.୨୯) ରୌପ୍ୟ ଓ ମ୍ୟାକ୍ ଇଣ୍ଟୋସ (୮:୦୭.୨୯) ବ୍ରୋଞ୍ଜ ପଦକ ପାଇଥିଲେ। ମ୍ୟାକଇଣ୍ଟୋସ ସିଙ୍ଗାପୁରରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ଥିଲେ। ମାତ୍ର ଇତିମଧ୍ୟରେ ସେ ୩ଟି ଜିତି ସାରିଛନ୍ତି। ରବିବାର ସେ ତାଙ୍କ ଫେଭରିଟ୍ ୪୦୦ମିଟର ଇଣ୍ଡିଭିଜୁଆଲ ମିଡ୍‌ଲେରେ ଭାଗ ନେବେ।




କେଟି ଲେଡେକି (ମଝି), ରୌପ୍ୟ ବିଜେତା ଅଷ୍ଟ୍ରେଲିଆର ଲାନି ପାଲିଷ୍ଟର (ବାମ) ଓ ବ୍ରୋଞ୍ଜ ବିଜେତା କାନାଡାର ସମର ମ୍ୟାକ୍‌ଇଣ୍ଟୋସ।

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ନିଶି ରଞ୍ଜନ କର (ମିଲୁ)**
**ମଲାମାଛ, କାକଟପୁର**

ଆବିର୍ଭାବ: ୧୬।୦୬।୧୯୮୪
ତିରୋଧାନ: ୦୩।୦୮।୨୦୨୨

ଜୀବନରେ ସବୁ କିଛି ମିଳିଯାଇପାରେ, ହେଲେ ମୋର ସେ ପୁରୁଣା ଦିନ ଆଉ କେବେ ମିଳେନି। ତୋ ଭଲ ପାଇବାକୁ ଖୋଜୁଛି ମୋ ମନ, କେତେ କଷ୍ଟ ପାଉଛି ମୁଁ ଜାଣିଛୁ କି ଧନା ଏ ଜନ୍ମରେ ପାରିବିନି ଶୁଝି ତୋ ଋଣ, ସବୁ ଜନ୍ମରେ ଆସିବୁ ରହିଲା ମୋ ରାଣ। ହଜାର ଦୁଃଖ ଭିତରେ କେବଳ ତୁ ମୋ ଖୁସି, କିପରି ମତେ ଏକା ଛାଡ଼ି ଚାଲିଗଲୁ, ମୋ ଭାଇ ସରଗର ଶଶୀ। ପ୍ରଭୁ ଶ୍ରୀଜଗନ୍ନାଥ, ମା' ମଙ୍ଗଳାଙ୍କୁ କରୁଛି ମୁଁ ପ୍ରଣିପାତ, ତୋ ଅମର ଆତ୍ମା ଶାନ୍ତି ଲାଭ କରୁ କରୁଛି ମୁଁ କୋଟି କୋଟି ଦଣ୍ଡବତ।

**ହତଭାଗିନୀ ନାନୀ**

ଧ-୭୬୦୭୦

# Classified Everyday

**0674-2580101, 9692975378**



**MATRIMONIAL**

## BRIDE WANTED

Bride wanted. Karan Gourbarnna lower middle class well educated 30-35 years, 5'6". Contact- 7873817735. D-1524

କମ୍ପାନୀ ଚାକିରି ଓ ଭଲ ଆୟ ଥିବା +୨ ଶିକ୍ଷାଗତ ଯୋଗ୍ୟତାଯୁକ୍ତ ବ୍ରାହ୍ମଣ ପାତ୍ର ପାଇଁ ବ୍ରାହ୍ମଣ- ଅବଧାନ ଜାତିର ଗାଉଁଲି ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 7750014461. D-1525

Handsome Teli Boy 1996, 5'7", B.Sc., MA Serving Airforce. "SUNASANSAR". 9937512659. D-76300

Looking for a Fair/ Slim homely Odia Khandayat/ Kshatriya bride age 22-28 from BHUBANESWAR for a fair looking handsome groom 31 years, 163 cm, 58 kg from an established/educated Kshatriya family working as permanent State Government Doctor (Medical Officer). Only Parents or bride should Contact directly with details in WhatsApp 7682077583. No middleman/ agent/ broker please. D-1477

## GROOM WANTED

ବୟସ 28, Nurse ଚାକିରି କରୁଥିବା ସୁନ୍ଦରୀ ସୁଶୀଳ କରଣ ଜାତିର ଝିଅଙ୍କ ପାଇଁ Private/ Business/ Government ବରପାତ୍ର ଆବଶ୍ୟକ। 7326056138. D-1529



**REAL ESTATE**

**SALE**

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376


BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**A gharabari corner plot at Brahmanjharilo near Phulanakhara, Cuttack, 1560sft. 20lakhs including registration & compoundwall. 7809525452.** D-76478

ଭୁବନେଶ୍ୱର AIIMS MEDICAL ପାଖରେ B.D.A Town Planning, Road 30ft, Electricity, Yellowzone ଘରବାଡ଼ି ପାଚେରି ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D- 1515

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

5-Story Building for rent approx 10,000sqft Palasuni, Bhubaneswar Spacious 1BHK & 2BHK units available. Ideal for Ladies/Gents Hostel, Tutorial Center, Bank or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-1519

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ground Floor, 02 Bed Rooms, Drawing, Dining, Kitchen, Puja Room, Washing space, 02 Toilet, Portico, entire marble floorings readily available for Family on rent @ 12,000/- PM at 1st lane, Pandav Nagar, Tankapani Road, Bhubaneswar. Contact- 8895353910, 9439263861. D-76069




Positively health benefits SPA expert female therapist homely atmosphere. 9114559830. D-1516

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open health benefits SPA special Offer @ 799 Bapujinagar. 7327058897. D-76931

Full body massage by odia therapist in homely atmosphere. 9556498382. D-75395

## AFFIDAVIT

By virtue of an affidavit sworn before the hon'ble Executive Magistrate, Bhubaneswar on dt. 02.08.2025, I, New name Turia Pradhan, Address- Pankalsahi, P.O.- Rauti, P.S.- Jagannathprasad, Dist.- Ganjam, Odisha- 761121 declare that I have changed my name from Jhuria Pradhan (Old name) to Turia Pradhan (New name) for all purposes.
Turia Pradhan D-1520

I, Arjoo Gattani, W/o- Saswat Routray, resident of Plot No.- 31/2073, Lane No.- 2A, Gangotri Nagar, Sisupal Garh, Bhubaneswar- 751002, Odisha declare by this affidavit No.- 41/2025, dtd. 03.05.2025. That I now onwards I shall be known as ARZOO GATTANI for all future purposes. D-1536

By virtue of an affidavit sworn before the Executive Magistrate, Titilagarh, No.503, date 02.08.25, I, Uttam Takri, S/o- Ramlal Takri, R/o. At- Nanajhar, P.O.- Manigaon, P.S.- Titilagarh, Dist.- Bolangir, (Odisha), PIN-767033 declare that I have changed my daughter's name from Tanishka Harpal to Tanishka Takri. Henceforth, she shall be known as Tanishka Takri for all purposes.
Uttam Takri D-1523

By virtue of an affidavit sworn before Executive Magistrate, Rajnagar, 31.07.2025, Pabitra Kumar Swain, Balarampur, Kandira, Rajnagar, Kendrapara. I have changed the name of my daughter from Rajashree Swain to Rajshree Swain. Henceforth, she shall be known as Rajshree Swain for all purpose. D-1522

By virtue of an affidavit sworn before the Executive Magistrate, Athagarh, Dated 15.07.2025, I have changed my name from Master Kousendra Sahoo to Kousendra Kumar Sahoo. Henceforth, I shall described as Kousendra Kumar Sahoo for all purposes. D-1535

By virtue of an affidavit sworn before Executive Magistrate, Korapur, dated 30.07.2025, I, Kartika Dalapati, aged about 33 years, S/o- Gobinda Dalapati, R/o- Badagoluru, P.O.- Ampawalli, P.S.- Pottangi, PIN- 764039, Dist.- Koraput, Odisha declare that I have changed the name of my daughter from "Tamasha Dalapati" to "Samriddhi Dalapati". Henceforth, she shall be known as "Samriddhi Dalapati" for all purposes.
Gobinda Dalapati D- 1533

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of R.P. case No.- 59/23 and 22/23 my title has been changed from Ashok Kumar Mohanty to Ashok Kumar Das, S/o- Khirod Mohan Das, Vill- Desahi, P.S.- Aul and Dist.- Kendrapara. So I will be known as Ashok Kumar Das instead of Ashok Kumar Mohanty in all purpose. D-1527

By virtue of an affidavit sworn before Executive Magistrate, Pipili, dated 08.07.2025, I, Dhirendra Jena, Address: At- Totapada, P.O./P.S.- Pipili, Dist.- Puri, PIN- 752104 declare that I have changed my daughter's name from Sai Sarita Jena to Sai Ashrita Jena. Henceforth, she shall be known as Sai Ashrita Jena for all purposes.
Dhirendra Jena D-1518

ମୁଁ ବିଜୟନୀ ପାଣି, ପିତା- ସ୍ୱର୍ଗତ ବିଶ୍ୱନାଥ ଜେନା, ରଘୁନାଥପୁର, ଉକୁନ୍ଦରା, ଜଗତ୍‌ସିଂହପୁର, ଘୋଷଣା କରୁଅଛି କି, ମୋର ବିବାହର କିଛି ବର୍ଷ ପରେ ମୋର ସ୍ୱାମୀ ଅରୁଣ ପାଣି, ପିତା- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣି, କୂଳକଇଜଙ୍ଗା, ଜଗତ୍‌ସିଂହପୁରଙ୍କର ଦେହାନ୍ତ ହେଲା। ତେଣୁ ମୋର ବାପଘରେ ରହିଆସୁଛି। ମୁଁ ମୋର ଶାଶୁଘର ସଂଜ୍ଞା ଅନୁସାରେ ଜମିଜମା ରେକର୍ଡ ରଖିବାକୁ ଚାହୁଁଛି। ଧ-୧୫୩୦

By virtue of an affidavit sworn before Executive Magistrate, Rajnagar, dated 24.07.2025, I, Sima Rout, W/o- Prasanta Kumar Rout, Vill- Santhapada, P.O.- Balabhadrapur, P.S.- Rajnagar, Dist.- Kendrapara, Odisha- 754217 declare that I have changed my name from Sima Tarenia (Old name) to Sima Rout. Henceforth, I shall be known as Sima Rout for all purposes.
Sima Rout D- 1531

Anima Pandey, D/o- Lalindra Prasad Patel, W/o- Dushmanta Kumar Pandey, At- Debadihi, P.O./P.S.- Jharsuguda, Pin-768201, Odisha declare by this affidavit No.-04 on dated 02.08.2025. That now onwards I shall be known as Anima Patel for all future purposes. D-1537

By virtue of an affidavit sworn before the Executive Magistrate, Saintala, dated 02.08.2025, I, Anusuya Beska, resident of Village: At- Barahmal, P.O.- Khasbahal, P.S.- Saintala, Dist- Balangir (Odisha), Pin- 767032 declare that I have changed my name from Anusuya Bhoi to Anusuya Beska. Henceforth, I shall be known as Anusuya Beska for all purpose.
Anusuya Beska D-1532

By virtue of an affidavit sworn in the Court of Executive Magistrate, Jajpurroad, I Mita Dhal, W/o- Surendra Dhal, At/P.O.- Ragadi, P.S.- Korai, Dist.- Jajpur my Aadhaar Card No.- XXXX XXXX 1676. My name is Mita Dhal, but in Birth Certificate of my son bearing Birth Registration No.- 101130/2011 name has been written by Sumita Dhal instead of Mita Dhal. I declare that Sumita Dhal and Mita Dhal as same and one person vide affidavit No.- 3308/29.7.2025. D-1539

By virtue of an affidavit sworn before Executive Magistrate, Bonth, dated 15.07.2025, I, Narendra Prusty, S/o- Late Bhaban Prusty, Vill/P.O.- Bangorpadi, P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Sukadeb Prusty to Narendra Prusty. Henceforth, I shall be known as Narendra Prusty for all purposes. D-1538

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

IN THE COURT OF CIVIL JUDGE (JR. DVN) CHANDBALI
C.S No.- 259/2010

Prahallad Ch. Das & others ....Plaintiffs
Vrs.
State Representing by Collector Bhadrak & others ....Defendants

ଦେୱାନୀ କାର୍ଯ୍ୟବିଧି ଆଇନର ୧ ନିୟମ ୮ ଅନୁଯାୟୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବରକାଗଜ ବିଜ୍ଞାପନ ନିମନ୍ତେ ଚିଠା ଦାଖଲ ତରଫ ବାଦୀ।

ତଫସିଲ ଚିଠା
Prahallad Ch. Das & Others
Vrs.
State Representing by Collector, Bhadrak

ଏ ତ ଦ୍ୱା ରା

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ବାଦୀ ପ୍ରହଲ୍ଲାଦ ଚନ୍ଦ୍ର ଦାସ ଓଗେର, ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇ, ସ୍ଥିତ MS Khata- ୭୧, ଖସଡ଼ା- ୫୧/୧୪୩, ଏ୧.୩୭ଡି.
ବୃତ୍ତି ନିମିତ୍ତ ତାଙ୍କର ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ପ୍ରାର୍ଥନାରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଉକ୍ତ ବୃତ୍ତି ସରକାରୀ ରକ୍ଷିତ ଖାତାଧୀନ ଝାଟି ଜଙ୍ଗଲ କିସମରେ ଖତିଆନ ପ୍ରସ୍ତୁତି ହୋଇଅଛି। ଯଦି କୌଣସି ବ୍ୟକ୍ତିଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ପୂର୍ବକ ଫଏସଲା କରାଯିବ, ଧାର୍ଯ୍ୟ ଅବଧି ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ତଫସିଲ ବୃତ୍ତି
ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା- ବାଂଶଡା, ଥାନା ନଂ- ୧୫୨, ମୌଜା- ସାବିତ୍ରୀ ସରାଇସ୍ଥିତ MS Khata-71, ଖସଡ଼ା- ୫୧/୧୪୩, ଏ୧.୩୭ଡି, କିସମ- ଝାଟି ଜଙ୍ଗଲ

Sd./- C.J.J.D, Chandbali
D-1540

**DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ଉକ୍ତ Screenshot classifieddharitri@gmail.com ରେ ଇମେଲ କରନ୍ତୁ।

# ବୃକ୍ଷ ଆମର ବନ୍ଧୁ

ବନ୍ଧୁତାର ସମ୍ପର୍କକୁ ଅଧିକ ନିବିଡ଼ କରିବା ଲାଗି ପାଳନ କରାଯାଏ ଫ୍ରେଣ୍ଡଶିପ୍ ଡେ'। ତେଣୁ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ନିଜ ବନ୍ଧୁଙ୍କୁ ଭେଟିବା ଲାଗି ଏକାଠି ହୁଅନ୍ତି ଏବଂ ଏହି ଦିନକୁ ବେଶ୍ ମଜାମସ୍ତିରେ ସେଲିବ୍ରେଟ୍ କରନ୍ତି। ହେଲେ ଆଉ କେତେ ଜଣଙ୍କ ପାଇଁ କେବଳ ଏତିକିରେ ସରେନି ସେଲିବ୍ରେଶନ୍। ବରଂ ସେମାନେ ଏହି ସ୍ପେଶାଲ ଦିନରେ ଏଭଳି କିଛି ନିଆରା କାର୍ଯ୍ୟକ୍ରମ କରନ୍ତି, ଯାହାକି ପାଲଟିଯାଏ ଅନ୍ୟମାନଙ୍କ ପାଇଁ ଉଦାହରଣ। ତେବେ ପରିବେଶ ସୁରକ୍ଷା ଲାଗି ବୃକ୍ଷକୁ ବନ୍ଧୁ ଭାବି ଫ୍ରେଣ୍ଡଶିପ୍ ଡେ' ଅବସରରେ ବୃକ୍ଷରୋପଣ କରିବାକୁ ଆଗେଇ ଆସିଥିବା କେତେଜଣ ଯୁବଗୋଷ୍ଠୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...



**ଆଜି ହେଉଛି ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ବନ୍ଧୁତ୍ୱର ଏହି ଦିନଟିକୁ ସ୍ପେଶାଲ୍ କରିବା ଲାଗି ଅଧିକାଂଶ ଯୁବପିଢ଼ି ପରସ୍ପରକୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍ ବାନ୍ଧିବା, ଉପହାର ଦେବା, କେକ୍ କାଟିବା ସହ ପାର୍ଟିର ଆନନ୍ଦ ନେବାକୁ ବେଶ୍ ଉତ୍କଣ୍ଠିତ। ହେଲେ ଏମିତିବି କେତେଜଣ ଅଛନ୍ତି, ଯେଉଁମାନେ ବୃକ୍ଷ ହିଁ ଆମର ସବୁଠୁ ବଡ଼ ବନ୍ଧୁ, ଏହି ବାର୍ତ୍ତା ସଭିଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି। ଆଉ ବନ୍ଧୁତ୍ୱ ଦିବସରେ ବୃକ୍ଷ କ୍ଷୟ ଯୋଗୁ ବଢୁଥିବା ପ୍ରଦୂଷଣ ରୋକିବା ଲାଗି ପୃଥିବୀକୁ ପୁଣିଥରେ ସବୁଜ ବନାନୀରେ ଭରିଦେବାକୁ ଆରମ୍ଭ କରିଛନ୍ତି ବୃକ୍ଷରୋପଣ ଅଭିଯାନ...**

**ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ**

ଜୀବନ ନିମନ୍ତେ ଗଛ ହିଁ ଅମୃତ ; ଗଛ ବିନା ଜୀବନର ସ୍ଥିତି ମୁହୂର୍ତ୍ତକ ମଧ୍ୟରେ ଅସମ୍ଭବ। ଯେପର୍ଯ୍ୟନ୍ତ ଗଛ ବଂଚିଛି, ସେ ପର୍ଯ୍ୟନ୍ତ ଜୀବନର ଅସ୍ତିତ୍ୱ ରହିଛି । ଜଣେ ସଚ୍ଚା ବନ୍ଧୁ ଯେମିତି ନିଃସର୍ତ୍ତରେ ପ୍ରତି ମୁହୂର୍ତ୍ତରେ ଆମ ସୁଖ ଦୁଃଖରେ ସାମିଲ ହୁଅନ୍ତି, ଠିକ୍ ସେମିତି ଗଛ ଜୀବନ ସାରା ନିଃସର୍ତ୍ତରେ ସମଗ୍ର ଜୀବଜଗତକୁ ଖାଦ୍ୟ, ପାଣି ଓ ପବନ ଯୋଗାଇ ବଂଚାଇ ରଖିଛି। ତେଣୁ ଗଛ ହେଉଛି ଆମର ବନ୍ଧୁ। କେବଳ ମାନବ ସମାଜର ନୁହେଁ ବରଂ ଏ ସମଗ୍ର ଜୀବଜଗତର ବନ୍ଧୁ ହେଉଛି ଗଛ। ତେଣୁ ଆମେ ଫ୍ରେଣ୍ଡଶିପ୍ ଡେ' ଗଛ ସହିତ ପାଳନ କରୁ ବୋଲି କୁହନ୍ତି ଅନୁଗୋଳରେ ଥିବା ସାଥୀ ପରିବାର ସଂଗଠନର ସଭାପତି ସିଦ୍ଧାର୍ଥ ପ୍ରଧାନ। ସେ କୁହନ୍ତି, ଫ୍ରେଣ୍ଡଶିପ୍ ଡେ' ଅଗଷ୍ଟ ମାସରେ (ବର୍ଷାଋତୁ) ପାଳନ ହେଉଥିବାରୁ ଆମେ ଏହିଦିନ ପ୍ରତି ବର୍ଷ ବିଭିନ୍ନ ହାଇସ୍କୁଲ, ମଠ ଓ ଗାଁର ଖୋଲା ସରକାରୀ ଜାଗାରେ ବୃକ୍ଷରୋପଣ କରିଥାଉ। ସ୍କୁଲ୍‌ର ପିଲାମାନଙ୍କୁ ଆମ ସହ ଯୋଗଦେବାକୁ କହିଥାଉ। ସେମାନଙ୍କୁ ଘରୋଇ ଫଳଗଛ ଚାରା ବଣ୍ଟନ କରିବା ସହ ଏହି ଚାରା ରୋପଣ କରି ଯତ୍ନ ନେଇ ତାକୁ ବଡ଼ କରିବାକୁ ପରାମର୍ଶ ଦେଇଥାଉ। ପରବର୍ତ୍ତୀ ବର୍ଷରେ ନିଜେ ଲଗେଇଥିବା ଗଛ ସହ ଫଟୋ ଉଠାଇ ଗ୍ରୁପ୍‌ରେ ଛାତ୍ରୀଛାତ୍ରମାନଙ୍କ ଫଟୋ ପଠାଇବାକୁ ଉତ୍ସାହିତ କରିଥାଉ। ହାଇସ୍କୁଲ ସ୍ତରରେ କ୍ଲାଇମେଟ୍ ଏଜୁକେଶନ୍ (ପରିବେଶ ଅନୁକୂଳ ଜୀବନଶୈଳୀ) ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଏ। ହାତୀପ୍ରବଣ ଅଞ୍ଚଳରେ ସାଥୀ ନର୍ସରୀ ପ୍ରସ୍ତୁତ କରି ଶାଳିଅ ବାଉଁଶ ଚାରା ଲଗାଯାଏ। ଚଳିତବର୍ଷ ମଧ୍ୟ ଫ୍ରେଣ୍ଡଶିପ୍ ଡେ'ରେ ସାଥୀ ପରିବାର ପକ୍ଷରୁ ୧୦,୦୦୦ ବର ଅଶ୍ୱତ୍ଥ ଗଛ ସଂରକ୍ଷଣ କାର୍ଯ୍ୟକ୍ରମ ଜରିଆରେ ୫୦ଟି ବର ଅଶ୍ୱତ୍ଥ ଚାରା ରୋପଣ କରାଯିବ ।



**ବୃକ୍ଷକୁ ବନ୍ଧାଯାଏ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍**

ବିଶ୍ୱ ବନ୍ଧୁତା ଦିବସରେ ପ୍ରତିବର୍ଷ ବ୍ରହ୍ମପୁରରେ ଥିବା ସବୁଜ ବାହିନୀ ଯୁବ ସଂଗଠନ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଛ ସହିତ ମିତ୍ରତା ବଢ଼େଇ ସୁସ୍ଥ ପରିବେଶ ସଚେତନତା ବୃଦ୍ଧି କରିବା। ଏହି ଅବସରରେ ସଂଗଠନର ସଦସ୍ୟମାନେ ରାଜନେତା, ପ୍ରଶାସନ, ବିଦ୍ୟାଳୟର ଶିକ୍ଷାର୍ଥୀ ଓ ସାଧାରଣ ଜନତାଙ୍କ ସହ ମିଶି ବଟ ଓ ଅଶ୍ୱତ୍ଥ ବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନଡ଼ିଆ ପତ୍ର ଓ ଫୁଲରେ ତିଆରି ହୋଇଥିବା ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧିଥାନ୍ତି ଓ ପରିବେଶ ସୁରକ୍ଷା ଲାଗି ଶପଥ ନିଅନ୍ତି। ସେମାନେ ରାଲି ମାଧ୍ୟମରେ ଲୋକମାନଙ୍କୁ ସଚେତନ କରନ୍ତି। ଏହା ଦ୍ୱାରା ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ଅଧିକ ଜାଣି ପରିବେଶ ସହିତ ଜଡ଼ିତ ହେବେ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜକୁ ପ୍ରକୃତି ସହିତ ଏକତାର ବନ୍ଧନରେ ବାନ୍ଧିବା। ଏହି ଅନୁଷ୍ଠାନର ସଦସ୍ୟମାନେ ଶହ ଶହ ବର୍ଷର ପୁରୁଣା ବଟବୃକ୍ଷ, ଅଶ୍ୱତ୍ଥ ବୃକ୍ଷକୁ ସୁରକ୍ଷା ଦେବା ଓ ପ୍ରାକୃତିକ ସମ୍ପଦକୁ ନବ ଜୀବନ ଦେବା ଉଦ୍ୟମ କରନ୍ତି ଏବଂ ସବୁଜ ପରିବେଶ ଗଠନ ଦିଗରେ ନୂଆ ପଦକ୍ଷେପ ନିଅନ୍ତି। ବୃକ୍ଷକୁ ସୁରକ୍ଷା ଦେବା ଓ ଏହା ସହିତ ମିତ୍ରତା କରିବାକୁ ପ୍ରତିବଦ୍ଧ ରହିବୁ ବୋଲି ଶପଥ ଗ୍ରହଣ କରନ୍ତି। ଏହି ଅଭିଯାନକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଦସ୍ୟମାନେ ସହରର ମୁଖ୍ୟ ରାସ୍ତାରେ ରାଲି କରନ୍ତି। ରାଲିରେ ସଚେତନତାମୂଳକ ସନ୍ଦେଶ ଦିଅନ୍ତି, 'ସବୁଜ ବାହିନୀର ନୂଆ ପ୍ରୟାସ... ଗଛ ସହ ମିତ୍ରତା କରିବା ଆସ'। ଏହି କାର୍ଯ୍ୟକ୍ରମ ଏକ ଶୁଭ ପଦକ୍ଷେପ, ଯାହା ମାନବ ଓ ପ୍ରକୃତି ମଧ୍ୟରେ ଏକ ଆଧୁନିକ ମିତ୍ରତାର ଆଧାର ସୃଷ୍ଟି କରେ। ଏହି ମାଧ୍ୟମରେ ଲୋକମାନେ ବୃକ୍ଷର ଉପକାରିତା ବିଷୟରେ ସଚେତନ ହୁଅନ୍ତି, ପରିବେଶ ସୁରକ୍ଷା ପ୍ରତି ମାନସିକତା ବିକାଶ ପାଏ ଓ ପ୍ରତିଟି ପର୍ବରେ ଅନ୍ନଦାନ ନୁହେଁ ବୃକ୍ଷରୋପଣ ଓ ପ୍ରତିପାଳନ ପାଇଁ ଲୋକମାନେ ଅଗ୍ରସର ହେଉଛନ୍ତି ବୋଲି ମତ ଦିଅନ୍ତି ସଂଘର ସଭାପତି ଶିବରାମ ପାଣିଗ୍ରାହୀ।



**– ପୌର୍ଣ୍ଣମାସୀ**




ସବୁଜ ବାହିନୀ ଯୁବ ସଂଗଠନର ସଦସ୍ୟମାନେ




ସାଥୀ ପରିବାରର ସଦସ୍ୟମାନେ

## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ଥିମ୍ ................ ?
୨– ଭାରତରେ ଇନ୍‌କମ୍ ଟାକ୍ସ ଡେ' ........... ତାରିଖରେ ପାଳନ କରାଯାଏ ?
୩– ତ୍ରିମ୍ବକେଶ୍ୱର ଶିବ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?
୪– ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ ଏକ ............ ଜନିତ ରୋଗ ?
୫– ବକ୍ସା ଟାଇଗର ରିଜର୍ଭ ........... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନୂଆଦିଲ୍ଲୀର ଶାସ୍ତ୍ରୀ ଭବନ
୨ ଶିକ୍ଷା ମନ୍ତ୍ରଣାଳୟ
୩ କଙ୍କି(ଡ୍ରାଗନଫ୍ଲାଏ)
୪ ତାମିଲନାଡୁ
୫ ଅଗଷ୍ଟ ୭

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ସନ୍ତୋଷିନୀ ପ୍ରଧାନ ଢେଙ୍କାନାଳ


ସ୍ୱସ୍ତିକ ଷଡ଼ଙ୍ଗୀ ବାଙ୍ଗାଲୋର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଜଙ୍ଗଲ

୧– ଆମାଜନ୍ ରେନ୍‌ଫରେଷ୍ଟ ......................... ୫,୫୦୦,୦୦୦ ବର୍ଗ କିମି.
୨– ଦି କଙ୍ଗୋ ରେନ୍‌ଫରେଷ୍ଟ .........................୨,୦୦୦,୦୦୦ ବର୍ଗ କିମି.
୩– ଭାଲ୍ଡିଭିଆନ୍ ରେନ୍‌ଫରେଷ୍ଟ ........................ ୨,୪୮,୧୦୦ ବର୍ଗ କିମି.
୪– ଟାଇଗା/ବୋରିଏଲ୍ ଫରେଷ୍ଟ ................ ୧୭,୦୦୦, ୦୦୦ ବର୍ଗ କିମି.
୫– ଟ୍ରପିକାଲ୍ ଆଣ୍ଡେସ୍ .............................. ୧,୮୦୦,୦୦୦ ବର୍ଗ କିମି.
୬– ସୁନ୍ଦରବନ ............................................ ୧୦,୦୦୦ ବର୍ଗ କିମି.
୭– ସାଇବେରିଆନ୍ ଟାଇଗା ......................... ୧,୦୦୦,୦୦୦ ବର୍ଗ କିମି.
୮– ଆଟ୍‌ଲାଣ୍ଟିକ ଫରେଷ୍ଟ ......................... ୧,୫୦୦,୦୦୦୦ ବର୍ଗ କିମି.
୯– ଡେନ୍‌ଟ୍ରି ରେନ୍‌ଫରେଷ୍ଟ .......................... ୧,୨୦୦,୦୦୦ ବର୍ଗ କିମି.
୧୦– ଗ୍ରେଟ୍ ବିଅର ରେନ୍‌ଫରେଷ୍ଟ .................... ୬୪,୦୦୦ ବର୍ଗ କିମି.

# ରାଖୀ ଗିଫ୍ଟ ଆଇଡିଆ

**ଉପହାର ପାଇଲେ କାହାକୁ ବା ଖୁସି ନ ଲାଗେ! ଆଉ ରାଖୀପୂର୍ଣ୍ଣିମାରେ ଯେବେ ଭାଇଠାରୁ ଗିଫ୍ଟ ମିଳେ, ଭଉଣୀର ଖୁସିର ସୀମା ରହେନି। ଆଗକୁ ରାଖୀପୂର୍ଣ୍ଣିମା ଆସୁଥିବାରୁ ଭଉଣୀକୁ କ'ଣ ଗିଫ୍ଟ ଦେଲେ ତାହା ସବୁଠୁ ଖାସ୍ ତଥା ସ୍ମରଣୀୟ ହୋଇପାରିବ ବୋଲି ଯଦି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ତେବେ କେତେକ ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...**

**କଷ୍ଟମାଇଜ୍‌ଡ ଡ୍ରେସ୍:** ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଏହାକୁ ଅଧିକ ସ୍ପେଶାଲ କରିବା ଲାଗି ଆପଣ ଭଉଣୀ ସହିତ ନିଜର କିଛି ଭଲ ଫଟୋକୁ ଡ୍ରେସ୍‌ରେ ପ୍ରିଣ୍ଟ କରାଇପାରିବେ। ଏହା ବ୍ୟତୀତ କିଛି ମେସେଜ ମଧ୍ୟ ପ୍ରିଣ୍ଟ କରାଇପାରିବେ। ବର୍ତ୍ତମାନ ଟ୍ରାଡିଶନାଲ୍ କୁର୍ତ୍ତି କିମ୍ବା ଶାଢ଼ିରେ ଉପରେ ପଟଚିତ୍ର, ବିଭିନ୍ନ ଦେବଦେବୀଙ୍କ ଚିତ୍ରଠୁ ଆରମ୍ଭ କରି ଟ୍ରାଇବାଲ୍ ଡିଜାଇନ୍ ହ୍ୟାଣ୍ଡ ପେଣ୍ଟ କରାଯାଉଛି, ଯାହାକି ଗିଫ୍ଟ ପାଇଁ ବେଶ୍ ଡିମାଣ୍ଡରେ ରହୁଥିବା ଦେଖିବାକୁ ମିଳୁଛି। ଏଭଳି କୌଣସି ହ୍ୟାଣ୍ଡ ପେଣ୍ଟ ଆଉଟ୍‌ଫିଟ୍ ଭଉଣୀକୁ ଗିଫ୍ଟ କରନ୍ତୁ, ଦେଖିବେ ସେ କେତେ ଖୁସିହେବେ।



**ଆସେସରିଜ୍ :** ବର୍ତ୍ତମାନ ମାର୍କେଟରେ ଅନେକ ପ୍ରକାରର ଆକର୍ଷଣୀୟ ଡିଜାଇନ୍‌ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ହେଲେ ଯଦି କିଛି ୟୁନିକ୍ ଆସେସରିଜ୍ ଦେବାକୁ ଚାହୁଁଛନ୍ତି, ତେବେ କଷ୍ଟୋମାଇଜ୍‌ଡ ଜୁଏଲାରି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏଥିପାଇଁ ଭଉଣୀଙ୍କର ହେଉ କିମ୍ବା ଭାଇ–ଭଉଣୀ ଉଭୟଙ୍କ ନାଁ ଓ ଫଟୋଥିବା ବିଭିନ୍ନ କଷ୍ଟୋମାଇଜ୍‌ଡ ଜୁଏଲାରି ଅର୍ଡର କରି ଗିଫ୍ଟ କରିପାରିବେ।

**ମୋବାଇଲ୍ ଫୋନ୍ :** ଆଜିକାଲି ଅଧିକାଂଶ ଝିଅ ରିଲ୍ସ କରିବା, ୟୁଟ୍ୟୁବ୍ ଭିଡିଓ କରିବା ଆଦିରେ ବିଶେଷ ରୁଚି ରଖୁଛନ୍ତି। ଯଦି ଆପଣଙ୍କ ଭଉଣୀ ବି ଏଥିରେ ରୁଚି ରଖନ୍ତି, ତେବେ ଭଲ କ୍ୟାମେରା ସହ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ।

**ମେକ୍‌ଅପ୍ କିଟ୍:** ମେକ୍‌ଅପ୍ ନେବା କେଉଁ ଝିଅକୁ ବା ପସନ୍ଦ ନୁହେଁ! ତେଣୁ ରାଖୀ ଗିଫ୍ଟରେ ଭଉଣୀକୁ ମେକ୍‌ଅପ୍ କିଟ୍ ଦେବା ମଧ୍ୟ ଏକ ଭଲ ଆଇଡିଆ। ହେଲେ ଏହାକୁ ଗିଫ୍ଟ କରିବା ପୂର୍ବରୁ ଯଦି ସେ କେଉଁ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ପ୍ରଡକ୍ଟ ବ୍ୟବହାର କରୁଥାନ୍ତି, ତେବେ ତା' ସମ୍ପର୍କରେ ଜାଣିନିଅନ୍ତୁ।



# ହାପି ଫ୍ରେଣ୍ଡଶିପ୍ ଡେ'

**ବନ୍ଧୁତ୍ୱ, ଏକ ଏଭଳି ସମ୍ପର୍କ ଯାହାର ନିବିଡ଼ତା ମାପି ହୁଏନି, ଯାହାକୁ ଭାଷାରେ ପ୍ରକାଶ କରିବାକୁ ଶବ୍ଦ ଅଣ୍ଟେନି। ବନ୍ଧୁତ୍ୱର ଏହି ଅତୁଟ ସମ୍ପର୍କକୁ ସ୍ମରଣୀୟ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାର ଦିନ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ତେବେ ବନ୍ଧୁମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ବିଶେଷ ଅବସରରେ ବନ୍ଧୁତ୍ୱ ସମ୍ପର୍କରେ କ'ଣ କୁହନ୍ତି ଏମାନେ...**

### ବନ୍ଧୁତା ଗୋଟେ ଭାବାବେଗ



ବନ୍ଧୁତ୍ୱ ଏ ପୃଥିବୀର ସବୁଠାରୁ ସୁନ୍ଦର ସମ୍ପର୍କ, ଯେଉଁଠି ନିଃସର୍ତ୍ତ ଭଲପାଇବା ହିଁ ବାଟ କଢ଼େଇ ନେଉଥାଏ। ଆମ ଜୀବନର ଅନେକ ସମ୍ପର୍କ ଜନ୍ମଗତ, କିନ୍ତୁ ବନ୍ଧୁତା ଆମେ ନିଜେ ଗଢୁ ସମୟ, ସହାନୁଭୂତି, ସମର୍ପଣକୁ ସାଥିରେ ନେଇ। ବନ୍ଧୁତା ଗୋଟେ ଭାବାବେଗ, ଗୋଟେ ଜୀବନ୍ତ ଅନୁଭବ। ବନ୍ଧୁବିହୀନ ଜୀବନଟିଏ ପରିକଳ୍ପନା କରିବା ବି ଅସମ୍ଭବ ମନେହୁଏ। ପାରସ୍ପରିକ ସୌହାର୍ଦ୍ଦ୍ୟ ଆମ ସଭିଙ୍କ ଧ୍ୟେୟ ହେଉ।

*– ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ*

### ନିଃସ୍ୱାର୍ଥପର ମନୋଭାବ ବନ୍ଧୁତାକୁ କରେ ଦିବ୍ୟ



ବନ୍ଧୁତ୍ୱ ଏକ ନିଆରା ଅନୁଭବ। ସମଗ୍ର ସଂସାରରେ କୌଣସି ସମ୍ପର୍କଠାରୁ ଏହା ଅନେକ ମହତ୍ତ୍ୱପୂର୍ଣ୍ଣ। ପରସ୍ପରର ନିକଟବର୍ତ୍ତୀ ହୋଇ ଦୁଃଖ ଏବଂ ସୁଖକୁ ସମାନ ଭାବରେ ବାଣ୍ଟିନେବା ହେଉଛି ପ୍ରକୃତ ବନ୍ଧୁତା। ନିଃସ୍ୱାର୍ଥପର ମନୋଭାବ ହିଁ ବନ୍ଧୁତାକୁ ଏକ ଦିବ୍ୟ ସମ୍ପର୍କରେ ପରିଣତ କରିଥାଏ। ଅନ୍ଧବିଶ୍ୱାସୀ ନ ହୋଇ ପ୍ରକୃତ ବନ୍ଧୁତା ବ୍ୟକ୍ତିତ୍ୱର ବିକାଶ କରିଥାଏ।



ତେବେ ସମସ୍ତ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ବନ୍ଧୁତା ହିଁ ମଣିଷର ମନରେ ସ୍ନେହ, ସଦିଚ୍ଛା, ଶ୍ରଦ୍ଧା ପରି ଭାବନାର ଉଦ୍ରେକ କରିଥାଏ।

*– ଐଶ୍ୱର୍ଯ୍ୟା ରାଉତ, ଶିକ୍ଷୟିତ୍ରୀ, ମୟୂରଭଞ୍ଜ*

### ଦୁନିଆର ସବୁ ସମ୍ପର୍କଠୁ ଊର୍ଦ୍ଧ୍ୱରେ ବନ୍ଧୁତା

ବନ୍ଧୁତା ଗୋଟିଏ ଶବ୍ଦ ନୁହେଁ, ଗୋଟେ ଅନୁଭୂତି।



ଦୁନିଆର ସବୁ ସମ୍ପର୍କଠୁ ଊର୍ଦ୍ଧ୍ୱରେ ଏ ସମ୍ପର୍କ, ଯାହା ରକ୍ତର ନୁହେଁ ଭଲପାଇବାର। ଯିଏ ସାଥିରେ ଥିଲେ ନୂଆ ଦୁନିଆ ହୁଏ ତିଆରି, ଯାହା ସହ କଥା ହେଲେ ସମୟ ନିଅଣ୍ଟ ହୁଏ। ହସ ହସ ମୁହଁରୁ ଦୁଃଖ ପଢ଼ିପାରୁଥିବା ସେଇ ଯାଦୁକରର ନାଁ ବନ୍ଧୁ, ଯାହାର ପାପୁଲି ସ୍ପର୍ଶରେ ଲୁହର ବି ରଙ୍ଗ ବଦଳିଯାଏ, ଯାହାର ତାଗିଦାରେ ଅସଜଡ଼ା ମଣିଷଟେ ସଜାଡ଼ି ହୁଏ, ସେଇ ବନ୍ଧୁକୁ ବନ୍ଧୁତା ଦିବସର ଅଭିନନ୍ଦନ।

*– ଲିଜା ସେନାପତି, ଛାତ୍ରୀ, ମାଲକାନଗିରି*

### ସୁସ୍ଥ ଜୀବନ ପାଇଁ ଭଲ ବନ୍ଧୁଟେ ଲୋଡ଼ା



ଆମେ ଜାଣିଛେ ଜନ୍ମରୁ ମୃତ୍ୟୁଯାଏ ମଣିଷଟେ ସମ୍ପର୍କରେ ବନ୍ଧା। ଅନେକ ସମ୍ପର୍କ ଆମେ ଜନ୍ମହେବାର ଢେର ଆଗରୁ ଆମ ସହ ଯୋଡ଼ି ହୋଇଥାଏ, ମାତ୍ର ବନ୍ଧୁତା ଏମିତି ଏକ ସମ୍ପର୍କ ଯାହା ଆପେ ଆପେ ତିଆରି ହୁଏ। ବନ୍ଧୁତା କେବଳ ମଣିଷ–ମଣିଷ ଭିତରେ ହୁଏନି, ବରଂ ବେଳେବେଳେ ମଣିଷଟେ ପଶୁପକ୍ଷୀ, ଗଛଲତା ଏବଂ ପ୍ରକୃତିକୁ ନିଜର ବନ୍ଧୁ ବୋଲି ଗ୍ରହଣ କରିପାରେ। ଏଣୁ ବନ୍ଧୁତାରେ କୌଣସି ଲିଙ୍ଗ ନ ଥାଏ ବୋଲି ମୋର ମତ। ଯେମିତି ସମାଜ ପାଇଁ ସାହିତ୍ୟ ଦର୍ପଣ, ଘର ପାଇଁ ଝିଅଟେ ସୁନ୍ଦର, ନଈ ପାଇଁ ନାଆଟେ, କ୍ଷେତ ପାଇଁ ଚଷାଟେ ସେମିତି ସୁସ୍ଥ ଜୀବନଟେ ପାଇଁ ଭଲ ବନ୍ଧୁଟେ ଲୋଡ଼ା।

କଥାରେ ଅଛି– ''ଭଲ ବନ୍ଧୁଟେ ମାଟିରୁ ଉଠେଇ ନେଇ ସୁନା କରିଦେଇପାରେ ଏବଂ କୁସଙ୍ଗତି ସୁନାମୁଣ୍ଡାକୁ ବି ଅଙ୍ଗାର କରିଦେଇପାରେ।'' ଏଣୁ ବନ୍ଧୁତା ବୟସରୁ ନୁହେଁ, ମାନସିକତାରୁ ହେଉ। ବନ୍ଧୁତା ଜଖମର ଇଲାଜ ହେଉ, ମାତ୍ର ମୁଣ୍ଡ ଉପରେ ବୋଝ ନ ହେଉ ।

**– ବୀରେନ୍ଦ୍ର ନାୟକ, ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**

ଉପସ୍ଥାପନା: **ସୌମ୍ୟରଞ୍ଜନ ରାଉତ**

## ଜୟସ୍ୱାଲଙ୍କ ଶତକ

# ଦୃଢ଼ ସ୍ଥିତିରେ ଭାରତ



ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

**ଲଣ୍ଡନ,୨।୮**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ଦୃଢ଼ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ଫଳରେ ୨୩ ରନରେ ପଛୁଆ ଥିବା ଭ୍ରମଣକାରୀ ଭାରତ ଦ୍ୱିତୀୟ ଇନିଂସରେ ତୃତୀୟ ଦିନ ୮୩ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୩୫୫ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ରବୀନ୍ଦ୍ର ଜାଡେଜା ୫୩ ଓ ୱାଶିଂଟନ ସୁନ୍ଦର ୧୫ ରନରେ ବ୍ୟାଟିଂ କରୁଛନ୍ତି। ମ୍ୟାଚ୍‌ରେ ଏବେ ଭାରତୀୟ ଦଳ ହାତରେ ୩ ଉଇକେଟ ସୁରକ୍ଷିତ ରଖି ୩୩୨ ରନରେ ଆଗରେ ରହିଛି। ମ୍ୟାଚ୍ ବେଳେ ଭାରତୀୟ ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ଗ୍ରାଉଣ୍ଡରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ପଞ୍ଚମ ଟେଷ୍ଟ

ମ୍ୟାଚ୍‌ର ତୃତୀୟ ଦିନ ତଥା ଶନିବାର ଭାରତୀୟ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୫/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍ ୱାଚମ୍ୟାନ୍ ଭାବେ ଚତୁର୍ଥ କ୍ରମରେ ବ୍ୟାଟିଂ କରିଥିବା ଆକାଶ ଦୀପ ଧୈର୍ଯ୍ୟର ସହ ପ୍ରାୟତଃ ପ୍ରଥମ ସେସନ ଖେଳିଥିଲେ। ଜୟସ୍ୱାଲ ୧୪ ଚୌକା ଓ ୨ ଛକା ସହାୟତାରେ ୧୧୮ ରନର ଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ଷଷ୍ଠ ଶତକ ଥିଲା। ଆକାଶ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ଥିଲା। ଦୁହେଁ ଆଉଟ୍ ହେବା ପୂର୍ବରୁ ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ। ଆକାଶ ୧୨ତମ ଖେଳାଳି ଭାବେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୧୦ ଉଇକେଟ ସଫଳତା ସହ ଏକ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ସମ୍ମାନଜନକ କ୍ଲବରେ ଅଷ୍ଟ୍ରେଲିଆର ଶେନ ୱାର୍ଣ୍ଣ, ହ୍ୟୁଗ ଟ୍ରମ୍ବଲ, କେଇଥ ମିଲର, ପାକିସ୍ତାନର ଇମ୍ରାନ ଖାନ ଓ ନ୍ୟୁଜିଲାଣ୍ଡର ରିଚାର୍ଡ ହାଡଲିଙ୍କ ଭଳି ମହାନ କ୍ରିକେଟରଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଏହା ଛଡ଼ା ଆକାଶ ଚତୁର୍ଥ ଭାରତୀୟ ଭାବେ ଚଳିତ ଶତାବ୍ଦିରେ ନଂ-୪ ପୋଜିଶନରେ ଚତୁର୍ଥ ବ୍ୟାଟର ଭାବେ ଇଂଲଣ୍ଡରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ପୋଜିଶନରେ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ଗିଲ ଅର୍ଦ୍ଧଶତକ କରିଥିଲେ। ଅଧିନାୟକ ଶୁବମନ ଗିଲ (୧୧) ଓ କରୁଣ ନାୟର (୧୭) ବିଫଳ ହୋଇଥିଲେ। ଦୁହେଁ ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଜାଡେଜା ଓ ଜୁରେଲ ସପ୍ତମ ଉଇକେଟରେ ୫୦ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୩୨୩ ହୋଇଥିବା ବେଳେ ଜୁରେଲ ୩୪ ରନ କରି ପାଭିଲିଅନ ଫେରିଥିଲେ। ଜାଡେଜା ଅଷ୍ଟମ କ୍ରମରେ ଆସିଥିବା ୱାଶିଂଟନ୍‌ଙ୍କ ସହ ମିଶି ଅବିଭାଜିତ ଅଷ୍ଟମ ଉଇକେଟରେ ୩୨ ରନ୍ ଯୋଡ଼ିଛନ୍ତି। ଏହି ଅବସରରେ ଜାଡେଜା ତାଙ୍କ କ୍ୟାରିୟର୍‌ର ୨୭ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚଳିତ ସିରିଜ୍‌ରେ ଏହା ତାଙ୍କର ୫ମ ଅର୍ଦ୍ଧଶତକୀୟ ପାଳି। ଇଂଲଣ୍ଡ ପକ୍ଷରୁ ଆଟକିନସନ ୩ ଉଇକେଟ ନେଇଥିବା ବେଳେ ଜୋଶ ଟଙ୍ଗ ଓ ଜେମି ଓଭରଟନ ଦୁଇଟି ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୮୩ ଓଭରରେ ୩୫୫/୭ (ଯଶସ୍ୱୀ ଜୟସ୍ୱାଲ-୧୧୮, ଆକାଶ ଦୀପ-୬୬, ରବୀନ୍ଦ୍ର ଜାଡେଜା-୫୩*, ଧ୍ରୁବ ଜୁରେଲ-୩୪, ଗସ ଆଟକିନସନ-୩/୧୦୪, ଜୋଶ ଟଙ୍ଗ-୨/୧୦୯, ଜେମି ଓଭରଟନ-୨/୯୮)।

ପ୍ରକାଶ ପାଇଲା ପ୍ରକାଶ ପାଇଲା
OSSTA H.S.C.E. TEST PAPERS MCQ
OSSTA H.S.C.E. TEST PAPERS SUBJECTIVE
MODEL QUESTION WITH ANSWERS
ଦଶମ ଓ ଅଷ୍ଟମ ଶ୍ରେଣୀ ପାଇଁ
ସମସ୍ତଙ୍କ ଦ୍ୱାରା ଆଦୃତ ଓ ନିର୍ଭରଯୋଗ୍ୟ
ଓଷ୍ଟା ଟେଷ୍ଟ ପେପରସ୍
OSSTA CLASS-IX TEST PAPERS MCQ
OSSTA CLASS-IX SUBJECTIVE TEST PAPERS
ଅଗଷ୍ଟ ୨ୟ ସପ୍ତାହରେ ପ୍ରକାଶ ପାଇବ ନବମ ଶ୍ରେଣୀ ଟେଷ୍ଟ ପେପର
ବିକ୍ରୟ ଆରମ୍ଭ: ତା୦୪।୦୮।୨୦୨୫ରିଖଠାରୁ...

# ଭାରତ ଆସିବେ ମେସି

**ନୂଆଦିଲ୍ଲୀ,୨।୮(ପି.ଟି.)**



ଆସନ୍ତା ଡିସେମ୍ବରରେ ଫୁଟ୍‌ବଲ ସୁପରଷ୍ଟାର ତଥା ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଭାରତ ଟୁର୍‌ରେ ଆସିବେ। ତାଙ୍କର ଏହି ଟୁର କୋଲକାତାରୁ ଆରମ୍ଭ ହୋଇ ଅହମ୍ମଦାବାଦ ଓ ମୁମ୍ବାଇ ଦେଇ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଶେଷ ହେବ। ଏହି ଗସ୍ତ ଲାଗି ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବାବେଳେ ମେସିଙ୍କଠାରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି, ଯାହା କି ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ, ମେସି ଡିସେମ୍ବର ୧୨ ତାରିଖ ରାତି ପ୍ରାୟ ୧୦ଟାରେ କୋଲକାତା ବିମାନ ବନ୍ଦରରେ ପହଞ୍ଚିବେ ଏବଂ ୨ ଦିନ ଓ ଗୋଟିଏ ରାତି ରହିବେ।

ଗସ୍ତର ପ୍ରଥମ ଦିନ ଅର୍ଥାତ ୧୬ ତାରିଖରେ କୋଲକାତା ଲେକ ଟାଉନ ଶ୍ରୀଭୂମିରେ ତାଙ୍କର ଏକ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ। ଆୟୋଜକଙ୍କ ଦାବି ଅନୁଯାୟୀ, ଏହା ବିଶ୍ୱକପ୍ ବିଜୟୀ ମେସିଙ୍କର ପ୍ରଥମ ଓ ସର୍ବୋଚ୍ଚ ଷ୍ଟାଚ୍ୟୁ। ଏହାପରେ ସେ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ଏଥିରେ ସେ ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ, ଜନ ଆବ୍ରାହମ, ବାଇଚୁଙ୍ଗ ଭୁଟିଆଙ୍କ ଭଳି ସ୍ପୋର୍ଟ୍ସ ସେଲିବ୍ରିଟିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ସେଭେନ ସାଇଡ୍-ସଫ୍ଟ ବଲ ମ୍ୟାଚ୍ ଖେଳିବେ। ଇଡେନ ଗାର୍ଡେନ୍ସରେ ମେସିଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବର୍ଦ୍ଧିତ କରିପାରନ୍ତି। ୧୩ ତାରିଖ ସନ୍ଧ୍ୟାରେ ମେସି ଆଦାନୀ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅହମଦାବାଦ ଯିବେ। ଏହାପରେ ସେ ମୁମ୍ବାଇ ଯିବେ। ସେଠାରେ ସେ ୱାଙ୍ଖେଡେ ଷ୍ଟାଡିୟମରେ ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀଙ୍କ ସହ ଏକ ସେଭେନ-ଏ-ସାଇଡ୍ କ୍ରିକେଟ ମ୍ୟାଚ୍ ଖେଳିପାରନ୍ତି। ଭାରତୀୟ ଫୁଟବଲ ଦଳର ଖେଳାଳିଙ୍କ ସହ ମଧ୍ୟ ସେ ଆଲୋଚନା କରିବେ। ଡିସେମ୍ବର ୧୫ରେ ମେସି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ। ପରେ ଫେରୋଜ ଶାହା କୋଟଲାରେ ଗୋଟ କନସର୍ଟ ଓ ଗୋଟ କପ୍‌ରେ ଭାଗ ନେବେ। ପ୍ରତ୍ୟେକ ସହରରେ ମେସି ପରବର୍ତ୍ତୀ ପିଢ଼ିର ଭାରତୀୟ ଫୁଟବଲରଙ୍କୁ ପ୍ରେରଣା ଦେବା ପାଇଁ ଛୁଆଙ୍କର ଏକ ମାଷ୍ଟରକ୍ଲାସ ନେବେ।

## ସାଇନା-କଶ୍ୟପ ପୁଣି ଏକାଠି

**ହାଇଦ୍ରାବାଦ, ୨।୮:** ବିବାହ ବିଚ୍ଛେଦ ଘୋଷଣା କରିବାର ପାଖାପାଖି ଏକ ମାସ ପରେ ସାଇନା ନେହ୍ୱାଲ ଓ ପାରୁପଲୀ କଶ୍ୟପ ସେମାନଙ୍କ ବିବାହକୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୮ରେ ବିବାହ କରିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦମ୍ପତି ଗତ ଜୁଲାଇରେ ସୋସିଆଲ ମିଡିଆ ଜରିଆରେ ଆପୋସ ବୁଝାମଣାରେ ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ। କିନ୍ତୁ ଶନିବାର ସାଇନା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟ ଫ୍ୟାନ୍ସଙ୍କୁ ଚକିତ କରି ଦେଇଛି। କଶ୍ୟପଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପ୍‌ଶନରେ 'ବେଳେବେଳେ ଦୂରତା ତୁମ ଉପସ୍ଥିତିର ମୂଲ୍ୟ ଶିଖାଏ। ଆମେ ଏବେ ପୁଣି ଉଦ୍ୟମ କରୁଛୁ' ବୋଲି ସାଇନା ଉଲ୍ଲେଖ କରିଛନ୍ତି।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ରାକେଶ ଚାମ୍ପିୟନ

**ଭୁବନେଶ୍ୱର,୨।୮(ଅନାଦି କର)**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଶୁତୋଷ ପାଢ଼ୀଙ୍କୁ ହରାଇ ରାକେଶ ରୋଶନ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ରାକେଶଙ୍କୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ଆଶୁତୋଷଙ୍କୁ ରନରଅପ୍ ଟ୍ରଫି ସହ ସାଢ଼େ ୧୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ସେମିଫାଇନାଲରେ ପରାସ୍ତ ହୋଇଥିବା ସୁବ୍ରତ ଦାସ ଓ ଅବିନାଶ ମହାପାତ୍ରଙ୍କୁ ୬ ହଜାର ଲେଖାଏ ଏବଂ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୩ ହଜାର ଲେଖାଏ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଫାଇନାଲର ପ୍ରଥମ ଫ୍ରେମରେ ଚମତ୍କାର ୭୬ ସ୍କୋର କରିଥିବା ଆଶୁତୋଷଙ୍କୁ ୫୦୦୦ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ମୋଷ୍ଟ ପ୍ରୋମିଜିଂ ପ୍ଲେୟର ସେହିଭଳି ନିଶି ପ୍ରକାଶ ଦାସଙ୍କୁ ଆୱାର୍ଡ ପ୍ରଦାନ କରାଯାଇଛି।



ଚାମ୍ପିୟନ ରାକେଶ ରୋଶନ ପ୍ରଧାନ ଓ ରନରଅପ୍ ଆଶୁତୋଷ ପାଢ଼ୀ।

### ଡୁରାଣ୍ଡ କପ୍ ଫୁଟ୍‌ବଲ

## ନବାଗତ ଲଦାଖ ଏଫ୍‌ସିର ପ୍ରଥମ ମ୍ୟାଚ୍ ଡ୍ର

**ଜାମଶେଦପୁର, ୨।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଗ୍ରୁପ୍ 'ସି'ରେ ନବାଗତ ଲଦାଖ ଏଫ୍‌ସି ଓ ନେପାଳର ତ୍ରିଭୁବନ ଆର୍ମି ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୧-୧ରେ ଅମୀମାଂସିତ ରହିଛି। ଡିଫେଣ୍ଡର ସିଜୁ ୨୩ତମ ମିନିଟରେ ଲଦାଖର ପ୍ରଥମ ଖେଳାଳି ଭାବେ ଏହି ଆଇକନିକ ଟୁର୍ନାମେଣ୍ଟରେ ଗୋଲ ସ୍କୋର କରି ଇତିହାସ ସୃଷ୍ଟି କରିଥିଲେ। ମଧ୍ୟାନ୍ତର ପୂର୍ବରୁ ଅର୍ଥାତ୍ ଖେଳର ୪୦ତମ ମିନିଟ୍‌ରେ ନିରଞ୍ଜନ ଧାମି ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଆସିଥିଲେ।

## ୱାର୍ଲ୍ଡ ଚାମ୍ପିୟନ ରିଚାର୍ଡସନ ଗିରଫ

**ସିଆଟେଲ,୨।୮:** ୟୁଏସ୍ ଟ୍ରାକ ଓ ଫିଲ୍ଡ ଚାମ୍ପିୟନଶିପ୍ ଆରମ୍ଭ ହେବାର ୪ ଦିନ ପୂର୍ବରୁ ୧୦୦ ମିଟର ୱାର୍ଲ୍ଡ ଚାମ୍ପିୟନ ଶାକାରି ରିଚାର୍ଡସନଙ୍କୁ ଘରୋଇ ହିଂସା ଲାଗି ସିଆଟେଲ ବିମାନବନ୍ଦରରୁ ଗିରଫ କରାଯାଇଛି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ୨୫ ବର୍ଷୀୟା ରିଚାର୍ଡସନ ବିମାନବନ୍ଦରରେ ତାଙ୍କ ପୁରୁଷ ସାଥୀଙ୍କ ସହ ଯୁକ୍ତିତର୍କ ପରେ ତାଙ୍କୁ ଧକ୍କା ଦେଇଥିଲେ, ଯାହା ଫଳରେ ତାଙ୍କ ପୁରୁଷ ସାଥୀ ଏକ ଖୁମ୍ବରେ ପିଟି ହୋଇଯାଇଥିଲେ। ଏକ ରିପୋର୍ଟ ମୁତାବକ, ରିଚାର୍ଡସନଙ୍କୁ ୨୭ ତାରିଖ ସନ୍ଧ୍ୟାରେ ଗିରଫ କରାଯାଇ ପରଦିନ ଛଡ଼ା ଯାଇଥିଲା। ଗତ ଶୁକ୍ରବାର ସେ ଅତ୍ୟଧିକ ଖରା କାରଣରୁ ଅରେଗନର ୟୁଜିନରେ ୧୦୦ ମିଟର ସେମିଫାଇନାଲରେ ଓହରି ଯାଇଥିଲେ।


ନାଗପୁର (ମହାରାଷ୍ଟ୍ର): ଗ୍ରାଣ୍ଡମାଷ୍ଟର ତଥା ମହିଳା ବିଶ୍ୱକପ୍ ଚାମ୍ପିୟନ ଦିବ୍ୟା ଦେଶମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦିବ୍ୟାଙ୍କୁ ଶୁଭେଚ୍ଛା ଜଣାଇଲେ ସିଜେଆଇ

**ନାଗପୁର,୨।୮**

ଭାରତର ମୁଖ୍ୟ ବିଚାରପତି ଭୂଷଣ ଗଭାଇ ଶନିବାର ନୂଆ କରି ଫିଡେ ଚେସ୍ ୱାର୍ଲ୍ଡକପ୍ ଚାମ୍ପିୟନ ତଥା ଗ୍ରାଣ୍ଡମାଷ୍ଟର ହୋଇଥିବା ଦିବ୍ୟା ଦେଶମୁଖଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି। ୧୯ ବର୍ଷୀୟା ଦିବ୍ୟା ଗତ ୨୮ ତାରିଖରେ ବାଟୁମିଠାରେ ପ୍ରଥମ ଭରତୀୟ ଭାବେ ମହିଳାଙ୍କ ବିଶ୍ୱକପ୍ ଜିତିଥିଲେ। ସିଜେଆଇଙ୍କ ଘର ଅମରାବତୀ ହୋଇଥିବା ବେଳେ ଦେଶମୁଖଙ୍କ ଜେଜେବାପା ସ୍ୱର୍ଗତ ଡ. କେଜି ଦେଶମୁଖ ସେଣ୍ଟ ଗେଜ ବାବା ଅମରାବତୀ ୟୁନିଭର୍ସିଟିର ଭିସି ଥିଲେ। ଗଣମାଧ୍ୟମ ସହ କଥା ହେଲା ବେଳେ ସିଜେଆଇ କହିଛନ୍ତି ଯେ, ତାଙ୍କ ବାପା ଓ ସ୍ୱର୍ଗତ କେଜି ଦେଶମୁଖ ଘନିଷ୍ଠ ବନ୍ଧୁ ଥିଲେ। ଆମେ ଏକ ପରିବାର ଭାବେ ବଡ଼ ହୋଇଛୁ। ଏଠାକୁ ଭିଜିଟ୍ ଯୋଗୁ ମୋର ପୁରୁଣା କଥା ମନେପଡୁଛି। ୫୦ରୁ ୫୫ ବର୍ଷ ତଳ କଥା ମନେପଡୁଛି। ଏହା ମୋ ପାଇଁ ଏକ ଖୁବ୍ ଭଲ ପୁନର୍ମିଳନ ଥିଲା। ଆମ ସଭିଙ୍କୁ ଗର୍ବିତ କରିଥିବା ଦିବ୍ୟାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମୁଁ ଏଠାକୁ ଆସିଥିଲି।

# ହାଇଦ୍ରାବାଦରେ ଫିଫା ଟ୍ୟାଲେଣ୍ଟ ଏକାଡେମୀ

**ହାଇଦ୍ରାବାଦ,୨।୮(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା) ଭାରତର ଯୁବ ଖେଳାଳିମାନଙ୍କ ପାଇଁ ଶନିବାର ଏକ ଟ୍ୟାଲେଣ୍ଟ ଏକାଡେମୀ ପ୍ରତିଷ୍ଠା କରିବ। ଏଥିରେ ଦେଶର ପ୍ରତିଭା ସମ୍ପନ୍ନ ଫୁଟ୍‌ବଲ ଖେଳାଳିମାନେ ଉଚ୍ଚ ସ୍ତରୀୟ ଟ୍ରେନିଂ ଯୋଗାଇ ଦିଆଯିବ। ଏହି ପରିପ୍ରେକ୍ଷୀରେ ଏଆଇଏଫ୍‌ଏଫ୍, ଫିଫା ଓ ତେଲେଙ୍ଗାନା ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ତୃଣମୂଳ ସ୍ତରରେ ଫୁଟବଲ ଖେଳର ପ୍ରସାର କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ସ୍ଥାନୀୟ ଗାଚିବାଓଲି ଷ୍ଟାଡିୟମରେ ଏକାଡମୀ ପ୍ରତିଷ୍ଠା ହେବ। ଏଥିରେ ପ୍ରତ୍ୟେକ ବର୍ଗରେ ତେଲେଙ୍ଗାନର ୧୦ ଖେଳାଳିଙ୍କ ସମେତ ୬୦ ଏଲିଟ୍ ଖେଳାଳି ଯଥା ୩୦ ବାଳକ (୧୪ବର୍ଷରୁ କମ୍) ଓ ୩୦ ବାଳିକା (୧୬ ବର୍ଷରୁ କମ୍)ଙ୍କୁ ଡ୍‌ବର୍ଷସାରା ହାଇପରଫର୍ମାନ୍ସ ଟ୍ରେନିଂ, ଆବାସିକ ସୁବିଧା, ଶିକ୍ଷା, ଚିକିତ୍ସା ସେବା, ପୃଷ୍ଟିସାର ଓ ମାନସିକ ସୁସ୍ଥତା ସମେତ ବର୍ଷସାରା ଉଚ୍ଚ ପାରଦର୍ଶିତା ତାଲିମ ପଥଦାନ କରାଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ସିଂ ଚୌବେ କହିଛନ୍ତି, ଭାରତରେ ଖେଳ ପାଇଁ ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ବାଳିକା ଓ ବାଳକଙ୍କ ଲାଗି ଦୁଇଟି ପୃଥକ ଏକାଡମୀ ପ୍ରତିଷ୍ଠା କରାଯିବ। ଚୌବେ କହିଛନ୍ତି, ଭାରତ ୧୭ ବର୍ଷରୁ କମ୍ ପୁରୁଷ ଓ ମହିଳା ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲାଗି ସ୍ୱପ୍ନ ଦେଖୁଛି। ଏହି ଏକାଡେମୀ ସ୍ୱପ୍ନକୁ ସାକାର କରିବ ବୋଲି ଆଶା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ମଧ୍ୟ ଉପସ୍ଥିତ ଥିଲେ।



ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

ତରୁଣ ଆୟୁର୍ବେଦିକ୍ ପ୍ରଡକ୍ଟସ୍
ହାଇପାୱାର ସ୍କେବିଗନ୍ ®
ମଲମ ଓ ଲୋସନ
RING WORM OINTMENT SCABIGON TRADE MARK ସ୍କେବିଗନ୍ HIGH POWER TARUN AYURVEDIC PRODUCTS
କୋଳଦାଦ୍, ପାଣିକଦା ଓ ଗୋଇଠିଫଟା ପାଇଁ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ